READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୪ | ସଂଖ୍ୟା-୦୩ | ୨୭ ଜାନୁଆରୀ - ୨ ଫେବୃଆରୀ, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-03 | 27th JANUARY - 2nd FEBRUARY, 2020 | BHUBANESWAR | ₹ 5/- (8 Pages)

### ୪୬% ସାଂସଦଙ୍କ ନାଁରେ ରହିଛି ମାମଲା

## ରାଜନୀତିକୁ ଅପରାଧମୁକ୍ତ କରାଯାଉ

**ନୂଆଦିଲ୍ଲୀ :** ରାଜନୀତିକୁ ଅପରାଧ ମୁକ୍ତ କରାଯିବାର ଆବଶ୍ୟକତା ରହିଛି। ତେଣୁ ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ରାଜନୀତିରୁ ବାହାର କରାଯିବ। ସେମାନଙ୍କ ଉପସ୍ଥିତି ଦ୍ୱାରା ରାଜନୈତିକ ବାତାବରଣ କଳୁଷିତ ହୋଇଯାଉଛି। ରାଜନୀତିର ଅପରାଧିକରଣକୁ ରୋକିବାକୁ ହେଲେ ଅପରାଧିକ ପୃଷ୍ଠଭୂମି ରହିଥିବା ବ୍ୟକ୍ତି ବା ଦାଗୀ ନେତାମାନଙ୍କୁ ନିର୍ବାଚନ ଲଢ଼ିବା ପାଇଁ ରାଜନୈତିକ ଦଳ ଗୁଡିକ ଟିକଟ ଦେବା ଉଚିତ୍ ନୁହେଁ ବୋଲି ନିର୍ବାଚନ କମିଶନ ଦେଶର ଶୀର୍ଷ ଅଦାଲତ ସୁପ୍ରିମ୍‌କୋର୍ଟଙ୍କୁ କହିଛନ୍ତି। ୨୦୧୯ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ସର୍ବମୋଟ ୭,୯୨୮ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧,୫୦୦ଜଣ ଅପରାଧିକ ପୃଷ୍ଠଭୂମି ରହିଥିବା ପ୍ରାର୍ଥୀ ଥିଲେ।



ତେବେ, ପ୍ରାର୍ଥୀ ପତ୍ର ଯାଞ୍ଚ ଓ ନାକଚ ପରେ ଚୂଡାନ୍ତ ପର୍ଯ୍ୟାୟରେ ୨୦୧୯ ଲୋକସଭା ନିର୍ବାଚନ ଲଢ଼ିଥିବା ପ୍ରାର୍ଥୀଙ୍କ ମଧ୍ୟରେ ୩୪୨ଜଣ ଅପରାଧିକ ପୃଷ୍ଠଭୂମି ରହିଥିବା ପ୍ରାର୍ଥୀ ଥିଲେ ବୋଲି କହିଛନ୍ତି ନିର୍ବାଚନ କମିଶନ। ଏଥିସହ ରାଜୀନିର ଅପରାଧିକରଣକୁ ରୋକିବାକୁ ନିର୍ବାଚନ କମିଶନ ୨୦୧୮ରେ ଜାରି କରିଥିବା ଏକ ନିର୍ଦ୍ଦେଶନାମାରେ ଅପରାଧିକ ପୃଷ୍ଠଭୂମି ଥାଇ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ଭୋଟ ଗ୍ରହଣ ପୂର୍ବରୁ ସେମାନଙ୍କ ନାମରେ ରହିଥିବା ସମସ୍ତ ଅପରାଧର ବିଶଦ ବିବରଣୀ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଖବରକାଗଜମାନଙ୍କରେ ବିଜ୍ଞାପନ ଜରିଆରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ମଧ୍ୟ ସୁପ୍ରିମ୍‌କୋର୍ଟଙ୍କୁ ଜଣାଇଛନ୍ତି। ନିର୍ବାଚନ କମିଶନଙ୍କ ଠାରୁ ଏ ପ୍ରକାରର ଉତ୍ତର ପାଇବା ପରେ ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ ଆରଏଫ୍ ନରିମାନ ଓ ➤ ପୃ-୬

### ସରକାରୀ ନିର୍ମାଣରେ ଛାତ ହେଉ କି ପୋଲ ଭୁଶୁଡୁଛି କାହିଁକି ?

## ଏଥିପାଇଁ ଦାୟୀ କିଏ

**ଭୁବନେଶ୍ୱର, (ତାରକ ମହାନ୍ତି) :** କେନ୍ଦ୍ର ସରକାର ହୁଅନ୍ତୁ ବା ରାଜ୍ୟ ସରକାର ହୁଅନ୍ତୁ ନିର୍ମାଣ କାର୍ଯ୍ୟକୁ ବୈଷୟିକ ଜ୍ଞାନ କୌଶଳ ଓ ଦକ୍ଷତା ଭିତ୍ତିରେ ଠିକାଦାରଙ୍କୁ କାର୍ଯ୍ୟ ଦେଇଥାନ୍ତି। ମାତ୍ର ବିଡମ୍ବନାର ବିଷୟ ଯେ, ଅନେକ ସମୟରେ ଏହି ଠିକାଦାରମାନେ ଚୁକ୍ତି ଅନୁସାରେ କାର୍ଯ୍ୟ ନ କରିବା ଫଳରେ କେଉଁଠାରେ ପୋଲ ଭୁଶୁଡିଛି ତ ଆଉ କେଉଁଠାରେ ଛାତ ଭୁଶୁଡି ପଡୁଛି। ସଦ୍ୟତମ ଘଟଣା ହେଉଛି ଗତ ୩ମାସ ହେଲା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଆଧୁନିକୀକରଣ କାମ ଚାଲୁ ରହିଛି। ଟର୍ମିନାଲ-୧ ଓ ଟର୍ମିନାଲ-୨କୁ ସଂଯୋଗ ଲାଗି ଏକ ଛାତ ମଧ୍ୟ ପଡୁଥିଲା। ସବୁଦିନ ପରି ଶୁକ୍ରବାର ରାତିରେ ମଧ୍ୟ ଛାତ ନିର୍ମାଣ କାମ ଚାଲୁଥିଲା। ଛାତର ସେଣ୍ଟ୍ରିଂ ପଡୁଥିବା ବେଳେ ଉପରେ ୧୩



ଜଣ ଓ ତଳେ ୩ଜଣ ଶ୍ରମିକ କାମ କରୁଥିଲେ। ସେଣ୍ଟ୍ରିଂ ପଡୁଥିବା ବେଳେ ରାତି ପ୍ରାୟ ୧୧ଟା ବେଳେ ହଠାତ ଗୋଟିଏ ପଟ ଛାତ ଭୁଶୁଡି ପଡିଥିଲା। ବିଶାଳକାୟ ଛାତର ପ୍ରାୟ ୫୦ ମିଟରରୁ ଅଧିକ ଲମ୍ବର ଛାତଟି ଖସିପଡିଥିଲା। ଏକ ପିଲର ଦବି ଯିବାରୁ ଏଭଳି ଅଘଟଣ ଘଟିଥିଲା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ଛାତ ତଳେଇ ଭୁଶୁଡିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀ ଅକ୍ଳାନ୍ତ ପରିଶ୍ରମ କରି ଛାତ ତଳେ ଚାପି ହୋଇଥିବା ଦୁଇଜଣଙ୍କୁ ଉଦ୍ଧାର କରିଥିଲେ। ଜଣେ ଗୁରୁତର ଥିଲା ବେଳେ ଆଉ ଜଣଙ୍କୁ କ୍ୟାପିଟାଲ ହସ୍ପିଟାଲ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ନିର୍ମାଣଧୀନ ଛାତ ଭୁଶୁଡିବା ନେଇ କନ୍‌ଷ୍ଟ୍ରକସନ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ଦିଲ୍ଲୀପ ଖଟେଇଙ୍କ ବୟାନ, ସେ କହିଛନ୍ତି ଶ୍ରମିକମାନେ କାମ ସାରି ଫେରୁଥିଲେ ଓ ତାଙ୍କ ମଧ୍ୟରୁ ଦୁଇଜଣ ନିର୍ମାଣ ସ୍ଥଳ ତନଖି କରିବାକୁ ଯାଇଥିବା ବେଳେ ଏଭଳି ଘଟଣା ଘଟିଲା। ରାଜଧାନୀ ଭୁବନେଶ୍ୱରରେ ନିର୍ମାଣଧୀନ କାର୍ଯ୍ୟ କେଉଁଥିପାଇଁ ବାରମ୍ବାର ଭୁଶୁଡି ପଡୁଛି ସେ କଥାକୁ ପ୍ରଶାସନ ଗୁରୁତର ସହ ନେଉନାହିଁ। ➤ ପୃ-୬

## ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ/ଭୁବନେଶ୍ୱର :** ଚଳିତବର୍ଷ 'ପ୍ରଗତି'ର ପ୍ରଥମ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ସମୀକ୍ଷା କରି ଏହି ପ୍ରକଳ୍ପକୁ ଗତିଶୀଳ କରିବା ପାଇଁ ପଦକ୍ଷେପ ନେଇଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏପ୍ରକାର ସମୀକ୍ଷା ବହୁ ପ୍ରତିକ୍ଷୀତ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପକୁ ନିଶ୍ଚିତରୂପେ ତ୍ୱରିତ କ୍ରିୟାନ୍ୱୟନର ରାସ୍ତାକୁ ନେବ ଏବଂ ପ୍ରକଳ୍ପ ଶୀଘ୍ର ସମୟରେ ପୂର୍ଣ୍ଣାଙ୍ଗ ହେବ ବୋଲି ଶ୍ରୀ ପ୍ରଧାନ ଆଶାପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ



୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀର ଦାୟିତ୍ୱ ଗ୍ରହଣ କରିବା ପରେ ଦେଶରେ ପଡିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ପାଇଁ 'ପ୍ରଗତି'ର ଶୁଭାରମ୍ଭ

### 'ପ୍ରଗତି'ର ପ୍ରଥମ ବୈଠକ

### ପ୍ରକଳ୍ପର ତ୍ୱରିତ କ୍ରିୟାନ୍ୱୟନରେ ସହାୟକ ହେବ : ଧର୍ମେନ୍ଦ୍ର

କରିଥିଲେ। ଏହା ମାଧ୍ୟମରେ ଦେଶରେ ଦୀର୍ଘ ସମୟ ଧରି ପଡି ରହିଥିବା ମହତ୍ୱପୂର୍ଣ୍ଣ ପ୍ରକଳ୍ପ ଗୁଡିକକୁ ଖୋଦ୍ ପ୍ରଧାନମନ୍ତ୍ରୀ ତଦାରଖ କରୁଛନ୍ତି। ବର୍ଷ ୨୦୨୦ ପ୍ରଥମ ପ୍ରଗତି ବୈଠକରେ ୨୮୯ କିମି ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନର ସମୀକ୍ଷା କରି ପ୍ରଧାନମନ୍ତ୍ରୀ ତାଙ୍କର ଓଡିଶା ପ୍ରତି ଥିବା ପ୍ରାଥମିକତାକୁ ସୂଚାଇଛନ୍ତି। ଏହି ପ୍ରଗତିର ବୈଠକରେ ବହୁ ପ୍ରତିକ୍ଷୀତ ଏହି ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କ ସହଯୋଗ ଅପେକ୍ଷା କରିଛନ୍ତି। ଉଭୟ ଭାରତ ସରକାର ଓ ରାଜ୍ୟ ସରକାର ମିଶି ➤ ପୃ-୬

## ଏପ୍ରିଲ ୧ରୁ ଘଣ୍ଟାକରେ ମିଳିବ ଜମି ରେକର୍ଡ

**ଭୁବନେଶ୍ୱର :** ଏଣିକି ଜମି ବାଡି କାଗଜପତ୍ର ପାଇଁ ଦୀର୍ଘ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ନାହିଁ। ଏପ୍ରଲ୍ ପହିଲାରୁ ଜମି ସଂକ୍ରାନ୍ତୀୟ କାଗଜପତ୍ର ଘଣ୍ଟାଏ ମଧ୍ୟରେ ସମାଧାନ କରାଯିବ। ସବରେଜିଷ୍ଟ୍ରାର ଅଫିସରେ ପଞ୍ଜିକରଣ ପରେ ସେହିଦିନ ଅପରାହ୍ଣରେ ସବୁ ତଥ୍ୟ ବୋଲି ମିଳିବ କହିଛନ୍ତି ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର। ସେହିପରି ଫେବୃଆରୀ ୧୦ରେ ମୋ ସରକାରରରେ ରାଜସ୍ୱ ବିଭାଗକୁ ସାମିଲ କରାଯିବ। ଅନ୍ୟପକ୍ଷରେ ରାଜ୍ୟରେ ଅନେକ କଲେଜ ପ୍ରତିଷ୍ଠା ହେଉଥିଲେ ହେଁ ସେସବୁ ଗୁଡିକର ନିଜସ୍ୱ ଜମି ନାହିଁ। ତେଣୁ ଜମି ପାଇଁ ଆବେଦନ କରିବା ପାଇଁ ସମ୍ପୃକ୍ତ କଲେଜମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ମହାପାତ୍ର ଏହି ସୂଚନା ଦେଇଛନ୍ତି। ଯେଉଁ ତହସିଲଦାର କାମ ବାକିଆ ରଖିଛନ୍ତି ସେମାନଙ୍କ ଛୁଟି ବାତିଲ କରାଯାଉଛି। ଫେବୃଆରୀ ୫ ତାରିଖ ମଧ୍ୟରେ ଜମି ଆବେଦନକାରୀଙ୍କ କାଗଜପତ୍ର କାମ ଶେଷ କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ତହସିଲଦାର କାମ ବାକିଆ ରଖିଛନ୍ତି ସେମାନଙ୍କ ଛୁଟି ବାତିଲ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ଅନେକ କଲେଜ ପ୍ରତିଷ୍ଠା ହେଉଥିଲେ ହେଁ ସେସବୁ ଗୁଡ଼ିକର ➤ ପୃ-୬

### ବକ୍ରବାଣୀ



କନିଆ ରତନ ଅମୁଲ ମୁଲ
କହିବାକୁ କେତେ ଲାଗଇ ଭଲ
କନିଆ ଦିବସ ପାଳୁଛେ ସିନା
ଜନମ ଦବାକୁ ଫୁଉଲ୍ ମନା
କନିଆ ପାଇଁକି ସରାଗ କାହିଁ
ସଭାରେ ଗପନ୍ତି ଅନ୍ତରେ ନାହିଁ
କନିଆ ଜୀବନେ ଦବାକୁ ଖୁସି
ଯୋଜନା କରନ୍ତି ସର୍କାର ବସି
କନିଆ ଜନମ ପର ଘରକୁ
ସରଗ ବନାଏ ଦୁଇ କୁଳକୁ।

—— ଟୁଟୁ

## ଖୁବ୍‌ଶୀଘ୍ର ଓଡ଼ିଶାରୁ ପ୍ରୟାଗରାଜକୁ ଉଡିବ ବିମାନ

**ଭୁବନେଶ୍ୱର :** ଓଡ଼ିଶାରେ ବିମାନ ସଂଯୋଗ କ୍ଷେତ୍ରରେ ଅଧିକ ଉନ୍ନତି ଆଣିବା ସହ ଅଧିକ ବିମାନ ଚଳାଚଳ ପାଇଁ ଏୟାରଲାଇନ୍ ଅପରେଟରମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱରରେ ବିଭିନ୍ନ ଏୟାର୍‌ଲାଇନ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ)ମାନଙ୍କ ସହ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଓଡ଼ିଶାରେ ବିକାଶର କଥା ଉଲ୍ଲେଖ କରି ଉଭୟ ଘରୋଇ ଓ ଆନ୍ତର୍ଜାତିକ ଗନ୍ତବ୍ୟସ୍ଥଳୀ ପାଇଁ ନୂଆ ବିମାନ ଉଡ଼ାଣ କରିବାକୁ କେନ୍ଦ୍ର ସରକାର ଏବଂ ଏୟାର୍‌ଲାଇନ୍ ଅପରେଟରଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଗତ କିଛି ବର୍ଷ ଧରି ଓଡ଼ିଶାରେ ଦ୍ରୁତ ଅଭିବୃଦ୍ଧି ଘଟିଛି। ଖଣି, ବିପଣନ, ପର୍ଯ୍ୟଟନ, ସଂସ୍କୃତି, କ୍ରୀଡ଼ା, ଶିକ୍ଷା ଏବଂ ଆଇଟି କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିମାନେ ଏବେ ଅଧିକ ସଂଖ୍ୟାରେ ଓଡ଼ିଶାକୁ



ଆସୁଛନ୍ତି। ଗତ କିଛି ବର୍ଷରେ ଓଡ଼ିଶାରେ ବିମାନ ଯାତାୟାତରେ ବ୍ୟାପକ ଅଭିବୃଦ୍ଧି ହୋଇଛି। ଘରୋଇ ବିମାନ ସଂଯୋଗରେ ଉନ୍ନତି ଆସିଥିବାରୁ ଆନ୍ତର୍ଜାତିକ ସଂଯୋଗ ପାଇଁ ଏକ ବୃହତ୍ କ୍ଷେତ୍ର ସୃଷ୍ଟି ହୋଇଛି। ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ପୂର୍ବ ଏସୀୟ ଦେଶଗୁଡ଼ିକରେ ଅଧିକ ସଂଖ୍ୟକ ପ୍ରବାସୀ ଓଡ଼ିଆ ରହିଛନ୍ତି। ଏହାଛଡ଼ା ମଧ୍ୟ-ପୂର୍ବ ଦେଶଗୁଡ଼ିକରେ ବହୁ ଲୋକ କାର୍ଯ୍ୟ କରୁଛନ୍ତି। ଆମର 'ସ୍କିଲ୍ଡ ଇନ୍ ଓଡ଼ିଶା' ବ୍ରାଣ୍ଡ୍ ରାଜ୍ୟକୁ ସୁଦୃଢ଼ କରିଛି। ବିଶ୍ୱର ବହୁ ଦେଶରେ ଆମର ପ୍ରଫେସନାଲ୍‌ଙ୍କର ଢେର୍ ଚାହିଦା ରହିଛି। ଏହାକୁ ଦୃଷ୍ଟିରେ ରଖି ଦୁବାଇ, ଆବୁଧାବି, ସିଙ୍ଗାପୁର, ଶ୍ରୀଲଙ୍କା, ହଂକଂ ଏବଂ ବ୍ୟାଂକକ୍‌କୁ ଭୁବନେଶ୍ୱରରୁ ଅଧିକ ଆନ୍ତର୍ଜାତିକ ବିମାନ ଉଡ଼ାଣ କରାଗଲେ ଓଡ଼ିଶାର ଲୋକେ ସୁବିଧାରେ ଯାତ୍ରା କରିପାରିବେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ବିମାନ ସଂଯୋଗ ବୃଦ୍ଧି ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଏହାସହ ଓଡ଼ିଶାରୁ ପୁଣେ, ଜୟପୁର, ଲକ୍ଷ୍ନୌ, ଚେନ୍ନାଇ, ଭାଇଜାଗ୍, କୋଚି ଏବଂ ରାଞ୍ଚିକୁ ନୂଆ ବିମାନ ଉଡ଼ାଣ କରାଯାଉ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଭୁବନେଶ୍ୱରରୁ ସିଙ୍ଗାପୁର, ଦୁବାଇ, ଆବୁଧାବି ସମେତ ୧୨ଟି ସ୍ଥାନକୁ ବିମାନ ଉଡିବା ନେଇ ଯୋଜନା ପ୍ରସ୍ତୁତ ହୋଇଛି। ଏନେଇ ରାଜ୍ୟ ସରକାରଙ୍କ ସହ ବିମାନ କମ୍ପାନୀଙ୍କ ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ ପ୍ରସ୍ତାବ ଦିଆଯାଇଛି। ଏହି ବୈଠକରେ ଓଡ଼ିଶାରୁ ୧୨ଟି ନୂଆ ବିମାନ ଉଡ଼ାଣ ନେଇ ଆଲୋଚନା ହୋଇଥିଲା। କୋଲକାତା-ଝାରସୁଗୁଡ଼ା, ଭୁବନେଶ୍ୱର-ବାରାଣସୀ, ବାରାଣସୀ- ଭୁବନେଶ୍ୱର, ଝାରସୁଗୁଡ଼ା-ମୁମ୍ବାଇ, ପ୍ରୟାଗରାଜ-ଭୁବନେଶ୍ୱର, ଦିଲ୍ଲୀଭୁବନେ ଶ୍ୱର, ଭୁବନେଶ୍ୱର-ରାଉରକେଲା, ଭୁବନେଶ୍ୱର-କଲାଇକୁନ୍ଦ, ଭୁବନେଶ୍ୱର-ବ୍ୟାକଂକ୍, ବ୍ୟାଂକକ୍-ଭୁବନେଶ୍ୱର, ସିଙ୍ଗାପୁର-ଭୁବନେଶ୍ୱର ଏବଂ ଭୁବନେଶ୍ୱର-ଆବୁଧାବିକୁ ବିମାନ ଚଳାଚଳ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ତେବେ ଜୁଲାଇ ପହିଲାରୁ ଭୁବନେଶ୍ୱରରୁ ପ୍ରୟାଗରାଜକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ । ଇଣ୍ଡିଗୋ ପକ୍ଷରୁ ଏହି ବିମାନ ଉଡ଼ିବ ବୋଲି ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀ ସୂଚନା ଦେଇଛନ୍ତି। ଆଗକୁ ଝାରସୁଗୁଡ଼ା ମୁମ୍ବାଇ, ➤ ପୃ-୬

## ଭାଜପାର ଶକ୍ତିବୃଦ୍ଧି, ବିପର୍ଯ୍ୟୟ ସ୍ଥିତିରେ ବିଜେଡି

**ସମ୍ବଲପୁର, (ଦାମୋଦର ପଣ୍ଡା) :** ସମ୍ବଲପୁର ଜିଲ୍ଲାରେ ଭାରତୀୟ ଜନତା ପାର୍ଟିର ସଙ୍ଗଠନ ସୁଦୃଢ଼ ହେବାରେ ଲାଗିଛି। ଅପର ପକ୍ଷରେ ଗତ ସାଧାରଣ ନିର୍ବାଚନ ଠୁ ଏଯାଏଁ ବହୁ ଗୋଷ୍ଠୀ ଦ୍ୱାରା ବିଭକ୍ତ ବିଜୁ ଜନତା ଦଳର ଜିଲ୍ଲା ସଭାପତି ପଦ ଏଯାଏଁ ଖାଲି ରହିଛି ଏବଂ ଏକଦା କଂଗ୍ରେସ ଗଡ ଭାବେ ପରିଚିତ ସମ୍ବଲପୁରରେ ଦଳ ସଂଗଠନ ସଜାଡିବା ଆରମ୍ଭ କରିଛି। ୨୦୧୪ ସାଧାରଣ ନିର୍ବାଚନରେ ସମ୍ବଲପୁର ସଂସଦୀୟ ଆସନ ସମେତ ଜିଲ୍ଲାର ଚାରିଟି ବିଧାନସଭା ଆସନରୁ ୨ଟି ବିଜେପି ହାତକୁ ଯାଇଛି। ବିଜେଡି ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ଆସନ ହରେଇଛି।

ବିଜେଡିର ଏହି ଦୟନୀୟ ସ୍ଥିତି ତର୍ଜମା କଲେ ଜଣାଯାଏ ଯେ, ପୂର୍ବତନ ବିଧାୟିକା ଡ. ରାସେଶ୍ୱରୀ ପାଣିଗ୍ରାହୀ ଅଣରାଜନୈତିକ ପୃଷ୍ଠଭୂମିରୁ ବିଧାୟିକା ହୋଇଥିବା ବେଳେ ଦଳୀୟ ସଂଗଠନକୁ ମଜବୁତ୍




କରିବାରେ ବିଫଳ ହୋଇଥିଲେ ଏବଂ ବହୁ ପୁରୁଣା ଓ ତୁଙ୍ଗ ନେତାମାନେ ନିଜ ମାଟିରେ ସମାନ୍ତରାଳ ସଂଗଠନ ଓ ସଭାମାନ କରିବାରେ ନଜିର ରହିଛି। ବହୁବିଧ କାରଣରୁ ଜିଲ୍ଲା ସଭାପତି ଥିବା ଡ.ପ୍ରମୋଦ ରଥଙ୍କୁ ସଭାପତି ପଦରୁ ହଟେଇ ଦିଆଯାଇଥିଲା ଓ ଏଯାଏଁ କାହାକୁ ସଭାପତି ପଦ ଦିଆଯାଇନାହିଁ। ବିଜେପିରୁ ଆସିଥିବା ଯୁବନେତା ଜୟବ୍ରତ ଦେ'ଙ୍କୁ ଦଳରୁ ବହିଷ୍କାର କରାଗଲା ଓ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡା ହୋଇ ବିଜେଡି ପ୍ରାର୍ଥୀଙ୍କ ପରାଜୟର ପ୍ରମୁଖ କାରର ଥିଲେ। ତେବେ ପୂର୍ବରୁ ଜିଲ୍ଲା ସଭାପତି ଥିବା ଦୃଢ଼ ସଂଗଠକ ଇଂ. ରୋହିତ ପୂଜାରୀ ଦୁଇଥର ରେଢ଼ାଖୋଲ ଆସନରୁ ବିଜୟୀ ହୋଇ ଦଳର ପତିଆରା ରକ୍ଷା କରିବାରେ ସଫଳ ହୋଇଛନ୍ତି। ଦଳ ମଧ୍ୟରେ ତାଙ୍କର ବହୁ ସମର୍ଥକ ଥିବାର ମଧ୍ୟ ପରିଲକ୍ଷିତ ହେଉଛି।

ବିଜେପିର ଶକ୍ତିବୃଦ୍ଧିର କାରଣ ନିର୍ବାଚନ ପରିଚାଳନାରେ ତଥା ସଂଗଠନ ସୁଦୃଢ଼ କରିବାରେ ମାହିର ଥିବା ତୁଙ୍ଗ ନେତା ଜୟନାରାୟଣ ମିଶ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଓ ନିଜେ ଜିଣିବାରେ ସମର୍ଥ ହୋଇଥିଲେ। ସେହିଭଳି ବିଜେଡି କବ୍‌ଜାରେ ଥିବା ରେଙ୍ଗାଲି ବିଧାନସଭା ଆସନରେ ନୂତନ ଭାବେ ବିଜେଡିରେ ଯୋଗ ଦେଇଥିବା ନବ ଦାସଙ୍କ ସମର୍ଥକ ତଥା ଗୃହିଣୀ ରୀନା ତନ୍ତୀ ପ୍ରାର୍ଥୀ ହୋଇଥିଲେ। ବର୍ଷସାରା ସଂଗଠନ ଓ ଲୋକଙ୍କ ପାଇଁ ଆନ୍ଦୋଳନ କରୁଥିବା ବିଜେପିର ନାଉରୀ ନାୟକ ବିଜୟୀ ହୋଇଥିଲେ। ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** – ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ରାଜନୀତିରେ ସଫଳତା ହାସଲ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଖେଳିଯିବ।

**ବୃଷ** – କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ** – ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**କର୍କଟ** – ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧାନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।

**ସିଂହ** – ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।

**କନ୍ୟା** – ନୂତନ ଯାନ କ୍ରୟ କରିବେ। ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। କର୍ମକ୍ଷେତ୍ରରେ ଆଶା କରିଥିବା ଇଚ୍ଛା ପୂରଣ ହେବ। ବ୍ୟବସାୟୀମାନେ ଲାଭରୁ ବଞ୍ଚିତ ରହିବେ। ରାଜନୈତିକ କ୍ଷେତ୍ରରେ ସଫଳ ହେବେ।

**ତୁଳା** – କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।

**ବିଛା** – ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।

**ଧନୁ** – ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ। ବିଦେଶ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ବିଦେଶଯାତ୍ରା କରିବେ। ମହିଳାମାନେ ଆନନ୍ଦରେ ସମୟ କାଟିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି।

**ମକର** – କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସା ପାଇବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ତୀର୍ଥସ୍ଥାନ ଭ୍ରମଣ କରି ଆନନ୍ଦିତ ହେବେ। ଶାରୀରିକ ଅସୁସ୍ଥତା ଦୂର ହେବ। ବ୍ୟବସାୟରେ ଲାଭବାନ୍ ହେବେ।

**କୁମ୍ଭ** – ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ** – ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ। ଯାନବାହନ ପ୍ରତି ସତର୍କ ରହିବେ।

ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ‘ବ୍ୟୋମିତ୍ରା’ ଯିବ ମହାକାଶ



**ବେଙ୍ଗାଲୁରୁ :** ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ପ୍ରଥମ ମାନବ ମହାକାଶ ଯାନ କାର୍ଯ୍ୟକ୍ରମ ‘ଗଗନଯାନ’ ଅଭିଯାନ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ୪ଜଣ ମହାକାଶଚାରୀ ଏହି ଯାନରେ ମହାକାଶକୁ ଯିବେ। ସେମାନଙ୍କୁ ଋଷରେ ପ୍ରଶିକ୍ଷଣ ଦିଆଯିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଗଗନଯାନରେ ମଣିଷ ଯିବା ପୂର୍ବରୁ ମହାକାଶର ସ୍ଥିତିକୁ ଭଲ ଭାବରେ ବୁଝିବା ଲାଗି ‘ବ୍ୟୋମିତ୍ରା’କୁ ପଠାଯିବ। ଏହି ବ୍ୟୋମିତ୍ରା ହେଉଛି ଏକ ରୋବୋଟ୍। ଯାହା ଏକ ମଣିଷ ଆକୃତିର। ଏହାର ନାମ ରଖାଯାଇଛି ‘ବ୍ୟୋମିତ୍ରା’ ୨୦୨୨ରେ ଗଗନଯାନ ମହାକାଶକୁ ପଠାଯିବ। ତେବେ ଏହା ପୂର୍ବରୁ ‘ବ୍ୟୋମିତ୍ରା’କୁ ମହାକାଶ ପଠାଯିବ। ଗଗନଯାନରେ କୌଣସି ମହିଳାଙ୍କୁ ସାମିଲ କରାଯାଇନାହିଁ। ତେଣୁ ଏହି ରୋବୋଟ୍‌କୁ ଜଣେ ମହିଳାଙ୍କ ରୂପ ଦିଆଯାଇଛି। ଇସ୍ରୋର ବୈଜ୍ଞାନିକ ଶ୍ୟାମ ଦୟାଲ କହିଛନ୍ତି, ଏହି ରୋବୋଟ୍ ଏକ ମଣିଷ ପରି କାମ କରିବ ଏବଂ ସେଠାରୁ ଆମକୁ ରିପୋର୍ଟ ପଠାଇବ। ବ୍ୟୋମିତ୍ରା ଅନେକ କାର୍ଯ୍ୟ କରିବାରେ ସକ୍ଷମ। ୨ ପ୍ରକାର ଭାଷା କହିପାରୁ ଥିବା ଏହି ରୋବୋଟ୍ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଥିବା ଇସ୍ରୋ ଅଧ୍ୟକ୍ଷ କେ.ଶିବନ କହିଥିଲେ। ଏହି ଅଭିଯାନରେ ମଣିଷଙ୍କୁ ମହାକାଶ ପଠାଇବା ଏବଂ ସେମାନଙ୍କୁ ସୁରକ୍ଷିତ ଫେରାଇ ଆଣିବାରେ ଆମର ଦକ୍ଷତା ମାପିବା ସମେତ ଅନେକ ଉଦ୍ଦେଶ୍ୟକୁ ଏହି ରୋବୋଟ ସାକାର କରିବ ବୋଲି ଶିବନ କହିଛନ୍ତି। ଗତବର୍ଷ ଶିବନ କହିଥିଲେ, ଗଗନଯାନକୁ ପଠାଇବା ପୂର୍ବରୁ ୨ଟି ମାନବ ରହିତ ଯାନ ପଠାଯିବ। ଏଥିରେ ଏହି ରୋବୋଟକୁ ମହାକାଶ ପ୍ରେରଣ କରାଯିବ। ଆମ ରୋବୋଟ୍ ଏକ ମଣିଷ ପରି ହେବ, ସିଏ ମଣିଷ ଭଳି ସମସ୍ତ କାର୍ଯ୍ୟ କରିବାରେ ସକ୍ଷମ ହୋଇପାରିବ।

# ଗରିବଙ୍କ ଶ୍ରମରେ ବିତ୍ତଶାଳୀ ତେଜିୟାନ

**ନୂଆଦିଲ୍ଲୀ :** ବିଶ୍ୱର ବହୁ ପ୍ରଗତିଶୀଳ ଅର୍ଥନୈତିକ ରାଷ୍ଟ୍ରମାନଙ୍କରେ ଆୟ ଏବଂ ବିତ୍ତୀୟ ଅସମତୁଲତା ଏବଂ ପକ୍ଷପାତିତାକୁ ନେଇ ଯେଉଁ ସମସ୍ୟା ବୃଦ୍ଧି ପାଇଚାଲିଛି ସେଥିରୁ ଭାରତ ଭଳି ଏକ କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତି ମଧ୍ୟ ବାଦ୍ ପଡ଼ିନାହିଁ। ଏଠାରେ ବିଶେଷକରି ସାଧାରଣ ଏବଂ ଗରିବ ମହିଳା ଓ ଯୁବତୀମାନଙ୍କ ଶ୍ରମରେ ବିତ୍ତଶାଳୀଙ୍କ ଭାଗ୍ୟ ଗଢ଼ି ଉଠୁଛି ବୋଲି ଅକ୍ସଫାମ୍ ରିପୋର୍ଟରେ କୁହାଯାଇଛି। ଭାରତର ୬୩ ଜଣ ଆରବପତିଙ୍କ ସମୁଦାୟ ସମ୍ପତ୍ତି ମୂଲ୍ୟ ଏହାର ୨୦୧୮-୧୯ ଆର୍ଥିକ ବର୍ଷର ବଜେଟ୍ ତୁଳନାରେ ଅଧିକ ଥିଲା ଯାହାକି ୨୪,୪୨,୨୦୦ କୋଟି ଟଙ୍କା ସହ ସମାନ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଏ ସମ୍ପର୍କରେ କରାଯାଇଥିବା ଅନୁଧ୍ୟାନ ରିପୋର୍ଟରେ କୁହାଯାଇଛି ଯେ, ଗୋଟିଏ ବୈଷୟିକ କମ୍ପାନୀର ଜଣେ ସିଇଓ ବର୍ଷକୁ ଯେତିକି ଆୟ କରିଥାଆନ୍ତି ସେତିକି ଆୟ ପାଇଁ ଜଣେ ଘରୋଇ ମହିଳା ଶ୍ରମିକଙ୍କୁ ଅନ୍ୟୂନ ୨୨,୨୭୭ ବର୍ଷ ଲାଗିବ। ଜଣେ ଟେକ୍ ସିଇଓ ପ୍ରତି ସେକେଣ୍ଡରେ ୧୦୬ ଟଙ୍କା କମାଉଥିଲା ବେଳେ ୧୦ ମିନିଟ୍‌ରେ ସେ ଯେତିକି ଆୟ କରିଥାଆନ୍ତି ସେତିକି ଆୟ କରିବା ପାଇଁ ଜଣେ ଘରୋଇସ୍ତରର ମହିଳା ଶ୍ରମିକଙ୍କୁ ପ୍ରାୟ ୧ ବର୍ଷ ସମୟ ଲାଗିଥାଏ ବୋଲି ଏହି ରିପୋର୍ଟରେ କୁହାଯାଇଛି। ସେହପରି ଘରୋଇସ୍ତରରେ ମହିଳା ଏବଂ ଯୁବତୀମାନେ ଦୈନିକ ୩୨୬ କୋଟି ଘଣ୍ଟା ସେବାମୂଳକ କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ଏଥିପାଇଁ ଯଦି ସେମାନଙ୍କୁ ପାରିଶ୍ରମିକ ମିଳୁଥାଆନ୍ତା, ତେବେ ଭାରତୀୟ ଅର୍ଥନୀତିକୁ ସେମାନଙ୍କ ଅବଦାନ ବାର୍ଷିକ ୧୯ ଲକ୍ଷ କୋଟି ଟଙ୍କା ହୋଇଥାଆନ୍ତା ବୋଲି ଅକ୍ସଫାମ୍ ରିପୋର୍ଟରେ କୁହାଯାଇଛି।

# ମାନ୍ଦାବସ୍ଥା ସାମୟିକ : ଆଇଏମ୍ଏଫ୍ ମୁଖ୍ୟ

**ନୂଆଦିଲ୍ଲୀ :** ଭାରତୀୟ ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥା ସାମୟିକ ବୋଲି ଆଇଏମ୍ଏଫ୍ କ୍ରିଷ୍ଟାଲିନା ଜର୍ଜିଭା କହିଛନ୍ତି। ଏଥିସହ ସେ କହିଛନ୍ତି ଖୁବ୍‌ଶୀଘ୍ର ଅର୍ଥନୀତିକ ସ୍ଥିତି ସୁଧୁରିବା ଆରମ୍ଭ କରିବ। ୱାଲ୍ଡ ଇକୋନୋମିକ୍ ଫୋରମ୍‌ରେ ସେ ଏପରି କହିଛନ୍ତି। ସେ କହିଛନ୍ତି ଯେ, ୨୦୧୯ ମସିହା ଅକ୍ଟୋବରରେ ଅନୁଷ୍ଠିତ ୱାଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍ ସମୟର ସ୍ଥିତି ତୁଳନାରେ ଜାନୁଆରୀ ୨୦୨୦ରେ ବିଶ୍ୱ ଭଲ ସ୍ଥିତିରେ ପହଞ୍ଚିଛି। ଏପରି ସକରାତ୍ମକ ପରିବର୍ତ୍ତନର କାରଣ ସ୍ୱରୂପ ସେ କହିଛନ୍ତି ଯେ, ଚାଇନା ଏବଂ ଆମେରିକା ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ଥମିବା ଏବଂ ପ୍ରଥମ ପର୍ଯ୍ୟାୟ ବାଣିଜ୍ୟିକ ଚୁକ୍ତି। ଏପରିକି ଟିକସ ହ୍ରାସ ମଧ୍ୟ ବିଶ୍ୱ ସ୍ତରରେ ଅର୍ଥନୀତି ପାଇଁ ଶୁଭଙ୍କର ହୋଇଛି। ତେବେ ୩.୩% ଅଭିବୃଦ୍ଧି ହାର ବିଶ୍ୱ ଅର୍ଥନୀତି ପାଇଁ ଏତେ ଭଲ ନୁହେଁ ବୋଲି ସେ କହିଛନ୍ତି। ଇଣ୍ଟରନ୍ୟାସନାଲ ମନିଟାରୀ ଫଣ୍ଡ (ଆଇଏମ୍ଏଫ୍)ର ପରିଚାଳନା ନିର୍ଦ୍ଦେଶକ କହିଛନ୍ତି, ଏବେବି ଅଭିବୃଦ୍ଧି ଧିମା ରହିଛି। ଆମେ ଚାହୁଁଛୁ ଆର୍ଥିକ ନୀତି ଆହୁରି ପ୍ରଭାବୀ ହେଉ। ଆମେ ଆହୁରି ଗଠନଗତ ସଂସ୍କାର ଚାହୁଁଛୁ ଏବଂ ଅର୍ଥନୀତି ଆହୁରି ଅଧିକ ଗତିଶୀଳ ହେଉ। ସେ ଭାରତ ବାବଦରେ କହିଛନ୍ତି, ଆମେ ଭାରତ ପରି ବୃହତ ଅର୍ଥନୀତିକ ବଜାରରେ ତଳମୁହାଁ ଅର୍ଥନୀତି ଦେଖିଛୁ, ଏହା ସାମୟିକ ବୋଲି ଆମର ବିଶ୍ୱାସ। ଆମେ ଆଶା କରୁଛୁ ଏହା ଆଗକୁ ସୁଧୁରିବ। ଏତଦ୍‌ବ୍ୟତୀତ ଇଣ୍ଡୋନେସିଆ ଏବଂ ଭିଏତନାମ ପରି ସ୍ଥାନରେ ସ୍ଥିତି ଉଜ୍ଜ୍ୱଳ ହେବାରେ ଲାଗିଛି। ସେ କହିଛନ୍ତି, କିଛି ଆଫ୍ରିକୀୟ ଦେଶ ବେଶ ଭଲ କରୁଛନ୍ତି। କିନ୍ତୁ ମେକ୍ସିକୋ ଭଳି କିଛି ଦେଶ ଏପରି କରିବାରେ ବିଫଳ ହୋଇଛନ୍ତି। ବିଶ୍ୱ ଅର୍ଥନୀତି ପାଇଁ ବିପଦ ବାବଦରେ ଆଇଏମ୍ଏଫ୍ ମୁଖ୍ୟ ଦୀର୍ଘକାଳୀନ ଉତ୍ପାଦନ ଏବଂ କମ୍ ମୁଦ୍ରାସ୍ଫୀତି ଆଦିରେ ଦୁର୍ବଳତା ଆଦିକୁ ତାଲିକାଭୁକ୍ତ କରିଛନ୍ତି।

# ‘ଅତ୍ୟଧିକ ଟିକସ ଆଦାୟ ସାମାଜିକ ଅନ୍ୟାୟ’



**ନୂଆଦିଲ୍ଲୀ :** ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍ଏ ବୋବ୍‌ଡେ ଟିକସ ବିବାଦ ଯେତେ ଶୀଘ୍ର ସମ୍ଭବ ତୁଟାଇବାକୁ ପରାମର୍ଶ ଦେଇଛନ୍ତି। ଟିକସ ନ୍ୟାୟପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ସେ ଆଲୋକପାତ କରିବା ସହ ଏଥିସହିତ ଜଡିତ ବିଭିନ୍ନ ମାମଲା ପଡି ରହିବା ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ଟିକସ ଆଦାୟର ପରିମାଣ ନାଗରିକଙ୍କ ଉପରେ ଯେପରି ଚାପ ସୃଷ୍ଟି ନକରେ ସେଥିପ୍ରତି ଦୃଷ୍ଟିଦେବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ଇନ୍‌କମ୍ ଟ୍ୟାକ୍ସ ଆପେଲେଟ୍ ଟ୍ରିବ୍ୟୁନାଲର ୭୯ତମ ପ୍ରତିଷ୍ଠା ଦିବସରେ ସେ ଏଭଳି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଟିକସ ଫାଙ୍କି ଯେଉଁଭଳି ଭାବେ ନାଗରିକଙ୍କ ପାଇଁ ସାମାଜିକ ଅନ୍ୟାୟ, ଠିକ୍ ସେହିଭଳି ଅତ୍ୟଧିକ ଟିକସ ଆଦାୟ ମଧ୍ୟ ସରକାରଙ୍କ ପାଇଁ ସାମାଜିକ ଅନ୍ୟାୟ। ଟିକସ ଆଦାୟକୁ ନେଇ ଭାରତୀୟ ପରମ୍ପରାର ଉଦାହରଣ ଦେଇ ସେ କହିଥିଲେ ଯେ, ଲୋକଙ୍କ ଠାରୁ ଟିକସ ଆଦାୟ ମହୁମାଛି ପରି ହେବା ଦରକାର। ମହୁମାଛି ଯେପରି ଫୁଲକୁ କୌଣସି ଆଘାତ ନଦେଇ ମଧୁ ସଂଗ୍ରହ କରିଥାଏ, ଟିକସ ଠିକ୍ ସେପରି ଆଦାୟ ହେବା ଦରକାର। ସେ ଟିକସ ବିବାଦ ଗୁଡ଼ିକର ଶୀଘ୍ର ସମାଧାନକୁ ଗୁରୁତ୍ୱ ଦେବାକୁ କହିଛନ୍ତି। ଏହାର ତ୍ୱରିତ ସମାଧାନ ଟିକସଦାତାଙ୍କ ପାଇଁ ଟିକସ ଫାଇଦା ପରି। ସେହିଭଳି ଟିକସ ଆଦାୟକାରୀଙ୍କ ପାଇଁ ମଧ୍ୟ ଏହା ସହାୟକ। ସୂଚନାଥାଉ କି, ଗତ ଦୁଇବର୍ଷରେ ସୁପ୍ରିମ୍‌କୋର୍ଯ, ହାଇକୋର୍ଟ ଏବଂ କଷ୍ଟମ୍ସ ଏକ୍ସାଇଜ୍ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ଆପେଲେଟ୍ ଟ୍ରିବ୍ୟୁନାଲ (ସିଇଏସ୍‌ଟିଏଟି)ରେ ଟିକସ ସମ୍ପର୍କିତ ମାମଲା ୬୧% ହ୍ରାସ ଘଟି ୧.୦୫ ଲକ୍ଷ୍ୟକୁ ଖସିଆସିଛି। ୨୦୧୭ରେ ଏହାର ସଂଖ୍ୟା ୨,୭୩,୫୯୧ ଥିଲା ଏବଂ ଏହା ବର୍ତ୍ତମାନ ୧,୦୫,୭୫୬କୁ ଖସିଆସିଛି। ତେବେ ପଡି ରହିଥିବା ମାମଲାର ସମାଧାନ ପାଇଁ କେବଳ ଟ୍ରିବ୍ୟୁନାଲ ଖୋଲି ଦେଲେ ଚଳିବ ନାହିଁ ବୋଲି ସେ କହିଛନ୍ତି। ସେହିଭଳି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକ୍ନୋଲୋଜିର ବ୍ୟବହାର ବାବଦରେ ସେ କହିଥିଲେ, ଏହାର ଉପଯୋଗ ବେଳେ ଆମକୁ ସତର୍କ ହେବାକୁ ପଡିବ ଯେପରି ମାନବିକ ବିବେକକୁ ଏହା କ୍ଷତି ନ ପହଞ୍ଚାଏ। ନିଷ୍ପତ୍ତି ନେବାରେ ଏହା କେବେ ମଧ୍ୟ ମାନବିକ ବିବେକର ସ୍ଥାନ ନେଇପାରିବନାହିଁ ବୋଲି ସେ କହିଛନ୍ତି।

# ସିଏଏ ରହିତାଦେଶକୁ ସୁପ୍ରିମ୍‌କୋର୍ଟଙ୍କ ନା



**ନୂଆଦିଲ୍ଲୀ :** ନାଗରିକତା ସଂଶୋଧନ ଆଇନ (ସିଏଏ) ଉପରେ ରହିତାଦେଶ ଦେବାକୁ ମନା କରିଦେଇଛନ୍ତି ସୁପ୍ରିମ୍‌କୋର୍ଟ। ଏହି ଆଇନ ଉପରେ ରୋକ୍ ଲଗାଇବାକୁ ହୋଇଥିବା ଏକାଧିକ ପିଟିସନର ଶୁଣାଣି କରି ସୁପ୍ରିମ୍‌କୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେବା ସହିତ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ତଲବ କରିଛନ୍ତି। କେନ୍ଦ୍ରର ମତ ନ ଶୁଣି ଏକପାଖିଆ ଶୁଣାଣି ହୋଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ତେଣୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କୋର୍ଟ ନୋଟିସ ଜାରି କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍ ଏ ବୋବଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଏସ.ଅବଦୁଲ ନଜୀର ଏବଂ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସିଏଏ ସମ୍ପର୍କିତ ୧୪୪ ପିଟିସନର ଏକକାଳୀନ ଶୁଣାଣି କରିଥିଲେ। ଏସବୁ ପିଟିସନ ଗୁଡିକ ମଧ୍ୟରୁ ଅନେକ ପିଟିସନରେ ଆଇନକୁ ବିରୋଧ କରାଯାଇଥିଲା ବେଳେ ଆଉ କିଛି ପିଟିସନ ଆଇନ ସମର୍ଥନରେ ରହିଥିଲା। ଅଧିକାଂଶ ପିଟିସନରେ ସିଏଏର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରାଯାଇଥିବା ବେଳେ ଆଉ କେତେକ ପିଟିସନରେ ଆଇନକୁ ସାମ୍ବିଧାନିକ ଘୋଷଣା କରିବା ଲାଗି ଦାବି କରାଯାଇଛି। ଶୁଣାଣି ସମୟରେ ବରିଷ୍ଠ ଓକିଲ କପିଲ ସିବଲ ମାମଲାର ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ୨/୩ ମାସ ଯାଏ ନାଗରିକତା ପ୍ରଦାନ ପ୍ରକ୍ରିୟା ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେବା ଲାଗି କୋର୍ଟଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଆଟର୍ନି ଜେନେରାଲ ବେଣୁଗୋପାଳ ଏହାକୁ ବିରୋଧ କରିବା ସହିତ ଅନ୍ତରୀଣ ରହିତାଦେଶ ଦେବା ପୂର୍ବରୁ କେନ୍ଦ୍ର ସରକାରଙ୍କ କଥା ଶୁଣିବା ଉଚିତ ବୋଲି ଦର୍ଶାଇଥିଲେ। ଏହାପରେ ସୁପ୍ରିମ୍‌କୋର୍ଟ ଏକପାଖିଆ ଶୁଣାଣି କରିବାକୁ ମନା କରିବା ସହିତ କେନ୍ଦ୍ରକୁ ଜବାବ ରଖିବାକୁ ୪ ସପ୍ତାହ ସମୟ ଦେଇଛନ୍ତି।

# ରାଷ୍ଟ୍ରୀୟ ଷ୍ଟାର୍ଟଅପ ପରାମର୍ଶଦାତା ପରିଷଦ ଗଠନ ପାଇଁ ବିଜ୍ଞପ୍ତି

**ନୂଆଦିଲ୍ଲୀ :** ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧି ବଜାୟ ରଖିବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ତଥା ଦେଶରେ ନବୋନ୍ମେଷ ଏବଂ ଷ୍ଟାର୍ଟଅପର ପ୍ରୋତ୍ସାହନ ଲାଗି ଅନୁକୂଳ ପରିବେଶ ନିର୍ମାଣ କରିବା ସକାଶେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେବା ଲାଗି ରାଷ୍ଟ୍ରୀୟ ଷ୍ଟାର୍ଟଅପ ପରାମର୍ଶଦାତା ପରିଷଦ ଗଠନ କରାଯିବ। ଏହି ପରିଷଦର ଢାଂଚା ସଂକ୍ରାନ୍ତରେ ଏକ ବିଜ୍ଞପ୍ତି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଛି। ପରବର୍ତ୍ତୀ ସମୟରେ ପରିଷଦର ସଦସ୍ୟମାନଙ୍କ ନାମ ସୂଚିତ କରାଯିବ। ଏହି ପରିଷଦ ନାଗରିକ ଏବଂ ବିଶେଷ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବୋନ୍ମେଷ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଦିଗରେ ପରାମର୍ଶ ଦେବ। ଦେଶର ଛୋଟ ସହର ଓ ଗ୍ରାମୀଣ କ୍ଷେତ୍ର ସମେତ ଅର୍ଥବ୍ୟବସ୍ଥାର ସମସ୍ତ କ୍ଷେତ୍ରରେ ନବୋନ୍ମେଷକୁ ପ୍ରୋତ୍ସାହନ ପ୍ରଦାନ କ୍ଷେତ୍ରରେ ସହାୟକ ହେବ। ଉତ୍ପାଦକତା ଓ ଦକ୍ଷତାରେ ସୁଧାର ଆଣିବା ଲାଗି ଗବେଷଣାକୁ ଗୁରୁତ୍ୱ ଦେବ। ଏହା ଜରିଆରେ ସୃଜନଶୀଳ ଓ ଅଭିନବ ଉପାୟକୁ ମୂଲ୍ୟବାନ ଉତ୍ପାଦ, ପ୍ରକ୍ରିୟା କିମ୍ବା ସମାଧାନରେ ପରିବର୍ତ୍ତିତ କରିବାରେ ସହାୟକ ହେବ। ଏଥିସହିତ ଉଦ୍ୟୋଗ କ୍ଷେତ୍ରରେ ନବୋନ୍ମେଷ ଲାଗି ପରିବେଶ ସୃଷ୍ଟି କରିବା ଦିଗରେ ମଧ୍ୟ ଆବଶ୍ୟକ ପରାମର୍ଶ ଦେବ। ସାର୍ବଜନିନ ସେବା ବିତରଣରେ ସୁଧାର, ସୃଜନକୁ ପ୍ରୋତ୍ସାହନ; ବୌଦ୍ଧିକ ସମ୍ପତି ଅଧିକାରର ସୁରକ୍ଷା ଓ ବ୍ୟବସାୟୀକରଣକୁ ପ୍ରୋତ୍ସାହିତ କରିବ। ବିନିୟାମକ ଅନୁପାଳନ ଓ ବ୍ୟୟ ହ୍ରାସ କରି ବ୍ୟବସାୟ କରିବା ଓ ବ୍ୟବସାୟ ବନ୍ଦ କରିବାକୁ ସହଜ କରିବା; ଷ୍ଟାର୍ଟଅପ୍ସ ଲାଗି ପୁଞ୍ଜି ଉପଲବ୍ଧତାକୁ ସହଜ କରିବା; ଷ୍ଟାର୍ଟଅପ୍ସରେ ଘରୋଇ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା; ଭାରତୀୟ ଷ୍ଟାର୍ଟଅପ୍ସରେ ନିବେଶ ଲାଗି ବୈଶ୍ୱିକ ପୁଞ୍ଜି ଆକୃଷ୍ଟ କରିବା; ମୂଳ ପ୍ରମୋଟରଙ୍କ ସହିତ ଷ୍ଟାର୍ଟଅପ୍ସ ଉପରେ ନିୟନ୍ତ୍ରଣ ବଜାୟ ରଖିବା ଏବଂ ଭାରତୀୟ ଷ୍ଟାର୍ଟଅପ୍ସ ଲାଗି ବୈଶ୍ୱିକ ବଜାର ଉପଲବ୍ଧ କରାଇବା ଲାଗି ମଧ୍ୟ ଏହି ପରିଷଦ ପରାମର୍ଶ ଦେବ। କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ରାଷ୍ଟ୍ରୀୟ ଷ୍ଟାର୍ଟଅପ ପରାମର୍ଶଦାତା ପରିଷଦରେ ଅଧ୍ୟକ୍ଷତା କରିବେ। ଏହି ପରିଷଦରେ ଅଣ-ପଦାଧିକାରୀ ସଦସ୍ୟ ରହିବେ, ଯାହାଙ୍କୁ କେନ୍ଦ୍ର ସରକାର ବିଭିନ୍ନ ବର୍ଗ ଯେପରିକି ସଫଳ ଷ୍ଟାର୍ଟଅପ୍ସର ପ୍ରତିଷ୍ଠାତା, ଭାରତରେ କମ୍ପାନୀ ପ୍ରତିଷ୍ଠା କରିବା ଏବଂ ଏହାକୁ ବିକଶିତ କରିବା କ୍ଷେତ୍ରରେ ଅଭିଜ୍ଞ ବ୍ୟକ୍ତିବିଶେଷ, ଷ୍ଟାର୍ଟଅପ୍ସରେ ନିବେଶକଙ୍କ ସ୍ୱାର୍ଥକୁ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତି, ଇନକ୍ୟୁବେଟରଙ୍କ ସ୍ୱାର୍ଥକୁ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତି ଏବଂ ଷ୍ଟାର୍ଟଅପ୍ସ ଅଂଶୀଦାର ଓ ଉଦ୍ୟୋଗ ସଂଘର ପ୍ରତିନିଧିଙ୍କ ମଧ୍ୟରୁ ମନୋନିତ କରିବେ। ଷ୍ଟାର୍ଟଅପ୍ସ ପରାମର୍ଶଦାତା ପରିଷଦର ଅଣପଦାଧିକାରୀ ସଦସ୍ୟଙ୍କ କାର୍ଯ୍ୟକାଳ ଦୁଇ ବର୍ଷ ଲାଗି ହେବ। ସମ୍ପୃକ୍ତ ମନ୍ତ୍ରୀ/ବିଭାଗ/ସଂଗଠନ ଦ୍ୱାରା ନାମିତ ଭାରତ ସରକାରଙ୍କ ଯୁଗ୍ମ ସଚିବ ପଦବୀଠାରୁ ଉପର ପାହ୍ୟାର ଅଧିକାରୀ ପରିଷଦର ପଦାସୀନ ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିବେ। ଉଦ୍ୟୋଗ ଏବଂ ଅନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ଯୁଗ୍ମ ସଚିବ ପରିଷଦର ସଂଯୋଜକ ଦାୟିତ୍ୱ ତୁଲାଇବେ।

### ଏଜିଆର୍ ବକେୟା ପରିଶୋଧକୁ ନେଇ ଟେଲିକମ କମ୍ପାନୀ ଆଶ୍ୱସ୍ତ

# ହେବନାହିଁ କାର୍ଯ୍ୟାନୁଷ୍ଠାନ



**ନୂଆଦିଲ୍ଲୀ :** ଏଜିଆର୍ ବ୍ୟବସ୍ଥାକୁ ନେଇ ଭାରତୀୟ ଟେଲିକମ୍ କ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟା ସାମାନ୍ୟ ହାଲକା ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ଟେଲିକମ୍ କମ୍ପାନୀ ସେମାନଙ୍କ ବକେୟା ରାଶିକୁ ନେଇ ଜାନୁଆରୀ ୨୩ ତାରିଖ ସୁଦ୍ଧା ୧.୪୭ ଲକ୍ଷ କୋଟି ଟଙ୍କା ଜମା କରିବା କଥା। ହେଲେ କେବଳ ରିଲାଏନ୍ସ ଜିଓକୁ ଛାଡି ଅନ୍ୟ କୌଣସି କମ୍ପାନୀ ସେମାନଙ୍କ ଏଜିଆର୍ ବକେୟା ପରିଶୋଧ କରିନାହାନ୍ତି। ଫଳରେ ଅନ୍ୟାନ୍ୟ କମ୍ପାନୀମାନଙ୍କ ବିରୋଧରେ ଟେଲିକମ୍ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସ୍ୱରୂପ ଲାଇସେନ୍ସ ବାତିଲ କରିବା ଭଳି ପଦକ୍ଷେପ ନେଇପାରେ ବୋଲି ଆଶଙ୍କା କରାଯାଉଥିଲା। କିନ୍ତୁ କୌଣସି କମ୍ପାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ଟେଲିକମ୍ ବିଭାଗର ଲାଇସେନ୍ସିଂ ଫାଇନାନ୍ସ ପଲିସି ୱିଙ୍ଗ(ଏଲ୍ଏଫ୍‌ପିଡବ୍ଲୁ) ପକ୍ଷରୁ ବିଭିନ୍ନ ଟେଲିକମ୍ ସର୍କଲର କମ୍ୟୁନିକେସନ ଆକାଉଣ୍ଟସ୍ ନିୟନ୍ତ୍ରକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜାନୁଆରୀ ୨୩ ତାରିଖ ସୁଦ୍ଧା ଭାରତୀ ଏୟାରଟେଲ, ଭୋଡାଫୋନ ଆଇଡିଆ, ଟାଟା ଟେଲି ସର୍ଭିସେସ୍ ଏବଂ ରିଲାଏନ୍ସ ଜିଓ ଆଦି ସେମାନଙ୍କ ବକେୟା ପଇଠ କରିବେ ବୋଲି ଟେଲିକମ୍ ବିଭାଗ ଆଶାବାଦୀ ରହିଥିଲା ବେଳେ ଟେଲିକମ୍ କମ୍ପାନୀଗୁଡିକ ଏଥିପାଇଁ ଅଧିକ ସମୟ ଲୋଡିଥିଲେ। ଗତ ସୋମବାର ଭୋଡାଫୋନ୍ ଆଇଡିଆ ଏବଂ ଭାରତୀ ଏୟାରଟେଲ ଏବଂ ଟାଟା ଟେଲି ସର୍ଭିସେସ୍ ପକ୍ଷରୁ ସୁପ୍ରିମକୋର୍ଟରେ ଏଜିଆର୍ ବକେୟାକୁ ନେଇ ଏକ ମଡିଫାଇଂ ପିଟିସନ୍ ଦାଖଲ କରିଥିଲେ। ଅତିରିକ୍ତ ଲାଇସେନ୍ସ ଫି, ସ୍ପେକ୍ଟ୍ରମ୍ ଚାର୍ଜ,ସୁଧ ଏବଂ ଆର୍ଥିକ ଦଣ୍ଡ ଭାବେ ମୋଟ ୧.୪୭ ଲକ୍ଷ କୋଟି ଟଙ୍କା ପଇଠ କରିବାକୁ ଉପରୋକ୍ତ କମ୍ପାନୀଗୁଡିକୁ କୁହାଯାଇଥିଲା ବେଳେ ଏଥିମଧ୍ୟରୁ ବିଭିନ୍ନ ଅଂଶ ବାବଦରେ ୧.୦୨ ଲକ୍ଷ କୋଟି ଟଙ୍କା ପଇଠ କରିବାରେ ସୁପ୍ରିମକୋର୍ଟ ପୁନଃବିଚାର କରିବାକୁ ଟେଲିକମ୍ କମ୍ପାନୀମାନଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ଆସନ୍ତା ସପ୍ତାହରେ ସେମାନଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ଶୁଣାଣି କରିବେ ବୋଲି ସୂଚନ ମିଳିଥିଲେ ହେଁ ଟେଲିକମ୍ ବିଭାଗ ପକ୍ଷରୁ ଭିନ୍ନ ମତ ଦିଆଯାଇଥିଲା। ଏହି କମ୍ପାନୀମାନେ ଧାର୍ଯ୍ୟ ଦିନାଙ୍କରେ ସମସ୍ତ ବକେୟା ପଇଠ ନକଲେ ମଧ୍ୟ ତାହାର କିଛି ଅଂଶ ପଇଠ କରନ୍ତୁ ବୋଲି ଟେଲିକମ୍ ବିଭାଗ ପକ୍ଷରୁ କୁହାଯାଇଥିଲା। ହେଲେ ଗୁରୁବାର ରିଲାଏନ୍ସ ଜିଓ ବ୍ୟତୀତ ଅନ୍ୟ କୌଣସି କମ୍ପାନୀ ବକେୟା ପଇଠ କରିନାହାନ୍ତି। ଅନ୍ୟପକ୍ଷରେ ଦାଖଲ କରାଯାଇଥିବା ମଡିଫାଇଂ ପିଟିସନ୍ ସମ୍ପର୍କରେ ସୁପ୍ରିମକୋର୍ଟ କୌଣସି ମତାମତ ନଦେବା ପର୍ଯ୍ୟନ୍ତ ଭୋଡାଫୋନ ଆଇଡିଆ ଏଜିଆର ବକେୟା ପଇଠ କରିବ ନାହିଁ ବୋଲି କହିଥିଲା ବେଳେ ଭାରତୀ ଏୟାରଟେଲ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତୀ ଏୟାରଟେଲ ଉପରେ ଲାଇସେନ୍ସ ଫି ବାବଦରେ ୨୧,୬୮୨.୧୩ କୋଟି ଟଙ୍କା ବକେୟା ପଡ଼ି ରହିଥିଲା ବେଳେ ଭୋଡାଫୋନ୍ ଆଇଡିଆ ଉପରେ ୧୯,୮୨୩.୭୧ କୋଟି, ରିଲାଏନ୍ସ କମ୍ୟୁନିକେଶନ ଉପରେ ୧୬,୪୫୬.୪୭ କୋଟି ଏବଂ ବିଏସ୍ଏନ୍ଏଲ୍ ଉପରେ ୨୦୯୮.୭୨ କୋଟି ଟଙ୍କା ବକେୟା ରହିଛି। ଏହାବ୍ୟତୀତ ଏଜିଆର୍ ବ୍ୟବସ୍ଥାର ନୂତନ ସଂଜ୍ଞା ନିରୂପଣକୁ ନେଇ ମଧ୍ୟ ଏହିସବୁ କମ୍ପାନୀଙ୍କ ଉପରେ ଅତିରିକ୍ତ ଲାଇସେନ୍ସ ଫି, ସ୍ପେକ୍ଟ୍ରମ୍ ଚାର୍ଜ,ସୁଧ ଏବଂ ଆର୍ଥିକ ଦଣ୍ଡ ଭାବେ ମୋଟ ୧.୪୭ ଲକ୍ଷ କୋଟି ଟଙ୍କାର ବକେୟା ରହିଛି ବୋଲି ଟେଲିକମ୍ ବିଭାଗ ପକ୍ଷରୁ କୁହାଯାଇଛି।




# ଭାଙ୍ଗିଲା ଡିଗ୍ରୀ କଲେଜ ପରିଚାଳନା କମିଟି

**ଭୁବନେଶ୍ୱର :** ପୂର୍ବ ଘୋଷଣା ଅନୁଯାୟୀ ରାଜ୍ୟ ସରକାର ଆଜି ସମସ୍ତ ଡିଗ୍ରୀ କଲେଜର ପରିଚାଳନା କମିଟିକୁ ଭାଙ୍ଗି ଦେଇଛନ୍ତି। ତେବେ ସମସ୍ତ ସ୍ୱୟଂଶାସିତ କଲେଜ ଓ ସଂଖ୍ୟାଲଘୁ ସମୁଦାୟ ଦ୍ୱାରା ଗଠିତ କଲେଜ ଗୁଡିକ ଏହି ନିଷ୍ପତ୍ତିରୁ ବାଦ୍ ପଡିଛନ୍ତି। ପରିଚାଳନା କମିଟିକୁ ଭାଙ୍ଗିବା ସହ କଲେଜ ଗୁଡିକର ପରିଚାଳନା କମିଟି ସଭାପତି ଭାବେ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳମାନଙ୍କୁ ନିଯୁକ୍ତି ଦିଆଯାଇଛି। ତତ୍କାଳ ପ୍ରଭାବରୁ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ଅନୁସାରେ ରାଜ୍ୟ ସରକାର ଓଡ଼ିଶା ଶିକ୍ଷା ଆଇନ-୧୯୬୯ର ଧାରା ୭ ଓ ଉପଧାରା-୬ରେ ଥିବା ପ୍ରାବଧାନର ଉପଯୋଗ କରି ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜର ପରିଚାଳନା କମିଟିକୁ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳ ଦାୟିତ୍ୱ ତୁଲାଇବେ। ଯେଉଁଠି ଅଧିକ ଅତିରିକ୍ତ ଜିଲ୍ଲାପାଳ ଅଛନ୍ତି ସେଠାରେ ଜିଲ୍ଲାପାଳଙ୍କୁ ଚୟନ କ୍ଷମତା ଦିଆଯାଇଛି। ସେହିପରି ଯେଉଁ କଲେଜ ଗୁଡିକ ଜିଲ୍ଲା ମୁଖ୍ୟାଳୟ ବାହାରେ ଅଛି ତା'ର ପରିଚାଳନା କମିଟି ସଭାପତି ଦାୟିତ୍ୱ ଉପଜିଲ୍ଲାପାଳ ତୁଲାଇବେ। ଆଜି ତତ୍କାଳ ପ୍ରଭାବରୁ ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ ବିଜ୍ଞପ୍ତିରେ କୁହାଯାଇଛି। ରାଜ୍ୟପାଳଙ୍କ ଅନୁମୋଦନକ୍ରମେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ଜାରି ହୋଇଛି। ସୂଚନାଥାଉ କି, ଗତକାଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଥିଲେ, କଲେଜ ପରିଚାଳନା କମିଟିରେ ନେତା କି ସ୍ଥାନୀୟ ବିଧାୟକ ରହିବେନି। ଶିକ୍ଷାବିତ୍, ଅଭିଭାବକ ଏବଂ ପୂର୍ବତନ ଛାତ୍ରଙ୍କୁ ଗଭର୍ଣ୍ଣିଂ ବଡିରେ ସଦସ୍ୟ ଭାବେ ସ୍ଥାନ ଦିଆଯିବ। କମିଟିର ରୂପରେଖ ନେଇ ମନ୍ତ୍ରୀ ଶ୍ରୀ ସାହୁ କହିଥିଲେ, ସ୍ଥାନୀୟ ଅଞ୍ଚଳର ଜଣେ ବିଶିଷ୍ଟ ଶିକ୍ଷାବିତ୍ ଏହାର ସଭାପତି ହେବେ। ୨ ରୁ ୩ଜଣ ଅଭିଭାବକଙ୍କୁ ବି ସାମିଲ କରାଯିବ। ପୁରାତନ ଛାତ୍ରଛାତ୍ରୀଙ୍କୁ ବି କମିଟିରେ ସାମିଲ କରିବା ନେଇ ବିଚାର ଆଲୋଚନା ଜାରି ରହିଛି। ତେବେ ନେତା, ବିଧାୟକଙ୍କୁ କଲେଜ ପରିଚାଳନା କମିଟିରୁ ବାଦ ଦେବା ପ୍ରସଙ୍ଗର ଭିନ୍ନ ମତ ପ୍ରକାଶ କରିଥିଲେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ। ସେ କହିଥିଲେ ଯେ, କଲେଜ ପରିଚାଳନା ସମିତିର ବିଧାୟକ ସଭାପତି ନ ରହି ସଦସ୍ୟ ଭାବେ ରହନ୍ତୁ। ଏହା ହେଲେ କଲେଜର ଭିତ୍ତିଭୂମିର ବିକାଶ ହେବା ସହ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଏ ବାବଦରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ସୁଶାନ୍ତ ସିଂ କହିଥିଲେ। ଆଜି ସକାଳେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଏହି ବୟାନ ଆସିବାର କିଛି ଘଣ୍ଟା ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ୍ ଗଭର୍ଣ୍ଣିଂ ବଡିଂ ଭଙ୍ଗାଯିବାର ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା।

## କଟକ ସହର ଲାଗି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଯୋଜନା

# ରିଂ ରୋଡ ୬ ଥାକିଆ ହେବ



**କଟକ :** ବଦଳିବ କଟକ ବଡମେଡିକାଲ ରୂପରେଖ। ବଡ ମେଡିକାଲର ବିକାଶ କାର୍ଯ୍ୟ ଆସନ୍ତା ମାର୍ଚ୍ଚମାସରୁ ଆରମ୍ଭ ହେବ। ଏଥିସହିତ ମହାନଦୀ କୂଳର ଉନ୍ନତିକରଣ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ। ରିଙ୍ଗରୋଡ଼କୁ ୬ଲେନ ବିଶିଷ୍ଟ କରାଯିବ। କଟକ ସହରର ବିକାଶ ପାଇଁ ରାଜ୍ୟ ସରକାର ଆବଶ୍ୟକ ଅର୍ଥ ଯୋଗାଇଦେବେ। ଏହି ଯୋଜନାକୁ ବାସ୍ତବ ରୂପ ଦେବା ପାଇଁ କଟକ ସହରବାସୀଙ୍କ ସହଯୋଗ ଲୋଡ଼ା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କଟକ ଗସ୍ତରେ ଆସି ସ୍ଥାନୀୟ ମାତାମଠ ଠାରେ ମହାନଦୀ କୂଳ ବୁଲି ଦେଖିବା ସହ ବିକାଶ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ସେ କହିଲେ ଯେ ହଜାର ବର୍ଷର ସହର କଟକ ଅନେକ ଐତିହାସିକ ସ୍ମୃତି ବହନ କରୁଛି। ତେଣୁ ଏହି ସହରର ସାମଗ୍ରୀକ ବିକାଶ ପାଇଁ ସମସ୍ତଙ୍କର ମିଳିତ ଦାୟିତ୍ୱ ରହିଛି। କଟକ ସହର ପାଇଁ ଜନଗହଳି ଜନିତ ଅବରୋଧ ଦୂରୀକରଣ ପାଇଁ ଏକ ବିଧିବଦ୍ଧ ଯୋଜନା କରାଯିବ। ଏଥିରେ ରାସ୍ତାଘାଟର ପ୍ରଶସ୍ତିକରଣ, ମୁକ୍ତ ପରିବେଶ, ଉଦ୍ୟାନ ଏବଂ ସବୁଜିମା ସହିତ ଅତ୍ୟାଧୁନିକ ଭିତ୍ତିଭୂମିର ବିକାଶ କରାଯାଇ କଟକ ସହରକୁ ନୂଆ ରୂପ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିଭଳି କଟକ ସହରର ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ରାଜ୍ୟର ଜୀବନରେଖା ହେଉଛି କଟକ ସହର ଦେଇ ପ୍ରବାହିତ ହେଉଥିବା ମହାନଦୀ। ଏହି ନଦୀର ପୁନରୁଦ୍ଧାର ଜମିରୁ ସହରରେ ମୁକ୍ତ ପରିବେଶ ସହିତ ରିଭରଫ୍ରଣ୍ଟର ବିକାଶ କରାଯାଇ ପର୍ଯ୍ୟଟନ ପାଇଁ ସୁଯୋଗ ସୃଷ୍ଟି କରାଯିବ। ପୁନରୁଦ୍ଧାର ହୋଇଥିବା ୪୨୪ ଏକର ପରିମିତ ଜମିର ପ୍ରତିଟି ଇଞ୍ଚକୁ ସହରବାସୀଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ବିନିଯୋଗ କରାଯିବ। କ୍ରୀଡ଼ାଠାରୁ ଆରମ୍ଭ କରି ସାଂସ୍କୃତିକ ତଥା ଅବସର ବିନୋଦନ ଏବଂ ପରିବେଶର ଉନ୍ନତି ନିମନ୍ତେ ଏଠାରେ ପଦକ୍ଷେପ ନିଆଯିବ। ଏହି ଜମିର ଅଧିକାଂଶ ଅଞ୍ଚଳ ସବୁଜିମା ସୃଷ୍ଟି ପାଇଁ ବିନିଯୋଗ କରାଯିବ। ପୁନଶ୍ଚ କଟକ ସହର ପାଇଁ ଏହି ସବୁ ଯୋଜନା ନିମନ୍ତେ ଅଭିଜ୍ଞ ସହରାଞ୍ଚଳ ପ୍ରସ୍ତୁତିକାରୀଙ୍କୁ ନିୟୋଜିତ କରାଯିବ। ସହରର ବିକାଶରେ ଜନସାଧାରଣଙ୍କ ଅବଦାନକୁ ଗୁରୁତ୍ୱ ଦେବା ନିମନ୍ତେ ଜନସାଧାରଣଙ୍କ ମତାମତକୁ ଗ୍ରହଣ କରାଯାଇ ଚୂଡ଼ାନ୍ତ ଯୋଜନା ପ୍ରସ୍ତୁତ କରାଯିବ ବୋଲି ଏହି ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ଯୋଗାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ରପ୍ରତାପ ସ୍ୱାଇଁ, ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର, ନିଆଳି ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା, ୫ଟି ସଚିବ ଭି.କେ. ପାଣ୍ଡିଆନ, ନଗର ଉନ୍ନୟନ ସଚିବ ଜି. ମାଥି ଭାତିନାନନ, ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ, କେନ୍ଦ୍ରାଞ୍ଚଳର ରାଜସ୍ୱ ଆୟୁକ୍ତ ଅନୀଲ କୁମାର ସାମଲ, ଜିଲ୍ଲାପାଳ ଭବାନୀଶଙ୍କର ଚୟନୀ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ କର୍ପୋରେଟର ତଥା ସିଏମସି ସ୍ୱାସ୍ଥ୍ୟକମିଟି ଅଧକ୍ଷ ରଞ୍ଜନ କୁମାର ବିଶ୍ୱାଳ ଏବଂ ବହୁ ବିଭାଗୀୟ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ରାଜ୍ୟରେ ମହିଳାମାନେ ଅସୁରକ୍ଷିତ : ବିଜେପି



**ଭୁବନେଶ୍ୱର :** ରାଜ୍ୟରେ ମହିଳାମାନେ ସୁରକ୍ଷିତ ନାହାଁନ୍ତି। ପ୍ରତିଦିନ ମହିଳାଙ୍କ ସହ ଦୁଷ୍କର୍ମ, ଅସଦାଚରଣ ଏବଂ ଘରୋଇ ହିଂସା ବୃଦ୍ଧି ପାଇବାରେ ଲାଗିଛି । ଯିଏ ମହିଳାଙ୍କୁ ସୁରକ୍ଷା ଯୋଗାଇବା କଥା ସେହି ପୋଲିସ ଆଜି ଭକ୍ଷକ ସାଜିଛି। ରାଜ୍ୟର ପ୍ରାୟ ସମସ୍ତ ଦୁଷ୍କର୍ମ ଘଟଣାରେ ପୋଲିସର ସଂପୃକ୍ତି ଥିବାର ଅଭିଯୋଗ ହେଉଛି । ଏବେ ସଦ୍ୟ ଯାଜପୁର ଜିଲ୍ଲା ଯାଜପୁର ଧର୍ମଶାଳାର କଣ୍ଟିଗଡିଆରେ ୧୫ବର୍ଷର ନାବାଳିକା ଝିଅକୁ ରାତିଅଧରେ କିଛି ଦୁର୍ବୃତ୍ତ ବନ୍ଧୁକ ଏବଂ ଛୁରୀ ମୁନରେ ଅପହରଣ କରି ଦୁଷ୍କର୍ମ କରିଛନ୍ତି। ପୀଡିତା ନାବାଳିକାକୁ ଧର୍ମଶାଳା,କଟକ, ସୁକିନ୍ଦା ଅଂଚଳରେ ରଖି ୬ରୁ ୭ଦିନ ପର୍ଯ୍ୟନ୍ତ ତା ଆଖିରେ ଅନ୍ଧପୁଟୁଳି ବାନ୍ଧି ଲଡୁରେ ନିଶା ଔଷଧ ଖାଇବାକୁ ଦେଇ ଦୁଷ୍କର୍ମ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ଘଟଣା ବୋଲି ବିଜେପି ରାଜ୍ୟ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ଯାଜପୁର ଜିଲ୍ଲାରେ ମହିଳା ମାନଙ୍କ ପ୍ରତି ଅତ୍ୟାଚାର ଓ ବେଭିଚାର ବଢିଚାଲିଛି। ଗତ କିଛି ଦିନ ତଳେ ରଙ୍ଗଶାଳାରେ ସ୍ମିତାରାଣୀଙ୍କୁ ଶାସକ ଦଳର ନେତା ମାନେ ଦୁଷ୍କର୍ମ କରି ହତ୍ୟା କରିଥିଲେ । ଆଉ ଏବେ କଣ୍ଟିଗଡିଆର ଏକ ବଜରଙ୍ଗୀ ଲେଡିଜ କର୍ଣ୍ଣର ପାଖରେ ଥିବା ବେଆଇନ ଘରେ ଅସମାଜିକ କାର୍ଯ୍ୟ କରାଯାଉଛି । ବିଶେଷ କରି ଛୋଟ ନାବାଳିକାମାନଙ୍କୁ ଜୋରଜବରଦସ୍ତି ବନ୍ଧୁକ ମୁନରେ ନହେଲେ ଛୁରା ଦେଖାଇ, ଧମକାଇ, ପଇସା ପ୍ରଲୋଭନ ଦେଖାଇ, ତାଙ୍କ ଦ୍ୱାରା ବେଆଇନ କାମ କରାଯାଉଛି ଓ ସେମାନଙ୍କୁ ଶାରିରିକ ଶୋଷଣ କରାଯାଉଛି। ମୁଖ୍ୟ ଅପରାଧୀ ପିଂଟୁ ତାର ସଂପର୍କୀୟ ଭଉଣୀ ଭିଣୋଇ ଯିଏକି ଧର୍ମଶାଳା ଥାନାର ଦୁଇ ପୋଲିସ ଅଧିକାରୀଙ୍କ ଘରେ ନାବାଳିକାକୁ ଦୁଷ୍କର୍ମ କରିଛି । ଏହି ଘଟଣା ପଛରେ ପିଂଟୁ ଓ ତା ଭାଇ ମିଟୁ , ଭଉଣୀ ଏଲି ଏବଂ ଭିଣୋଇ ସୁଶାନ୍ତଙ୍କର ସମ୍ପୃକ୍ତି ରହିଛି । ନାବାଳିକା ଝିଅଟିକୁ କଟକ ଓ ସୁକିନ୍ଦାରେ ନିଶା ଔଷଧ ସେବନ କରାଇ ତା ସହ ଶୋଷଣ କରନ୍ତି ତାର ହୋସ ଆସିବା ପରେ ସେ ଏହାର ପ୍ରତିବାଦ କଲେ ତାକୁ ମାଡ ମାରନ୍ତି । ପିଣ୍ଟୁ ଏବଂ ତାର ସଂପର୍କୀୟମାନେ ପିଡିତା ନାବାଳିକାକୁ ସମସ୍ତେ ମାନସିକ ଓ ଶାରିରିକ ଭାବେ ଶୋଷଣ କରିଛନ୍ତି । ଅଭିଯୋଗ ପରେ ପୋଲିସ ପିଂଟୁ ଓ ତା ଭାଇ ମିଟୁ ତାର ସହଯୋଗୀ ୪ଜଣଙ୍କୁ ଓ ତା ଭଉଣୀ ବନି, ପିଙ୍କିକୁ ଗିରଫ କରିଥିବା ବେଳେ କ'ଣ ପାଇଁ ତାର ଭଉଣୀ ଓ ଭିଣୋଇଙ୍କୁ ଗିରଫ କରିନି ? ଆଉ ଯେଉଁ ୨ଜଣଙ୍କ ନାମ ଝିଅ କହୁଛି ତା ବୟାନରେ ମୋଫିସ୍ ଆଉ ସନିଆଙ୍କୁ ପୋଲିସ କାହିଁକି ଗିରଫ କରିନି ବୋଲି ଡ. ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି। ଯେତେବେଳେ ଯାଜପୁର ଜିଲ୍ଲାରେ ହରିଦାସପୁର ପଂଚାୟତରେ ବେଆଇନ ରଙ୍ଗଶାଳାରେ ୩ମାସ ତଳେ ସ୍ମିତାରାଣୀ ଘଟଣା ଘଟିଲା ପରେ ବି ସେ ରଙ୍ଗଶାଳାକୁ ଭଙ୍ଗାଗଲାନାହିଁ। ରଙ୍ଗଶାଳାକୁ ଭାଙ୍ଗିବା ପାଇଁ ସରକାର ୨ଥର ବିଭିନ୍ନ ନୋଟିସ୍ ଦେଇଥିଲେ ଆଉ ଯାଜପୁର ଜିଲ୍ଲାର ଏସ୍‌ପି ଆସି ଅପରାଧୀକୁ ଧରିବା ଜାଗାରେ ମହିଳାଙ୍କର ଚରିତ୍ର ହନନ କଲେ। ଏପର୍ଯ୍ୟନ୍ତ ରାଜ୍ୟସରକାରଙ୍କ ନିଦ ଭାଙ୍ଗିଲାନି କି ସେ ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କୁ ବହିଷ୍କାର କଲେ ନାହିଁ। ଆଉ ଏବେ ଧର୍ମଶାଳା ପୋଲିସ ଅଧିକାରୀ ଏଲି ଆଉ ସୁଶାନ୍ତଙ୍କୁ ପୀଡିତାର ବୟାନ ଅନୁଯାୟୀ ବହିଷ୍କାର କରାଯାଇନାହିଁ। ଏହା କି ପ୍ରକାର ଆଇନ ଏବଂ ମହିଳାଙ୍କ ସୁରକ୍ଷା କି ପ୍ରକାର ବ୍ୟାବସ୍ଥାରେ ଆମେ ବଂଚିଛେ ? ଯଦି ପୋଲିସ୍ ଘରେ ଏପରି ପୋଲିସ ତତ୍ୱାବଧାନରେ ଏପରି ଘଟଣା ଘଟୁଛି ତାହାଲେ ସୁରକ୍ଷା କିଏ ଦେବ ଦୋଷୀକୁ ଦଣ୍ଡିତ କିଏ କରିବ ଏହାର ତଦନ୍ତ କିଏ କରିବ ଡ.ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି। ପୋଲିସର ନିଷ୍କ୍ରିୟତା ଯୋଗୁଁ ଏହିଭଳି ଘଟଣା ଓଡିଶାର ଗାଁ ଗହଳିରେ ଘଟୁଛି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ ହେଉ । ପିଣ୍ଟୁକୁ ବିନା ଲାଇସେନ୍ସରେ କିଏ ବନ୍ଧୁକ ଦେଲା ତାହାର ତଦନ୍ତ କରାଯାଉ। ଯାଜପୁର ଜିଲ୍ଲାର ଏସପିଙ୍କୁ ବହିଷ୍କାର କରାଯାଉ। ଏହାର ନିରପେକ୍ଷ ଭାବରେ ତଦନ୍ତ କରାଯାଉ। ବଜରଙ୍ଗୀ ଲେଡିଶ୍ କର୍ନର୍ କିଏ ଚଲାଉଛି ସେଠିକୁ କେଉଁ ପ୍ରକାର ମହିଳା ମାନେ ଆସୁଛନ୍ତି,ସେମାନେ କେଉଁଠୁ ଆଣୁଛନ୍ତି ତାହାର ମଧ୍ୟ ତଦନ୍ତ କରାଯାଉ ବୋଲି ଡ. ସାମନ୍ତସିଂହାର କହିଛନ୍ତି ।

# ୧୧ରେ ରାମଚଣ୍ଡୀରେ ମକ୍‌ଡ୍ରିଲ୍

## ଓଡ଼ିଶା ଆସିବେ ୭ ଦେଶର ପ୍ରତିନିଧି

**ଭୁବନେଶ୍ୱର :** ଓଡ଼ିଶାରେ ହେବ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ୍। ଓଡ଼ିଶା ଭଳି ପ୍ରାକୃତିକ ଦୁର୍ବିପାକପ୍ରବଣ ରାଜ୍ୟରେ ପ୍ରତିବର୍ଷ ବନ୍ୟା, ବାତ୍ୟା ଓ ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିଥିବା ବେଳେ ଏହାକୁ ଅନୁଭୂତି ଦୃଷ୍ଟିରେ ରଖି ଆସନ୍ତା ଫେବୃଆରୀ ୧୧ ତାରିଖରେ ଏକ ତିନିଦିନିଆ ଅନ୍ତଃରାଷ୍ଟ୍ରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାର ମକ୍‌ଡ୍ରିଲ୍ ଅନୁଷ୍ଠିତ ହେବ। ଏଥିରେ ୭ଟି ରାଷ୍ଟ୍ରର ପ୍ରତିନିଧିମାନେ ଭାଗନେବେ ବୋଲି ଏନ୍‌ଡିଆର୍‌ଏଫ୍ ଡିଜି ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି। ଲୋକସେବା ଭବନରେ ଏନ୍‌ଡିଆରଏଫ୍ ଡିଜି ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। ସାକ୍ଷାତ୍ ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ବଙ୍ଗୋପସାଗରର ଉପକୂଳରେ ଥିବା ଦେଶଗୁଡ଼ିକ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବ୍ୟାପକ ଧନଜୀବନ କ୍ଷୟକ୍ଷତି ହେଉଛି। ସଠିକ୍ ସମୟରେ ଏହାର ମୁକାବିଲା କରିବା ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ବିଶେଷ କରି ଉପସାଗରୀୟ ୭ଟି ଦେଶର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବିଶେଷ ଭାବରେ ପ୍ରଭାବିତ ହୋଉଛି। ଏହି ଦେଶ ଗୁଡ଼ିକ ମଧ୍ୟରେ ଭାରତ, ବାଂଲାଦେଶ, ଭୂଟାନ, ନେପାଳ, ଥାଇଲାଣ୍ଡ, ଡେନ୍‌ମାର୍କ ଓ ଶ୍ରୀଲଙ୍କା ଭଳି ଦେଶଗୁଡ଼ିକ ପ୍ରଭାବିତ ହେଉଛନ୍ତି। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ବେଳେ ପଡ଼ୋଶୀ ଦେଶ ସହିତ ସମନ୍ୱୟ ରକ୍ଷା କରି କିଭଳି ବିପର୍ଯ୍ୟୟର ମୁକାବିଲା କରିହେବ ସେ ନେଇ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକ୍ରମେ ପୁରୀର ରାମଚଣ୍ଡି ଠାରେ ଏକ ମକ୍‌ଡ୍ରିଲ କରାଯିବ। ଫେବୃଆରୀ ୧୧ରେ ପ୍ରଥମ ଦିନ ଭୁବନେଶ୍ୱରର ଏକ ହୋଟେଲ୍‌ରେ ଏନେଇ ଆଲୋଚନା ହେବ। ଦ୍ୱିତୀୟ ଓ ତୃତୀୟ ଦିନ ରାମଚଣ୍ଡୀରେ ମକ୍‌ଡ୍ରିଲ କରାଯିବ। ଏହି ମକ୍‌ଡ୍ରିଲରେ ୭ଟି ଦେଶର ପ୍ରାୟ ୧୬ ରୁ ୨୦ ଜଣ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ନୋଡାଲ୍ ଏଜେନ୍ସି ଭାବେ ଏନ୍‌ଡିଆରଏଫ୍ କାର୍ଯ୍ୟ କରିବ। ରାମଚଣ୍ଡୀଠାରେ ଏକ କୃତ୍ରିମ ଗ୍ରାମ ନିର୍ମାଣ କରାଯିବ। ସେଠାରେ ବନ୍ୟା, ବାତ୍ୟା ଓ ଭୂମିକମ୍ପ ସମୟରେ କିଭଳି ପଡ଼ୋଶୀ ଦେଶ ସହିତ ସମନ୍ୱୟ ରକ୍ଷା କରାଯାଇ ମୁକାବିଲା କରାଯାଇପାରିବ, ସେନେଇ ଆଭ୍ୟାସ କରାଯିବ ବୋଲି ଏନ୍‌ଡିଆର୍‌ଏଫ୍ ଡିଜି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

# ଫେବୃଆରୀ ୧୪ରୁ ବିଧାନସଭା, ୧୮ରେ ବଜେଟ୍



**ଭୁବନେଶ୍ୱର :** ଆସନ୍ତା ଫେବୃୟାରୀ ୧୪ତାରିଖରୁ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ। ୨ ଟି ପର୍ଯ୍ୟାୟରେ ଏପ୍ରିଲ ୯ତାରିଖ ପର୍ଯ୍ୟନ୍ତ ଅଧିବେଶନ ଚାଲିବ। ଅଧିବେଶନର ପ୍ରଥମ ଦିନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୃହରେ ଅଭିଭାଷଣ ରଖିବେ। ସେହିପରି ୧୮ତାରିଖରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ଚଳିତ ଅଧିବେଶନରେ ମୋଟ୍ ୩୧ଟି କାର୍ଯ୍ୟ ଦିବସ ରହିଛି। ବିଧାନସଭା ଅଧିବେଶନର କାର୍ଯ୍ୟକ୍ରମ ନେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଅନୁମୋଦନ ପରେ ମଙ୍ଗଳବାର ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ଜାରୀ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଫେବୃୟାରୀ ୧୪ରୁ ବଜେଟ୍ ଅଧିବେଶନ ୨ଟି ପର୍ଯ୍ୟାୟରେ ଚାଲିବ। ପ୍ରଥମ ପର୍ଯ୍ୟାୟରେ ଫେବୃଆରୀ ୧୪ ତାରିଖରୁ ୨୬ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ମାର୍ଚ୍ଚ ୧୧ ତାରିଖରୁ ଏପ୍ରିଲ୍ ୯ ତାରିଖ ପର୍ଯ୍ୟନ୍ତ ଅଧିବେଶନ ଚାଲିବ। ପ୍ରଥମ ଦିନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅଭିଭାଷଣ ଦେବେ ଓ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହେବ। ଫେବୃଆରୀ ୧୫ ଓ ୧୭ତାରିଖ ଦୁଇଦିନ ଧରି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବ। ୧୬ତାରିଖ ଦିନ ଗୃହ କାର୍ଯ୍ୟ ବନ୍ଦ ରହିବ। ୧୮ତାରିଖରେ ରାଜ୍ୟ ଅର୍ଥମନ୍ତ୍ରୀ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ୧୯ତାରିଖ ସରକାରୀ କାର୍ଯ୍ୟଦିବସ ଥିବାବେଳେ ୨୦ତାରିଖ ବେସରକାରୀ କାର୍ଯ୍ୟଦିବସ ଏବଂ ୨୧ରୁ ୨୩ତାରିଖ ମହାଶିବରାତ୍ରୀ , ଚତୁର୍ଥ ଶନିବାର ଓ ରବିବାର ଲାଗି ଛୁଟି ରହିଛି। ଫେବୃଆରୀ ୨୪ରୁ ୨୬ତାରିଖ ଦିନ ଧରି ବଜେଟ୍ ଉପରେ ଆଲୋଚନା ପରେ ଗୃହ କାର୍ଯ୍ୟ ମାର୍ଚ୍ଚ ୧୦ତାରିଖ ପର୍ଯ୍ୟନ୍ତ ମୁଲତବୀ ରହିବ। ମାର୍ଚ୍ଚ ୧୧ତାରିଖରେ ଗୃହର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆରମ୍ଭ ହେବ ଏବଂ ଏହି ଦିନ ବିଭାଗୀୟ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପିତ ହେବ। ମାର୍ଚ୍ଚ ୧୨ ତାରିଖରୁ ବିଭାଗୱାରି ବଜେଟ୍ ଅନୁଦାନ ଉପରେ ଆଲୋଚନା ହେବ। ମାର୍ଚ୍ଚ ୧୪ , ୧୫, ୨୨, ୨୮ ଓ ୨୯ ଏବଂ ଏପ୍ରିଲ ୧,୨ ଓ ୫ତାରିଖ ଦ୍ୱିତୀୟ ଓ ଚତୁର୍ଥ ଶନିବାର , ରବିବାର , ଉତ୍କଳ ଦିବସ ଓ ରାମ ନବମୀ ପାଇଁ ଛୁଟି ରହିବ ବୋଲି ବିଜ୍ଞପ୍ତିରୁ ଜଣାଯାଇଛି। ସେହିପରି ମାର୍ଚ୍ଚ ୩୧ରେ ୨୦୨୦-୨୧ ବର୍ଷ ପାଇଁ ବିନିଯୋଗ ବିଲ୍ ଉପସ୍ଥାପିତ ହେବ। ଏପ୍ରିଲ୍ ୩ , ୭ ଓ ୯ ତାରିଖ ବେସରକାରୀ କାର୍ଯ୍ୟ ଦିବସ ରହିଥିବା ବେଳେ ଏପ୍ରିଲ୍ ୪,୬ ଓ ୮ ତାରିଖ ସରକାରୀ ଦିବସ ରଖାଯାଇଛି।


## କେଉଁ ଦିନ କେଉଁ ବିଭାଗର ପ୍ରଶ୍ନୋତ୍ତର

**ଭୁବନେଶ୍ୱର :** ଆସନ୍ତା ଫେବୃଆରୀ ୧୪ ତାରିଖରୁ ଓଡିଶା ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ। କାର୍ଯ୍ୟସୂଚୀ ସମ୍ପର୍କରେ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାସହ କେଉଁ ଦିନ କେଉଁ ବିଭାଗର ପ୍ରଶ୍ନୋତର କାର୍ଯ୍ୟକ୍ରମ ରହିଛି ସେନେଇ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଫେବୃଆରୀ ୧୫, ମାର୍ଚ୍ଚ ୨୧ ଓ ଏପିଲ୍ ୪ ତାରିଖରେ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗ , ବିଜ୍ଞାନ ଓ ଟେକ୍ନୋଲୋଜି , ହସ୍ତତନ୍ତ ଓ ହସ୍ତଶିଳ୍ପ , ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା , ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ପ୍ରଶ୍ନୋତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଫେବୃଆରୀ ୧୭,୨୪, ମାର୍ଚ୍ଚ ୧୬,୨୩ ,୩୦ ଓ ଏପ୍ରିଲ୍ ୬ ତାରିଖରେ ସ୍ୱରାଷ୍ଟ୍ର , ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ , ପୂର୍ତ୍ତ,ଅବକାରୀ, ଇସ୍ପାତ ଓ ଖଣି ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ; ଫେବୃଆରୀ ୧୮,୨୫,ମାର୍ଚ୍ଚ ୧୭,୨୪,୩୧ ଓ ଏପ୍ରିଲ୍ ୭ ତାରିଖରେ ପଂଚାୟତିରାଜଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ ଓ ପରିବେଶ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶ୍ରମ, ସଂସଦୀୟ ବ୍ୟାପାର ଓ ଆଇନ୍ ବିଭାଗର ପ୍ରଶ୍ନଉତର କାର୍ଯ୍ୟକ୍ରମ ରହିଛି। ଫେବୃଆରୀ ୧୯, ୨୬, ମାର୍ଚ୍ଚ ୧୧ , ୧୮, ୨୫ ଓ ଏପ୍ରିଲ ୮ ତାରିଖରେ କୃଷି ଓ କୃଷକ ସଶକ୍ତିକରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ , ସ୍କୁଲ ଓ ଗଣଶିକ୍ଷା , ଉଚ୍ଚଶିକ୍ଷା , ସମବାୟ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ; ଫେବୃଆରୀ ୨୦, ମାର୍ଚ୍ଚ ୧୨,୧୯,୨୬ ଓ ଏପ୍ରିଲ ୯ ତାରିଖରେ ଜଳ ସମ୍ପଦ, ଯୋଜନା ଓ ସଂଯୋଜନ, ପର୍ଯ୍ୟଟନ, ସୂଚନା ଓ ଲୋକସମ୍ପର୍କ ,ବାଣିଜ୍ୟ, ଓଡିଆ ଭାଷା , ସାହିତ୍ୟ ଓ ସଂସ୍କୃତି ଏବଂ ପରିବହନ ବିଭାଗ ର ପ୍ରଶ୍ନଉତର କାର୍ଯ୍ୟକ୍ରମ ରହିଥିବା ବେଳେ ମାର୍ଚ୍ଚ ୧୩,୨୦,୨୭ ଓ ଏପ୍ରିଲ୍ ୩ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା , ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ଶକ୍ତି , କ୍ରୀଡା ଓ ଯୁବ ବ୍ୟାପାର, ଶିଳ୍ପ , ଇଲେକଟ୍ରାନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ଏମଏସଏମଇ ବିଭାର ପ୍ରଶ୍ନୋତର କାର୍ଯ୍ୟକ୍ରମ ରହିଛି।

## ସମସ୍ତ କାର୍ଯ୍ୟାବଳୀ ଓଡିଆ ଭାଷାରେ ହେଉ : ପ୍ରଦୀପ୍ତ ନାଏକ



**ଭୁବନେଶ୍ୱର :** ଦୀର୍ଘଦିନର ଦାବି ପରେ ରାଜ୍ୟ ସରକାର ଓଡିଆ ଭାଷାରେ ସରକାରୀ କାମ ହେବ ବୋଲି ସରକାରୀ ସ୍ତରରେ ନିଷ୍ପତି ନେଇ ଘୋଷଣା କରିଥିଲେ । ହେଲେ ଆଜିବି ରାଜ୍ୟସରକାରଙ୍କର ଅଧିକାଂଶ ବିଭାଗରେ ସରକାରୀ କାମ ଇଂରାଜୀ ଭାଷାରେ ହେଉଛି। ଏଥିରୁ ବିଧାନସଭା ବି ବାଦ୍ ପଡୁନି। ରାଜ୍ୟ ଶାସନର ପ୍ରାଣକେନ୍ଦ୍ର ଉଭୟ ଲୋକସେବା ଭବନ ଓ ବିଧାନସଭାରେ ପ୍ରାୟ ସମସ୍ତ ଚିଠି ଏବେବି ଇଂରାଜୀ ଭାଷାରେ ହେଉଛି। ବିଧାନସଭାରେ ଅନେକ ବିଭାଗର ସ୍ଥାୟୀ କମିଟିର ରିପୋର୍ଟ ଇଂରାଜୀ ଭାଷାରେ ଉପସ୍ଥାପିତ ହେଉଛି। ସେହିପରି ଅନେକ ବିଚାର ବିଭାଗୀୟ ରିପୋର୍ଟ, ବିଭାଗୀୟ ଖର୍ଚ୍ଚଦାବି, କମିଶନ ରିପୋର୍ଟ, ଅଧ୍ୟାଦେଶ ଆଦି ଓଡିଆ ଭାଷାରେ ସ୍ଥାପିତ ହେଉନାହିଁ। ବିଧାନସଭାରେ ସମସ୍ତ କାର୍ଯ୍ୟାବଳୀ ଓଡିଆ ଭାଷାରେ କରିବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ। ଶ୍ରୀ ନାଏକ କହିଛନ୍ତି ଯେ ଲୋକସଭା ଭବନରେ ସମସ୍ତ କାର୍ଯ୍ୟ ଓଡିଆ ଭାଷାରେ ହେଉନାହିଁ। ଖାଲି ସେତିକି ନୁହେଁ ନ୍ୟାୟାଳୟମାନଙ୍କରେ ବି ମୁଖ୍ୟ ଭାଷା ଭାବରେ ଇଂରାଜୀ ଭାଷାର ବ୍ୟବହାର ହେଉଛି। ଫଳରେ ସରକାରୀ କାର୍ଯ୍ୟକ୍ରମ ହେଉ ବା ନ୍ୟାୟ ହେଉ ସାଧାରଣ ଲୋକମାନେ ଭାଷାର ବାଧକତା କାରଣରୁ ସେଥିରୁ ବଞ୍ଚିତ ହେଉଛନ୍ତି। ଏହାକୁ ରୋକିବାକୁ ହେଲେ ରାଜ୍ୟ ଶାସନ ପ୍ରକିୟାରେ ଓଡିଆ ଭାଷାକୁ ସମ୍ପୂର୍ଣ୍ଣ ଭାବେ ଲାଗୁକରିବାକୁ ପଡିବ। ସରକାରଙ୍କର ସମସ୍ତ ଚିଠି, ବିଜ୍ଞପ୍ତିକୁ ଓଡିଆ ଭାଷାରେ ପ୍ରକାଶନ କରିବାକୁ ପଡିବ। ଏବେ ଇଂରାଜୀ ଭାଷା ଏକ ନମ୍ବର ଭାଷା ଭାବେ ସବୁଠାରେ ବ୍ୟବହାର ହେଉଛି ଓ ଓଡିଆ ଭାଷାକୁ ଆବଶ୍ୟକ ପଡିଲେ ଦୁଇ ନମ୍ବର ଭାଷା ଭାବେ ବ୍ୟବହାର କରାଯାଉଛି। ଏଥିରେ ବଦଳାଯାଇ ଓଡିଆ ଭାଷାକୁ ଏକ ନମ୍ବର ଓ ଇଂରାଜୀ ଭାଷାକୁ ଆବଶ୍ୟକ ପଡିଲେ ଦୁଇ ନମ୍ବର ଭାଷା ଭାବେ ବ୍ୟବହାର କରାଯାଉ। ପ୍ରଦୀପ୍ତ ଚିଠିରେ ଲେଖିଛନ୍ତି ଯେ ଓଡିଶା ଉଚ୍ଚ ନ୍ୟାୟାଳୟରେ ଓଡିଆ ଭାଷାରେ ବ୍ୟବହାର କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ଦେଶର ଅନ୍ୟରାଜ୍ୟ ମାନେ ସେମାନଙ୍କର ନ୍ୟାୟିକ ବ୍ୟବସ୍ଥାରେ ସଂସ୍କାର ଆଣି ନିଜର ମାତୃଭାଷାରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନେଲେଣି। ହେଲେ ଓଡିଶା ଏ ଦିଗରେ ଏବେ ସୁଦ୍ଧା ଭାବିବା ବି ଆରମ୍ଭ କରିନାହିଁ। ସରକାରୀ କାର୍ଯ୍ୟ, ବିଧାନସଭା ଓ ବିଚାର ବିଭାଗୀୟ କାର୍ଯ୍ୟଧାରା ଲୋକାଭିମୁଖୀ ହେବାର ଆବଶ୍ୟକତା ଥିବାରୁ ଯେତେଶୀଘ୍ର ଓଡିଆ ଭାଷାର ବ୍ୟବହାର ବୃଦ୍ଧିପାଇବ ରାଜ୍ୟବାସୀଙ୍କ ପାଇଁ ସେତେ ମଙ୍ଗଳକାରି ହେବ। ତେଣୁ ମୁଖ୍ୟମନ୍ତ୍ରୀ ସାଧାରଣ ଓଡିଆମାନଙ୍କର ସ୍ୱାର୍ଥ ପାଇଁ ସମସ୍ତ ସରକାରୀ କାର୍ଯ୍ୟ, ବିଚାର ବିଭାଗୀୟ ଓ ବିଧାନସଭା କାର୍ଯ୍ୟକ୍ରମ ଓଡିଆ ଭାଷାରେ ସମ୍ପାଦନ କରିବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ନାଏକ ଦାବି କରିଛନ୍ତି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୭ ଜାନୁଆରୀ - ୨ ଫେବୃଆରୀ, ୨୦୨୦

# ନିଷ୍ପତ୍ତିକୁ ବିରୋଧ କ'ଣ ପାଇଁ ?

ସମ୍ପାଦକୀୟ

ତାରକ ମହାନ୍ତି



**ସା**ମ୍ପ୍ରତିକ ସମୟରେ ଦେଶ ହେଉ କିମ୍ବା ରାଜ୍ୟରେ ସରକାର ଯେକୌଣସି କଠୋର ନିଷ୍ପତ୍ତି ନେଲେ ଏହାକୁ ବିରୋଧ କରାଯାଉଛି। ଏହି ବିରୋଧ ପଛର କାରଣଟିକୁ ଅନୁଶୀଳନ କଲେ ଜଣାଯାଏ ଯେ, ଏହା ପଛରେ ରାଜନୈତିକ ଅଭିଶନ୍ଧି କିମ୍ବା ନିୟମ ଖିଲାପକାରୀଙ୍କ ଏକ ମନ୍ଦ ଉଦ୍ଦେଶ୍ୟ ରହିଛି। ସରକାର ଯେତେବେଳେ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ପଛରେ ସାଧାରଣ ଲୋକଙ୍କ ମଙ୍ଗଳ କରିବା ଚିନ୍ତାଧାରା ସହିତ ଭବିଷ୍ୟତ ପିଢ଼ିକୁ ସୁରକ୍ଷିତ ରଖିବା ପାଇଁ ଏକ ବାସ୍ତବ ପରିକଳ୍ପନା ରହିଥାଏ। ମୂଳକଥାଟି ହେଉଛି କେତେକ ଭାରତୀୟଙ୍କ ମାନସିକତାରେ ଅନୀତିକୁ ନୀତି ଭାବେ ଗ୍ରହଣ କରି ସବୁଥିରେ ନିଜର ସ୍ୱାର୍ଥ ହାସଲ କରିବା। ଏହା କେତେଦୂର ଯଥାର୍ଥ। ନିକଟରେ ଟ୍ରାଫିକ୍ ନିୟମ କଡାକଡି କରାଯିବା ଫଳରେ ଏହାକୁ ଅନେକ ରାଜ୍ୟ ବିରୋଧ କରିଥିଲା। ଏଥିରେ କେନ୍ଦ୍ର ସରକାରଙ୍କର ଯୁକ୍ତି ଥିଲା ଯେ, ଟ୍ରାଫିକ୍ ନିୟମ କଡାକଡି ହେଲେ ଗାଡି ଚାଳକ ମାନେ ଶୃଙ୍ଖଳିତ ଭାବେ ଗାଡି ଚଳାଇବା ସହିତ ଟିକସ ଫାଙ୍କୁଥିବା ଗାଡି ମାଲିକମାନେ ଧରାପଡିବେ। ଏଥିରେ ବିରୋଧାଭାଷ ଆସିବାର କାରଣ କ'ଣ? କାରଣ ଏହା ଯେ ଟ୍ରାଫିକ୍ ନିୟମକୁ ଉଲ୍ଲଙ୍ଘନ କରୁଥିବା ବ୍ୟକ୍ତିବିଶେଷ କୋହଳ ନିୟମ ଦେଇ ଗତି କରିବାର ଧାରାରେ ଦୀର୍ଘଦିନ ହେବ ପରିଚାଳିତ ହୋଇ ଆସୁଥିଲେ। ଏଥିସହ ଅନେକ ଅସାଧୁ ଗାଡି ମାଲିକ ରାଜସ୍ୱ ଫାଙ୍କି ନିଜର ପକେଟ୍ ଉଚ୍ଚା କରିବା ସହିତ ଦେଶ ବିକାଶରେ ପ୍ରତିବନ୍ଧକ ସାଜୁଥିଲେ। ତେଣୁ ସେମାନଙ୍କୁ ଏହି ନିୟମକଟି ନିଶ୍ଚିତ ଅଡୁଆ ଲାଗିବ। ଏହା ସ୍ୱାଭାବିକ ଯେ, ଚୋରକୁ ଅନ୍ଧାର ରାତି ଦରକାର ଭଳି ଅନୀତି ପଥରେ ଅର୍ଥ ଉପାର୍ଜନ କରୁଥିବା ବ୍ୟକ୍ତିମାନେ କ୍ଷତିଗ୍ରସ୍ତ ହେବେ। ତେଣୁ ନିଜର ସ୍ୱାର୍ଥହାନୀ ହେବା ଭଳି ନିୟମ ଆସିଲେ ତାଙ୍କ ପାଇଁ ଏହା କଣ୍ଟକ ସଦୃଶ। ଏଭଳି ଅନେକାନକ ନଜିର ଆମ ଦେଶ ତଥା ରାଜ୍ୟରେ ରହିଛି। ଯେଉଁଥିପାଇଁ ଭଲ ନିୟମଟିଏ ଆସିଲେ ତାକୁ ଲୋକ ଲଗାଇ କିଭଳି ବିରୋଧ କରାଯିବ ଓ ଆଇନ ଅଟକିଯିବ ସେଥିପାଇଁ ମସୁଧା ଚାଲେ।

ସ୍ୱାଧୀନତା ପରଠାରୁ ଦେଶର ସୁରକ୍ଷା ଓ ଦେଶର ବିକାଶକୁ ନେଇ ଅନେକ ସରକାର ଅନେକ ପ୍ରକାର ନୂତନ ଯୋଜନା ପ୍ରଣୟନ କରିଛନ୍ତି। ସେଥିରେ ବିରୋଧୀ ରାଜନୈତିକ ରୁଟି ମଧ୍ୟ ସେକା ଚାଲିଛି। ତେବେ ପ୍ରସଙ୍ଗଟି ହେଉଛି ସବୁକଥାରେ କ'ଣ ରାଜନୀତି କରାଯାଏ? ଯେଉଁଠି ରାଷ୍ଟ୍ରୀୟ ସୁରକ୍ଷାର ପ୍ରସଙ୍ଗ ଉଠେ ସେଠାରେ ସବୁ ରାଜନୈତିକ ଦଳ ଏହାକୁ ଗମ୍ଭୀରତାର ସହିତ ବିଚାର କରି ପ୍ରତିପକ୍ଷ ନିଷ୍ପତ୍ତିକୁ ଗ୍ରହଣ କରି ସମର୍ଥନ ଦେବା ଉଚିତ୍। କାରଣ ଦେଶ ସୁରକ୍ଷିତ ନରହିଲେ ରାଜନୀତିର ଅର୍ଥ କ'ଣ? ଏହି ସୁରକ୍ଷା ପ୍ରସଙ୍ଗଟି ଆସିଲେ ଆମ ରାଜ୍ୟରେ ୫୦ଲକ୍ଷ ଅନୁପ୍ରବେଶକାରୀ ବାଂଲାଦେଶୀ ରହୁଥିବା ଜଣାପଡିଛି। ତଥ୍ୟ ଯଦି ସତ୍ୟ ହୁଏ ତେବେ ଏହା ଆମ ପାଇଁ ବିପଦ ନୁହେଁ କି? ରାଜ୍ୟ ଯୋଜନାର ଅର୍ଥ ରାଜ୍ୟବାସୀଙ୍କ ପାଇଁ ହୋଇଥିଲା ବେଳେ ଏହାର ଭରପୂର ଫାଇଦା ଯେତେବେଳେ ଅନୁପ୍ରବେଶକାରୀଙ୍କୁ ମିଳୁଛି ସେତେବେଳେ ରାଜ୍ୟବାସୀଙ୍କର ଏହା କ୍ଷତି ହେବା ସହିତ ରାଜକୋଷରୁ ମଧ୍ୟ ବିପୁଳ ଅର୍ଥ କ୍ଷତି ହେଉଛି। ତେଣୁ ଏହାକୁ ରାଜ୍ୟବାସୀ ନିଜର ଗୁରୁତର ସମସ୍ୟା ଭାବେ ମନେକରି ସରକାରଙ୍କୁ ଏ ଦିଗରେ ନିଜର ପ୍ରସ୍ତାବ ଓ ମତାମତ ଦେବା ସହିତ ସରକାରଙ୍କ ନିଷ୍ପତ୍ତି ସାଥିରେ ରହିବାର ଆବଶ୍ୟକତା ରହିଛି। କିନ୍ତୁ ଅନୁପ୍ରବେଶକାରୀଙ୍କୁ ହଟାଇବା ପ୍ରସଙ୍ଗରେ ଯେତେବେଳେ ସରକାର ହୁଅନ୍ତୁ କି ବିରୋଧୀ ଭୋଟ ଲୋଭରେ ଏହାକୁ ନିରବରେ ସହିଯିବେ ସେଥିରେ ରାଜ୍ୟ ପାଇଁ ନୂଆ ସଙ୍କଟ ସୃଷ୍ଟି ହେବ ନିଶ୍ଚୟ। 'ଆମ ଯୋଜନା ଆମ ପାଇଁ' ଏଥିରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବ୍ୟକ୍ତି କେବେ ଆମ ନିଜର ବୋଲି ବିଚାର କରାଯାଇ ପାରିବ କି? ଏପରି ଅନେକ ଘଟଣାରେ ଦେଖାଯାଉଛି ଯେ, ଛାତ୍ର ହୁଅନ୍ତୁ କି ଶ୍ରମିକ, ସରକାରୀ କର୍ମଚାରୀ ହୁଅନ୍ତୁ କି ବସ୍ତିବାସିନ୍ଦା, ରାସ୍ତା କଡ ଉଠା ବେପାରୀ ହୁଅନ୍ତୁ କି ଠିକାଦାର ଯେତେବେଳେ ନିୟମ କଡା କରାଯାଉଛି ଏହାକୁ ବିରୋଧ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇ ଆସୁଛନ୍ତି। ଅର୍ଥାତ୍ ସେମାନେ ନୀତି ନିୟମ ବିରୋଧରେ ହିଁ ନିଜର ପ୍ରତିବାଦ ଜଣାଉଛନ୍ତି। ଏଭଳି ପ୍ରତିବାଦ କେତେଦୂର ଠିକ୍ ତାହା ବିଚାର କରାନଯାଇ ରାଜନୈତିକ ସଙ୍କଟ ଉପୁଜିବା ଆଶାରେ ବେବେବେଳେ ସେମାନଙ୍କ କଥାକୁ ସରକାର ପ୍ରକାରାନ୍ତରେ ସମର୍ଥନ ନକଲେ ବି କାର୍ଯ୍ୟାନୁଷ୍ଠାନ ନେବାରେ କୁଣ୍ଠା ପ୍ରକାଶ କରୁଛନ୍ତି। ଏଭଳି ବିଚାରଧାରାରେ ପରିବର୍ତ୍ତନ ନ ଆସିଲେ ବିରୋଧାଭାଷ ଦିନକୁ ଦିନ ତୀବ୍ରତର ହେବାର ଆଶଙ୍କା ମଧ୍ୟ ରହିଛି। ତେଣୁ ଯେଉଁ ନୀତି ସର୍ବାଦୌ ଗ୍ରହଣୀୟ ସେଥିରେ ପ୍ରଶାସନ ପଛଘୁଞ୍ଚା ଦେବା ଉଚିତ୍ ନୁହେଁ। ବରଂ ନିୟମଟିକୁ କଡାକଡି ପାଳନ କରିବା ପାଇଁ ଯାହା ଯାହା ଉଦ୍ୟମ ଦରକାର ତାହା ତାହା କରିବା ଉଚିତ୍। କିନ୍ତୁ ଏଥିରେ ମଧ୍ୟ ଗୋଟିଏ ପ୍ରଶ୍ନ ରହିଛି। ତାହା ହେଉଛି ନିୟମ ପାଳନ ବେଳେ ଏହା କେତେଦୂର ସ୍ୱଚ୍ଛତାର ସହିତ ପାଳନ କରାଯାଉଛି ବା କାର୍ଯ୍ୟାନୁଷ୍ଠାନରେ କେତେ ସଙ୍କୋଚ ପଣିଆ ରହିଛି ସେ ଦିଗ ପ୍ରତି ଯତ୍ନବାନ ନହେଲେ ଆନ୍ଦୋଳନ ହେବା ସ୍ୱାଭାବିକ। ବର୍ତ୍ତମାନ ଗୋଟିଏ ଘଟଣାକୁ ଅନୁଧ୍ୟାନ କଲେ ଜଣାପଡେ ଯେ, ଚଳିତବର୍ଷ +୨ ପ୍ରଥମ ବର୍ଷ (ଏକାଦଶ) ପରୀକ୍ଷା କଡାକଡି କରାଯିବା ନିଷ୍ପତ୍ତି ଗ୍ରହଣ ପରେ ଏହାକୁ ବିରୋଧ କରି କିଛି ଛାତ୍ରଛାତ୍ରୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ କଠୋର ପରୀକ୍ଷାକୁ ବିରୋଧ କରୁଛନ୍ତି କିନ୍ତୁ ଏଥିରେ ରାଜନୈତିକ ହୀନ ଉଦ୍ଦେଶ୍ୟ ରହିଛି ତାହା ସ୍ପଷ୍ଟ ନହେଲେ ମଧ୍ୟ ପାଠ ପଢୁଥିବା ପିଲାମାନେ ପରୀକ୍ଷା କଟକଣାକୁ ବିରୋଧ କରିବାର କାରଣ କ'ଣ? ଅଭିଭାବକମାନେ ନିଜର କଷ୍ଟାର୍ଜିତ ଧନ ଯେତେବେଳେ ପିଲାମାନଙ୍କୁ ଭଲ ମଣିଷ କରିବା ପାଇଁ ଖର୍ଚ୍ଚ କରୁଛନ୍ତି ସେତେବେଳେ ପିଲାମାନେ ଭଲ ମଣିଷ ହେବା ପାଇଁ ଭଲ ପାଠ ନ ପଢ଼ି ପରୀକ୍ଷାରେ କଡା ନିୟମକୁ ବିରୋଧ କରିବା ସମ୍ପୂର୍ଣ୍ଣ ବେଆଇନ ଓ ଅନୁଚିତ୍। ପରୀକ୍ଷା ନିୟମ କଡା ହେଲା ପରେ ଯେଉଁ କଥାଟି ପିଲାମାନେ ଉଠାଉଛନ୍ତି ତାହା ଆଗରୁ ଉଠିପାରିଥାନ୍ତା। କିନ୍ତୁ ଯେଉଁ ସମୟରେ ଯେଉଁଠାରେ ଏ ପ୍ରସଙ୍ଗଟି ଉଠିବା କଥା ନ ଉଠି ତାହା ପରୀକ୍ଷା ନିୟମକୁ ନେଇ ଉଠିବା କେତେ ଉଚିତ୍ ତାହା ବୁଝି ହେଉନି। ଭଲ ପାଠ ପଢ଼ିଲେ ପରୀକ୍ଷା ଫଳ ନିଶ୍ଚୟ ଭଲ ହେବ। ଏହି କଥାରେ ବିଶ୍ୱାସ କରି ପିଲାମାନେ ଅଧିକରୁ ଅଧିକ ଶିକ୍ଷା ପ୍ରତି ଧ୍ୟାନ ଦେବା ବଦଳରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଦୌ ଗ୍ରହଣୀୟ ନୁହେଁ। ତେବେ କୋମଳମତି ପିଲାମାନେ ରାସ୍ତାକୁ ଓହ୍ଲାଇବା ଏତେ ସହଜ ହୋଇ ନଥିଲା ବେଳେ ସେମାନେ ସହଜରେ କିଭଳି ରାସ୍ତାକୁ ଓହ୍ଲାଇଲେ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପରୀକ୍ଷା ପାଇଁ କିଏ ପ୍ରଶ୍ନପତ୍ର ତିଆରି କରିବ ଏହା ପିଲାମାନଙ୍କର ଦାୟିତ୍ୱ ନୁହେଁ। ତାଙ୍କ ଦାୟିତ୍ୱ ଏତିକି ଯେ, ସେମାନେ ଉପଯୁକ୍ତ ଭାବେ ପ୍ରସ୍ତୁତ ହୋଇ ପରୀକ୍ଷା କେନ୍ଦ୍ରକୁ ଆସିବେ ଏବଂ ସୁସ୍ଥ ମାନସିକତାରେ ପ୍ରଶ୍ନର ଉତ୍ତର ଦେଇ ଭଲ ମାର୍କ ରଖି ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇପାରିବେ। ତେଣୁ ନିଜର ତ୍ରୁଟି ଥାଇ ଅନ୍ୟକୁ ଭୁଲ ଦର୍ଶାଇବା କୌଣସି ବି ପରିସ୍ଥିତିରେ ସହଜ ହୋଇନପାରେ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ରାଜ୍ୟସଭା ପାଇଁ ନବୀନଙ୍କ ଅଗ୍ନି ପରୀକ୍ଷା



ଡାକ୍ତର ନୀଳମାଧବ ପୃଷ୍ଟି

ମୁଣ୍ଡ ଉପରେ ମାର୍ଚ୍ଚରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଜ୍ୟସଭା ମହାଲଢ଼େଇ ତେବେ ରୋଚକ ଓ ଚର୍ଚ୍ଚିତ ପ୍ରସଙ୍ଗ ହେଉଛି ଏହା ଯେ ଏହି ମହାଲଢ଼େଇରେ ବହୁତ ବଡ଼ ରାଜନୈତିକ ପରୀକ୍ଷାକୁ ସାମ୍ନା କରିବେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ। ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଏହି ନିର୍ବାଚନକୁ ନେଇ ବିଭିନ୍ନ ଦଳର ଅଙ୍କ କଷୁଛି। ଯାହାକୁ ନେଇ ରାଜନୈତିକ ସମୀକ୍ଷକମାନେ ମଧ୍ୟ ଭିନ୍ନ ଭିନ୍ନ ଚିନ୍ତାରେ ରହୁଛନ୍ତି। ଓଡ଼ିଶାରେ ନିରଙ୍କୁଶ ସଂଖ୍ୟାଗରିଷ୍ଠ ଦଳ ହେଉଛି ବିଜେଡ଼ି। ତୃଣମୂଳ ସ୍ତରରୁ ଦଳକୁ ସଂଗଠିତ କରି ଅନେକ ଲୋକପ୍ରିୟ ଯୋଜନା ମାଧ୍ୟମରେ ଏହି ଦଳ ରେକର୍ଡ଼ ସଂଖ୍ୟକ ଭୋଟ ପାଇ ଆଗେଇ ଚାଲିଛି। ଅନେକ ଜନପ୍ରିୟ ଓ ଲୋକହିତକାରୀ କାର୍ଯ୍ୟକ୍ରମ ବିଜେଡ଼ିର ବଡ଼ ଭୋଟ ପୁଞ୍ଜି। ପାଟକୁରାରେ କଡ଼ା ଚ୍ୟାଲେଞ୍ଜକୁ ସାମ୍ନା କରି ବିଜେଡ଼ି ଜିତିଥିବାବେଳେ ବିଜେପୁର ଉପନିର୍ବାଚନ ସମ୍ପୂର୍ଣ୍ଣ ଏକପାଖିଆ ଥିଲା। ଆସନ୍ତା ମାର୍ଚ୍ଚରେ ଚାରଟି ରାଜ୍ୟସଭା ଆସନ ଖାଲି ପଡୁଛି। ଏଥିରୁ ତିନୋଟି ଅଛି ବିଜେଡ଼ି ହାତରେ। ଅନୁଭବ ମହାନ୍ତି, ନରେନ୍ଦ୍ର ସ୍ୱାଇଁ, ସରୋଜିନୀ ହେମ୍ବ୍ରମ ଓ କଂଗ୍ରେସର ରଞ୍ଜୀବ ବିଶ୍ୱାଳଙ୍କ କାର୍ଯ୍ୟକାଳ ସରୁଛି। ବିଜେଡ଼ି ହାତରେ ଯେତିକ ବିଧାୟକଙ୍କ ସଂଖ୍ୟା ଗଣିତ ରହିଛି ତିନିଜଣ ପ୍ରାର୍ଥୀଙ୍କୁ ଦଳ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭା ପଠାଇପାରିବ। ରାଜ୍ୟସଭା ନିର୍ବାଚନ ଜିତିବା ପାଇଁ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ୩୦.୪ ଭୋଟ ପାଇବାକୁ ଦରକାର ପଡୁଥିବାବେଳେ ଚତୁର୍ଥ ଆସନ ପାଇଁ ବିଜେଡ଼ି ହାତରେ ୨୨ଟି ଭୋଟ ବଳୁଛି ତେଣୁ ଆଉ ୯ଟି ଭୋଟ ଯୋଗାଡ଼ କରିପାରିଲେ ଚତୁର୍ଥ ଆସନଟି ମଧ୍ୟ ବିଜେଡ଼ି ଖାତାକୁ ଯାଇପାରିବ। ତେବେ ଏହି ୯ଟି ସଂଖ୍ୟା କଂଗ୍ରେସ ହାତରେ ରହିଛି। ଗତ ରାଜ୍ୟସଭା ନିର୍ବାଚନରେ ଭେଟେରାନ ଗଣମାଧ୍ୟମ ବ୍ୟକ୍ତିତ୍ୱ ସୌମ୍ୟବାବୁ ଓ ଅଚ୍ୟୁତ ସାମନ୍ତଙ୍କୁ ନବୀନ ବାବୁ ସମସ୍ତଙ୍କୁ ଚମକାଇ ରାଜ୍ୟସଭା ପ୍ରାର୍ଥୀ କରି ଜିତାଇଥିଲେ। ଏବେ ଛଅ ବର୍ଷିଆ ରାଜ୍ୟସଭା ଟର୍ମ ପାଇଁ ଯେଉଁ ଚାରୋଟି ଆସନ ସକାଶେ ଭୋଟ ହେବ ତାହା ପାଇଁ କିନ୍ତୁ ବିଜେଡ଼ିର ଆଶାୟୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲୁଛି। ଓଡ଼ିଶାରେ ବିଧାନ ପରିଷଦ ପାଇଁ କେନ୍ଦ୍ରର ମୋଦି ସରକାରଙ୍କ ଠାରୁ ବଡ଼ ନିର୍ଭରଯୋଗ୍ୟ ସହଯୋଗର ପ୍ରତିଶ୍ରୁତି ପାଇଲେ ନବୀନ ବାବୁଙ୍କ ପାଇଁ ଆଉ ସମସ୍ୟା ରହିବ ନାହିଁ। କେନ୍ଦ୍ରର ମୋଦି ସରକାର ଓ ଓଡ଼ିଶାରେ ବିଜେଡ଼ି ସରକାରଙ୍କ ସୁସମ୍ପର୍କ ରହିଛି ବୋଲି ଖବର ପ୍ରକାଶ ପାଉଛି। କୁହାଯାଉଛି ବିଜେଡ଼ି ସୁପ୍ରିମୋ କେନ୍ଦ୍ର ସରକାରଙ୍କୁ ଅନେକ କ୍ଷେତ୍ରରେ ନିର୍ଭରଯୋଗ୍ୟ ସମର୍ଥନ ଦେଉଥିବାରୁ ନବୀନ ବାବୁଙ୍କ ଚାପ ଆଗରେ ମୋଦି ସରକାର ହିଁ ଭରିବେ କି?



ଗତ ଉପନିର୍ବାଚନରେ ବିଜେଡ଼ି ସସ୍ମିତ ପାତ୍ର ଓ ଅମର ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଥିଲା। ତୃତୀୟ ଆସନଟି ବିଜେପିକୁ ଛାଡ଼ି ଦେଇଥିଲା ଯାହାଦ୍ୱାରା ଭାଜପାର ଅଶ୍ୱୀନ ବୈଷ୍ଣବ ରାଜ୍ୟସଭାକୁ ଯାଇପାରିଲେ। କେନ୍ଦ୍ରରେ ଶକ୍ତିଶାଳୀ ମୋଦି ସରକାର ଅନେକ ଜନହିତକାରୀ ଓ ଦେଶର ମଙ୍ଗଳ ପାଇଁ ନୂଆ ନୂଆ ବିଧେୟକ ହାତକୁ ନେଉଥିବାବେଳେ ଏ କ୍ଷେତ୍ରରେ ବାଧକ ସାଜୁଛି ରାଜ୍ୟସଭାର ଗଣିତ। ରାଜ୍ୟସଭା ଦଳର ସଂଖ୍ୟାଗରିଷ୍ଠତା କମ୍ ରହୁଥିବାରୁ ଦଳ ଅନେକ ସମୟରେ ଅନ୍ୟ ଆଞ୍ଚଳିକ ଦଳ ଉପରେ ନିର୍ଭର କରୁଛି। ତେଣୁ କୁହାଯାଉଛି ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟସଭାରେ ଭାଜପାର ସଂଖ୍ୟାଗରିଷ୍ଠତାକୁ ଅପେକ୍ଷା କରିବା ସହ ଏହା ଉପରେ ବଡ଼ ଦୃଷ୍ଟି ରଖିଛନ୍ତି। ବର୍ଷ ବର୍ଷ ଧରି ନିର୍ଭରଯୋଗ୍ୟ ମେଣ୍ଟ ସହଯୋଗୀ ଶିବସେନା ବିଜେପି ଗଠବନ୍ଧନରୁ ବାହାରିଯିବା ପରେ ବିହାରର ଜେଡ଼ିୟୁର ମତିଗତି ମଧ୍ୟ ନିର୍ଭରଯୋଗ୍ୟ ନୁହେଁ। ତେଣୁ ମୋଦି-ଶାହା ଯୋଡ଼ି ରାଜ୍ୟସଭା ଗଣିତକୁ ବଡ଼ ଗୁରୁତ୍ୱ ଦେଉଛନ୍ତି। ତେଣୁ କୁହାଯାଉଛି ଆସନ୍ତା ନଭେମ୍ବର ବେଳକୁ ମୋଦିଙ୍କ ଆଶା ପୂରଣ ହୋଇପାରେ। ବିଭିନ୍ନ ରାଜ୍ୟରେ କଂଗ୍ରେସର ସାଂସଦମାନେ ରାଜ୍ୟସଭାରୁ ଅବସର ନେବା ପରେ ନୂଆ ଗଣିତରେ ବିଜେପି ଓ ଏହାର ସମର୍ଥକ ସହାୟକ ଦଳ ମାନଙ୍କ ଭୋଟରେ ରାଜ୍ୟସଭାରେ ଦଳ ସଂଖ୍ୟାଗରିଷ୍ଠତା ପାଇଯିବ। ତେଣୁ ବର୍ତ୍ତମାନ ସମୟରେ ମୋଦି-ଶାହା ଯୋଡ଼ି ଗୋଟିଏ ରାଜ୍ୟସଭା ସିଟକୁ ବି ଅତ୍ୟନ୍ତ ଗୁରୁତର ସହ ଚିନ୍ତା କରୁଛନ୍ତି। ରାଜନୈତିକ ସମୀକ୍ଷକଙ୍କ ମତ ଗତ ଜୁନ୍ ରାଜ୍ୟସଭା ଉପନିର୍ବାଚନରେ କେନ୍ଦ୍ର ମୋଦି ସରକାର ଓଡ଼ିଶାରୁ ଗୋଟିଏ ବିଜେପି ରାଜ୍ୟସଭା ସିଟ ଯେପରି ନେଇପାରିଲେ ତେଣୁ ଏହା ଆଗାମୀ ନିର୍ବାଚନରେ ରିପିଟ୍ ହୋଇପାରେ। ଓଡ଼ିଶାରୁ ବିଜେଡ଼ିର ସମର୍ଥନରେ ଆଉ ଗୋଟିଏ ଆସନ ହାସଲ କରିବା ପାଇଁ କେନ୍ଦ୍ର ବିଜେପିର ଚତୁର ରଣନୀତି ଓ କୂଟନୀତି ରହିଛି। ଏବେ ଓଡ଼ିଶାର ଅନେକ ବିକାଶ ଓ ଯୋଜନାମୂଳକ କାର୍ଯ୍ୟକ୍ରମରେ କେନ୍ଦ୍ରର ମୋଦି ସରକାର ପର୍ଯ୍ୟାପ୍ତ ସହାୟତା ଯୋଗାଇ ଦେଉଛନ୍ତି। କୁହାଯାଉଛି ମୋଦି-ଶାହାଙ୍କ ଚାପ ଓ କେନ୍ଦ୍ର ରାଜ୍ୟ ସୁସମ୍ପର୍କ ଆଗରେ ବିଜେଡ଼ି ସୁପ୍ରିମୋ ମୁଣ୍ଡ ନୁଆଁଇ ପାରନ୍ତି। ଜାମ୍ମୁରେ ୩୭୦ଧାରା ଓ ଜନଗଣନା ପଞ୍ଜିକା ପରି ବିଜେପିର ବଡ଼ ବଡ଼ ଘୋଷଣା ଓ କାର୍ଯ୍ୟକ୍ରମରେ ନବୀନ ବାବୁଙ୍କ ବିଜେଡ଼ି ସମର୍ଥନ ଦେଇଛି। କହିବାକୁଗଲେ ବିଜେଡ଼ି ବିଜେପିର ରାଷ୍ଟ୍ରୀୟ ପ୍ରସଙ୍ଗରେ ସମର୍ଥନ କରିବାକୁ ଯେଉଁ ନିଷ୍ପତ୍ତି ନେଇଛି ତାହା ଅତ୍ୟନ୍ତ ପ୍ରାସଙ୍ଗିକ। ରାଜନୀତି, ଦଳ ଓ ବ୍ୟକ୍ତିଗତ ପ୍ରସଙ୍ଗକୁ ଉର୍ଦ୍ଧ୍ୱରେ ରଖି ଦେଶର ସ୍ୱାର୍ଥ ଓ ରାଜ୍ୟର ହିତ ପାଇଁ ଯାହା ଯଥାର୍ଥ ଓ ଗୁରୁତ୍ୱପୂର୍ଣ୍ଣ ଏହାକୁ ଏହି ଦୁଇଦଳ ବିଶ୍ୱାସ ଓ ସମର୍ଥନ କରୁଛନ୍ତି। ରାଜନୈତିକ ମତଭେଦ ରହିପାରେ କିନ୍ତୁ ରାଜ୍ୟ ଓ ରାଷ୍ଟ୍ରର ସ୍ୱାର୍ଥ ସାଧନରେ ବିରୋଧୀ ମତ ଓ ଭାବନା ରହିଲେ ମଧ୍ୟ ପ୍ରଜାମଙ୍ଗଳ ଓ ରାଷ୍ଟ୍ରମଙ୍ଗଳ ଚିନ୍ତନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ରାଜ୍ୟସଭା ନିର୍ବାଚନ ନିଶ୍ଚିନ୍ତ ଭାବେ ବିଜେଡ଼ି ପାଇଁ ବଡ଼ ଅଗ୍ନି ପରୀକ୍ଷା ସଦୃଶ। ତେବେ ସମଗ୍ର ଭାରତରେ ରାଜନୈତିକ ଗୋଟି ଚାଳନାରେ ଓ ଏକ ଶକ୍ତିଶାଳୀ ପ୍ରଭାବୀ ଆଞ୍ଚଳିକ ଦଳ ଗଠନରେ ନବୀନ ବାବୁ ଯେଉଁ ରଣନୀତି କାର ଭାବେ ପ୍ରତିଷ୍ଠା ପାଇଛନ୍ତି ତାହା ଏହି ନିର୍ବାଚନରେ ତାଙ୍କୁ ନିଶ୍ଚୟ ବିଜୟୀ କରିବ।

*ପାଣିକୋଇଲି, ଯାଜପୁର*
*ଦୂରଭାଷ : ୯୪୩୯୪୮୨୫୨୬*

# ଓଡ଼ିଶା ସରକାରଙ୍କ ସଫଳ ସ୍ୱାସ୍ଥ୍ୟ ଲୋକକଲ୍ୟାଣ କାର୍ଯ୍ୟକ୍ରମ



ଡାକ୍ତର କାନ୍ତୀ ନାୟକ

ଗତ ୨୦୧୯ରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପାଇଁ ଥିଲା ସବୁଠାରୁ ସଫଳତାର ବର୍ଷ। ରାଜ୍ୟବାସୀଙ୍କୁ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇ ମୋ ସରକାର କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହୋଇଛି। ସ୍ୱାସ୍ଥ୍ୟଭିତ୍ତିଭୂମିକୁ ସଜାଡ଼ିବା ପାଇଁ ସରକାର ୧୫ଟି ଜିଲ୍ଲା ହସ୍ପିଟାଲ ଓ ମେଡ଼ିକାଲ କଲେଜକୁ ୩ହଜାର କୋଟି ଟଙ୍କା ଦେବା ସହ କଟକ ବଡ଼ମେଡ଼ିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ହଜାର କୋଟି ଟଙ୍କା ଦେଇଛନ୍ତି। ମାଲକାନଗିରି ଜିଲ୍ଲା ହସ୍ପିଟାଲର ବେଡ଼ ସଂଖ୍ୟା ୨୦୦କୁ ବଢ଼ାଯିବା ସହ କୋରାପୁଟ ମେଡ଼ିକାଲ କଲେଜ ବେଡ଼ ୫୦୦ରୁ ୭୦୦କୁ ବଢ଼ାଯାଇଛି। ସେହିଭଳି କୋରାପୁଟ ଜିଲ୍ଲା ହସ୍ପିଟାଲର ବେଡ଼ ସଂଖ୍ୟା ୨୫୦କୁ ବୃଦ୍ଧି କରାଯିବା ସହ ନବରଙ୍ଗପୁର ଜିଲ୍ଲା ହସ୍ପିଟାଲ ବେଡ଼ ସଂଖ୍ୟା ୨୦୦କୁ ବଢ଼ାଯାଇଛି। ଫୁଲବାଣୀ ମେଡ଼ିକାଲ କଲେଜରେ ୫୦୦ ବେଡ଼ ବିଶିଷ୍ଟ ହସ୍ପିଟାଲ ହେବା ସହ ବୌଦ୍ଧରେ ୨୦୦ ବେଡ଼ ବିଶିଷ୍ଟ ନୂଆଜିଲ୍ଲା ହସ୍ପିଟାଲ ହେବ। ନୟାଗଡ଼ ଜିଲ୍ଲା ହସ୍ପିଟାଲ ବେଡ଼ ସଂଖ୍ୟା ୨୫୦କୁ ବୃଦ୍ଧି ପାଇବ, ସୁବର୍ଣ୍ଣପୁର ଜିଲ୍ଲା ହସ୍ପିଟାଲ ସାତ ମହଲ ବିଶିଷ୍ଟ ବିଲଡିଂ ହେବା ସହ ଏଥିରେ ୨୦୦ ବେଡ଼ ରହିବ। ବଲାଙ୍ଗୀର ମେଡ଼ିକାଲ କଲେଜ କାମ ଦୁଇବର୍ଷ ଭିତରେ ସରିବ। ଅନୁଗୁଳରେ ବେଡ଼ ୧୯୨ରୁ ୩୦୦କୁ ବଢ଼ାଯାଇଛି। କେନ୍ଦ୍ରାପଡ଼ାରେ ବେଡ଼ ୧୭୫ରୁ ବଢ଼ି ୨୦୦ ହେବ। ସମ୍ବଲପୁର ଜିଲ୍ଲା ହସ୍ପିଟାଲରେ ୫୦ ବେଡ଼ ବଢ଼ିବା ସହ ବୁର୍ଲା ଭୀମସାରର ସାଟେଲାଇଟ ସେଣ୍ଟର ଭାବେ ସମ୍ବଲପୁର ଜିଲ୍ଲା ହସ୍ପିଟାଲ ଭାବେ କାର୍ଯ୍ୟ କରିବ। ଦେବଗଡ଼ରେ ବେଡ଼ ୬୦ରୁ ବଢ଼ି ୨୦୦ ହେବ ଓ ରାଉରକେଲାରେ ବେଡ଼ ୪୦୦କୁ ବଢ଼ିବ। ଏହାସହ କନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲା ହସ୍ପିଟାଲର ବିକାଶ ଜିଲ୍ଲା ଖଣିଜ ପାଣ୍ଠିରୁ କରାଯିବ। ୨୦୧୯ରେ ଏମ୍ସ ବେଶ ସଫଳ ଭାବେ ବହୁ ପ୍ରତିକ୍ଷିତି ମୋଡୁଲାର ଓଟି ଉଦ୍‌ଘାଟିତ ହୋଇଛି। ସେହିପରି ୧୦୦ ଶଯ୍ୟା ବିଶିଷ୍ଟ ଆଇସିୟୁ କମ୍ପ୍ଲେକ୍ସ ଖୋଲିବା ସହ ରେଡ଼ିଏସନ ପାଇଁ ଆଉ ଏକ ମେସିନ ଆସିବ। ଏସସିବି କଟକ, ଭୀମସାର ବୁର୍ଲା ଓ ଏମ୍‌କେସିଜି ବ୍ରହ୍ମପୁର ପରେ ସରକାର କୋରାପୁଟ, ବଲାଙ୍ଗିର, ବାରିପଦା, ବାଲେଶ୍ୱର ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି। ପୁରୀ ଓ ଯାଜପୁର ମେଡ଼ିକାଲ କଲେଜ କାମ ଆଗେଇ ଚାଲିଥିବା ବେଳେ ଭବାନୀପାଟଣା ଓ ଫୁଲବାଣିରେ ଦୁଇଟି ନୂଆ ମେଡ଼ିକାଲ କଲେଜ ପାଇଁ ଘୋଷଣା ହୋଇଛି। କଟକ ବଡ଼ ମେଡ଼ିକାଲ ଶଯ୍ୟା ସଂଖ୍ୟା ୩୦୦୦କୁ ବଢ଼ାଯିବା ସହ ଏକ ସମନ୍ୱିତ ହସ୍ପିଟାଲ ଭାବେ ବିଶ୍ୱସ୍ତରୀୟ ଡାକ୍ତରଖାନା ଭଳି ଏଠାରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସାର ବ୍ୟବସ୍ଥା ହେଉଛି। ୨୦୦ବର୍ଷ ତଳର କଟକ ମେଡ଼ିକାଲ କଲେଜକୁ ଏମ୍ସପ୍ଲସ ଅନୁଷ୍ଠାନ ଭାବେ ବିକଶିତ କରିବା ପାଇଁ ଯୋଜନା କରାଯାଉଛି। ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଅଧିକ ସକ୍ରିୟ କରି ସରକାରୀ ମେଡ଼ିକାଲ କଲେଜକୁ ଏଥିରେ ସାମିଲ କରାଯାଇଛି। ଭୁବନେଶ୍ୱର ଏମ୍ସକୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯିବା ସହ ରକ୍ତ ଭଣ୍ଡାରରେ ଏହି ଯୋଜନା ଅନ୍ତର୍ଗତ ମାଗଣା ରକ୍ତ ମିଳୁଛି। ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ପି.କେ.ଦାସଙ୍କୁ ସରକାର କ୍ୟାପିଟାଲ ହସ୍ପିଟାଲରେ ନିଯୁକ୍ତି ଦେବା ସହ ସ୍ୱତନ୍ତ୍ର କ୍ୟାଡ଼ର ସୃଷ୍ଟି କରି ତାଙ୍କୁ ନିଯୁକ୍ତି ଦେଇଛନ୍ତି। ତାଙ୍କରି ସୁପାରିଶ ଅନୁଯାୟୀ ସରକାର କାର୍ଡ଼ିଓ ଥୋରାସିସ୍ ଭାସ୍କୁଲାର ସର୍ଜରୀ ଡାକ୍ତରଙ୍କୁ ନିଯୁକ୍ତି କରିବା ସହ କ୍ୟାପିଟାଲ ହସ୍ପିଟାଲର ଏହି ବିଭାଗର ବେଡ଼ ସଂଖ୍ୟା ୫୦କୁ ବଢ଼ାଇବାକୁ ଯୋଜନା ରହିଛି। ସେହିଭଳି ପିଲାଙ୍କ ହୃଦ୍ ଅସ୍ତ୍ରୋପଚାର ମଧ୍ୟ ପ୍ରଥମ ଥର ଲାଗି ଓଡ଼ିଶାରେ ଆରମ୍ଭ କରିବାକୁ ଯୋଜନା ହୋଇଛି।

ଦୁର୍ଗମ ଅପହଞ୍ଚ ଇଲାକାର ଲୋକଙ୍କ ପାଇଁ ଭିଡ଼ିଓ କନ୍‌ଫେରେନ୍ସିଂ ଜରିଆରେ ଡିଜିଟାଲ ଫରମାଟରେ ଡାକ୍ତରମାନେ ପ୍ରେସ୍‌କ୍ରିପ୍ସନ ଲେଖିବେ। ସରକାର ଏଥିପାଇଁ ଗ୍ଲୋବାଲ ହେଲଥ୍ କେୟାର ସିଷ୍ଟମ ପ୍ରାଇଭେଟ ଲିମିଟେଡ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ୨୩ଟି ଜିଲ୍ଲାର ୧୦୨ଟି ଡିସ୍‌ପେନ୍‌ସେରୀରେ ଲୋକଙ୍କୁ ଡିଜିଟାଲ ସେବା ମିଳିବ। ଏହି ସେବା ଯୋଗାଇବା ପରେ ଓଡ଼ିଶା ହେବ ଏକମାତ୍ର ରାଜ୍ୟ। ପ୍ରତ୍ୟେକ ଡିଜିଟାଲ ଡିସ୍‌ପେନସେରୀରେ ଜଣେ ଫାର୍ମାସିଷ୍ଟ, ଲାବ୍ରୋଟୋରୀ ଆସିଷ୍ଟାଣ୍ଟ ଓ ଷ୍ଟାଫନର୍ସ ରହିବେ। ରୋଗୀ ଡିସ୍‌ପେନସେରୀକୁ ଆସିବା ପରେ ଭିଡ଼ିଓ କନ୍‌ଫେରେନ୍ସିଂ ଜରିଆରେ ତାଙ୍କୁ ପରାମର୍ଶ ମିଳିବ। ସେଠାରେ ସମସ୍ତ ଚିକିତ୍ସା ପରୀକ୍ଷା ନିରୀକ୍ଷା ମାଗଣାରେ ମିଳିବ। ଦୁଇବର୍ଷରୁ ଅଧିକ ସମୟ ନୂଆଦିଲ୍ଲୀର ଏମ୍ସରେ ଚିକିତ୍ସା ହେଉଥିବା ଜଗାବଳିଆ ଓଡ଼ିଶା ଫେରିଛନ୍ତି। କଟକ ବଡ଼ମେଡ଼ିକାଲର ସ୍ୱତନ୍ତ୍ର ଡାକ୍ତରୀ ଦଳ ଏହି ଦୁଇଭାଇଙ୍କ ଚିକିତ୍ସା କରୁଛନ୍ତି। ରାଜ୍ୟ ସରକାର ଏ ନେଇ ସମସ୍ତ ଚିକିତ୍ସା ଖର୍ଚ୍ଚ ନିଜେ ତୁଲାଉଛନ୍ତି। ସେହିପରି ରାଜ୍ୟ ସରକାର କ୍ୟାନସର ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଗତବର୍ଷ ଟାଟା ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ। ବାରଙ୍ଗରେ ମୁମ୍ବାଇ ଟାଟା ମେମୋରିଆଲ ଢାଞ୍ଚାରେ କ୍ୟାନସର ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଏହା ବାଦ୍ ସାତଟି ଜିଲ୍ଲା ହସ୍ପିଟାଲରେ ଦ୍ୱିତୀୟ ଶ୍ରେଣୀର କ୍ୟାନସର ହସ୍ପିଟାଲ ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ରେଡ଼ିଏସ୍‌ନ ଥେରାପୀ ଭଳି ବ୍ୟୟବହୁଳ ଚିକିତ୍ସା ବ୍ୟବସ୍ଥା ରହିବା ସହ ରାଜ୍ୟର ସବୁ ଜିଲ୍ଲା ହସ୍ପିଟାଲରେ ସରକାର କେମୋ ଥେରାପୀ ପାଇଁ ଡେ'କେୟାର ଓ ଉପଶମ କେନ୍ଦ୍ର ମଧ୍ୟ ଖୋଲୁଛନ୍ତି। ବିଚ୍ଛିନ୍ନାଞ୍ଚଳ ଲୋକଙ୍କୁ ହାତପାହାନ୍ତାରେ ସ୍ୱାସ୍ଥ୍ୟସେବା ପାଇଁ ସରକାର ବୋଟ ଆମ୍ବୁଲାନ୍ସର ଶୁଭାରମ୍ଭ କରିଛନ୍ତି। ପାଣି ଭିତରେ ରୋଗୀକୁ ଅକ୍ସିଜେନ୍ ଠାରୁ ଭେଣ୍ଟିଲେଟର ସବୁ ସୁବିଧା ୧୦୮ ଫୋନ ମାଧ୍ୟମରେ ମିଳିପାରୁଛି। ରାଜ୍ୟରେ ଏବେ ଚାରୋଟି ରକ୍ତ ଭଣ୍ଡାରରେ ନ୍ୟାଟ୍ ପିସିଆରରେ ରକ୍ତ ପରୀକ୍ଷା ହେଉଥିବାବେଳେ ଆଗାମୀ ଦିନରେ ଚାରୋଟି ନୂଆ ମେଡ଼ିକାଲ କଲେଜ ଓ ପଶ୍ଚିମ ଓଡ଼ିଶାର ଗୋଟିଏ ଜିଲ୍ଲା ହସ୍ପିଟାଲରେ ନ୍ୟାଟ ପଦ୍ଧତିରେ ପରୀକ୍ଷା ହେବ। ଏଲିସା ପଦ୍ଧତିରେ ରକ୍ତ ପରୀକ୍ଷଣ ହେଲେ ଅନେକ ସମୟରେ ଏଚ୍‌ଆଇଭି ଓ ହେପାଟାଇଟିସ୍-ବି ଭୂତାଣୁ ଧରାପଡ଼ି ନଥାଏ। ସେହିପରି ସରକାର ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଘରୋଇ ହସ୍ପିଟାଲରେ ଚିକିତ୍ସା ଦେବା ସହ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ପ୍ରଥମ ଦୁଇଘଣ୍ଟାର ସମସ୍ତ ଖର୍ଚ୍ଚ ସରକାର ଭରଣା କରୁଛନ୍ତି। ଯୋଜନା ଆରମ୍ଭ ଦେଢ଼ ମାସ ଭିତରେ ସରକାର ୪୦ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି। ପ୍ରାଥମିକ ଭାବେ ୩ଟି ଘରୋଇ ହସ୍ପିଟାଲକୁ ନେଇ ପାଇଲଟ ପ୍ରକଳ୍ପ ଆରମ୍ଭ ହୋଇଛି। ସରକାର ଟ୍ରମା ଚିକିତ୍ସା ସୁବିଧା ଘରୋଇ ହସ୍ପିଟାଲରେ ପ୍ରଥମ ୪୮ଘଣ୍ଟା ମାଗଣା ଚିକିତ୍ସା ଦେବା ଯୋଜନା ଆରମ୍ଭ କରିବା ସହ ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱରର ଆପୋଲୋ, ଆର୍ମି ଓ କଟକର ଅଶ୍ୱିନୀ ହସ୍ପିଟାଲରେ ଏହି ସେବା ଆରମ୍ଭ କରିଛନ୍ତି। ଏହି ସମୟ ମଧ୍ୟରେ ରୋଗୀ ପରୀକ୍ଷାଠୁ ଆରମ୍ଭ କରି ଅସ୍ତ୍ରୋପଚାର ପର୍ଯ୍ୟନ୍ତ ଯାହା ଯାହା ଦରକାର ସରକାର ସେ ଦାୟିତ୍ୱ ନେବେ। ଓଡ଼ିଶା ସରକାରଙ୍କ ଏହି ବିଶାଳ ସ୍ୱାସ୍ଥ୍ୟ ଯୋଜନା ନିଶ୍ଚିନ୍ତ ଭାବେ ଭାରତର ଅନ୍ୟ ରାଜ୍ୟ ପାଇଁ ପ୍ରେରଣା ସଦୃଶ।


*ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ*
*ଦୂରଭାଷ : ୯୪୩୭୬୬୬୪୫୩*



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା

ଅନୁବାଦ- ଉପାଳୀ ଦାଶ




**ଅହିଂସା :**

'ଅହିଂସା ସତ୍ୟାସ୍ତେୟ ବ୍ରହ୍ମଚର୍ଯ୍ୟା ପରିଗ୍ରହା ୟମାଃ'। ମନ ବାଣୀ ଅଥବା କର୍ମରେ ଶରୀର ଦ୍ୱାରା କୌଣସି ଜଡ କିମ୍ବା ଚେତନକୁ ଜଣା ଅଜଣାରେ ଦୁଃଖ ଦେବା ହିଂସା ଅଟେ। ଜୈନ ମତାବଲମ୍ବୀ ଅହିଂସାକୁ ସର୍ବୋପରି ସ୍ଥାନ ଦେଇଥାନ୍ତି। ଏହାକୁ ନିଜର ପରମ ଧର୍ମ ବୋଲି ମାନିଥାନ୍ତି। କେତେକେ କ୍ଷେତ୍ରରେ ଅହିଂସାକୁ ବିଚାର କରିବାର ଦୃଷ୍ଟିକୋଣ ମଧ୍ୟ ବଦଳିଥାଏ। ଜଣେ ସନ୍ଥ ଏହା ଉପରେ ଏକ ସୁନ୍ଦର କଥାଟିଏ କହୁଥିଲେ। ଏକ ବ୍ୟକ୍ତି ଖୁବ କ୍ରୋଧୀ ସ୍ୱଭାବର ଥିଲା। ଥରେ ତାକୁ ଗୋଟିଏ ସାଧୁଙ୍କର ସତସଙ୍ଗର ଅବସର ମିଳିଥିଲା। ସାଧୁ ଜଣକ ତାକୁ ପାଖକୁ ଡାକି କହିଲେ, ତୁ ବହୁତ କ୍ରୋଧୀ ସ୍ୱଭାବର ଅଟୁ। କ୍ରୋଧ ପାଇଁ ହିତାହିତ ଜ୍ଞାନ ଭୁଲି ଯାହା କରିବା କଥା ନକରି ନ କରିବା କାମ କରୁଛୁ। ତେଣୁ ତୁ ସଂକଳ୍ପ କର କୌଣସି ପରିସ୍ଥିତିରେ କ୍ରୋଧ କରିବୁ ନାହିଁ ତେବେ ତୁ ନିଷ୍ପାପ ହୋଇ ପୂଣ୍ୟ ଲାଭ କରିପାରିବୁ। ବ୍ୟକ୍ତିଟି ପଚାରିଲା ମୁଁ ନିଷ୍ପାପ ହୋଇଗଲେ କିପରି ଜାଣିପାରିବି? ସାଧୁ ଜଣକ ଗୋଟିଏ କଳା ବସ୍ତ୍ର ଦେଇ କହିଲେ, ଏହାକୁ ସମ୍ଭାଳି ରଖ ଏ ବସ୍ତ୍ର ଯେତେବେଳେ ଧଳା ହୋଇଯିବ ଜାଣିବୁ ତୁ ଖାଣ୍ଟି ସୁନା ହୋଇଯାଇଛୁ।


ବ୍ୟକ୍ତି ନିଜ ଘରକୁ ଚାଲିଗଲା ଏବଂ ସବୁବେଳେ ଖୁବ ସାବଧାନରେ ରହୁଥାଏ ଯେମିତି କ୍ରୋଧ ନ ଆସେ। ସମୟ ବିତି ଯାଉଥାଏ ହେଲେ ବସ୍ତ୍ର କଳାରୁ ଧଳା ହେଉ ନଥାଏ। ଥରେ ସେ ସଂଧ୍ୟା ସମୟରେ ନଦୀ କୂଳକୁ ବୁଲିବାକୁ ଯାଇଥାଏ ଅଚାନକ ଗୋଟିଏ ସ୍ତ୍ରୀ ଲୋକର ବଞ୍ଚାଅ... ବଞ୍ଚାୟ ବୋଲି ଚିତ୍କାର ଶୁଭାଗଲା। ଦେଖିଲା ସ୍ତ୍ରୀ ଲୋଟିକୁ କେତୋଟି ଗୁଣ୍ଡା ଖରାପ ବ୍ୟବହାର ଦେଖାଉଛନ୍ତି। ସେ ନିଜର କ୍ରୋଧ ସମ୍ଭାଳି ନପାରି ଗୁଣ୍ଡାଙ୍କୁ ଖୁବ୍ ମାରି ସ୍ତ୍ରୀ ଲୋକଟିକୁ ତାଙ୍କ କବଳରୁ ଛଡାଇ ସମ୍ମାନର ସହ ଘରେ ଛାଡଇ ଆସିଲା କିନ୍ତୁ ତା ମନ ଅବଶୋଷରେ ଭରିଗଲା। ଆରେ ଏ ମୁଁ କ'ଣ କଲି, ସାଧୁଙ୍କୁ ବଚନ ଦେଇଥିଲି ହେଲେ ପାରିଲି ନାହିଁ। ଏଭଳି ଚିନ୍ତା କରି ଦୁଃଖରେ ସାଧୁଙ୍କ ପାଖକୁ ଯାଇ ସମସ୍ତ କଥା କହିଲା। ସାଧୁ ସମସ୍ତ କଥା ଶୁଣିବା ପରେ କହିଲେ ସେ କଳା ପୋଷାକଟିକୁ ନେଇ ଆସ। ଲୋକଟି କଳା ପୋଷାକ ଆଣିବାକୁ ଯାଇ ଦେଖେତ ପୋଷାକଟି ଧଳା ହୋଇଯାଇଥିଲା। କହିବାର ତାତ୍ପର୍ଯ୍ୟ ଏହା ଯେ, କୌଣସି ସ୍ତ୍ରୀର ସମ୍ମାନ ରକ୍ଷାରେ, କାହାର ପ୍ରାଣ ରକ୍ଷା କରିବାରେ, ଲୁଟପାଟ ଇତ୍ୟାଦି କରିବା ଲୋକଙ୍କୁ ରୋକିବାରେ, ଆତ୍ମରକ୍ଷା କରିବାରେ ଯଦି ଉଗ୍ରତା ସୃଷ୍ଟି ହୋଇଥାଏ ତେବେ ଏହା ହିଂସା ନୁହେଁ ଅହିଂସା କହିବା। ପରନ୍ତୁ ଏ ସମସ୍ତଠାରୁ ଦୂରେଇ ରହିବା ସାଧୁସନ୍ଥ ଓ ଈଶ୍ୱର ଆରାଧନା କରୁଥିବା ବ୍ୟକ୍ତି ମାନଙ୍କ ପାଇଁ ଉଚିତ୍ ଅଟେ।

(କ୍ରମଶଃ)

# ଫେସ୍‌ବୁକ୍‌ରେ ଝଡ



ଅମିନାଲୁ ରାୟ



ଲିପ୍ସା..., ଲିପ୍ସା.....।

-ହଁ, ମମି । କ'ଣ ହେଲା ?

-କଲେଜ୍ ଯିବୁନି କି ?

ନିଦରୁ ଉଠି, ଧଡ଼ପଡ଼୍ ହୋଇ, ସେ ଘଣ୍ଟା ଦେଖିଲା। ଆଠଟା ବାଜିଲାଣି । ଓ...ଗଡ୍, ଅଧ ଘଣ୍ଟା ଭିତରେ ଯେମିତି ହେଲେ ରେଡି ହେବାକୁ ପଡିବ ତାକୁ । ନୋହିଲେ... । ଯଲ୍‌ଦି ଯଲ୍‌ଦି ନିତ୍ୟକର୍ମ ସାରି ବାହାରି ପଡିଲା କଲେଜ୍ । ସେଦିନ କଲେଜ୍‌ରେ ନୂଆ କରି ପାଦ ଦେଉ ଦେଉ ଅଳ୍ପ ସମୟ ମଧ୍ୟରେ ତା'ର ବେଷ୍ଟ୍ ଫ୍ରେଣ୍ଡ୍ ବନିଯାଇଥିଲା ମିନାକ୍ଷୀ। କମନ୍ ରୁମ୍‌ର ଗୋଟେ କୋଣରେ ଦୁହେଁ ଦୀର୍ଘ ସମୟ ଧରି ମନଖୋଲା ଗପ୍‌ସପ୍‌ରେ ମଜ୍ଜିଯାଇଥିବାବେଳେ, ମିନାକ୍ଷୀ ତା ବ୍ୟାଗ୍ ଭିତରୁ ଦାମୀ ଆନ୍‌ଡ୍ରଏଡ୍ ସେଟ୍‌ଟା ବାହାର କରି ଫେସ୍‌ବୁକ୍ ଦେଖିବାରୁ ଲିପ୍ସା କହିଲା -

-କ'ଣ ଦେଖୁଛୁ ?

-ଫେସ୍‌ବୁକ୍। ତୋ ମୋବାଇଲ୍‌ରେ ନାହିଁ କି ?

-ନା।

ସେଦିନ ମିନାକ୍ଷୀଠାରୁ ଫେସ୍‌ବୁକ୍ ଦେଖି ମନେ ମନେ ଗୋଟେ ନୂଆ ଆନ୍‌ଡ୍ରଏଡ୍ ସେଟ୍ ଆଣିବାକୁ ଇଚ୍ଛା ହୋଇଥିଲା ତା'ର । ହେଲେ ସେ ତା ମମିକୁ କେମିତି କନ୍‌ଭିନ୍‌ସ୍ କରିବ, ସେହି କଥା ଭାବି ଭାବି ଅନ୍ୟମନସ୍କରେ କେତେବେଳେ ଘରେ ପହଞ୍ଚି ଯାଇଥିଲା, ନିଜେ ଜାଣିପାରିଲାନି।

ସଂଧ୍ୟା ସମୟ। ଅଗଣାରେ ବସି ଶାନ୍ତା ଦେବୀ ଚା' ପିଉଥିବାବେଳେ, ଲିପ୍ସା ହସ ହସ ମୁହଁରେ ତାଙ୍କ ପାଖରେ ବସି, ଗେହ୍ଲେଇ ହୋଇ, ମୁହଁକୁ ଟିକେ ଶୁଖେଇ, ଧିର ସ୍ୱରରେ କହିଲା–ମମି ମମି, ମୋ'ର ଗୋଟେ ଆନ୍‌ଡ୍ରଏଡ୍ ସେଟ୍ ଦର୍‌କାର୍ । ଜାଣିଛନା, ମୁଁ ଆଜି ଦେଖିଲି ମୋ'ର ସାଙ୍ଗମାନେ ଏଇ ନୂଆ ଟାଇପ୍‌ର ମୋବାଇଲ୍ ୟୁଜ୍ କରୁଛନ୍ତି । ପ୍ଲିଜ୍, ମୋତେ ଗୋଟେ ଆଣିଦିଅନା। ମୋ ପାଖରେ ଥିବା ସେଟ୍ ଦେଖି ହସିଲେ ସେମାନେ। ମୋତେ ଭାରି ଲାଜ ଲାଗିଲା। କ'ଣ କହୁଛ ? କିଛି ସମୟ ଭାବିବା ପରେ ସେ ସଙ୍ଗେ ସଙ୍ଗେ ଗୋଟେ ନୂଆ 'ଫୋର୍-ଜି' ସେଟ୍ ସୋ'ରୁମ୍‌ରୁ ମଗାଇ ତା ହାତରେ ଦେଲେ।

ତହିଁ ଆର ଦିନ ଖୁସି ହୋଇ କମନ୍ ରୁମ୍‌ର ଝର୍‌କା ପାଖରେ ବସି ନୂଆ ମୋବାଇଲ୍‌ରେ ଗପୁଥିଲା ଲିପ୍ସା । ତା ପ୍ରିୟ ସାଙ୍ଗ ମିନାକ୍ଷୀକୁ ଅପେକ୍ଷା କରି କରି ବୋର୍ ହେଉଥିଲା ସେ । କିଛି ସମୟ ପରେ ଝାଳ ଜୁଡୁବୁଡୁରେ ମିନାକ୍ଷୀ ପହଞ୍ଚିବା କ୍ଷଣି ସେ, ଖୁସିରେ ତା ପାଖକୁ ଦୌଡି ଆସି, ହସ ହସ ମୁହଁରେ କହିଲା–

-ଦେଖିଲୁ କେମିତି ହେଇଛି ?

-ବହୁତ ସୁନ୍ଦର । କେତେ ପଡିଲା ?

-ଦଶ ହଜାର ଟଙ୍କା।

-ନେଟ୍ ଅଛି ତ ?

-ହଁ। ଏଥିରେ ଫେସ୍‌ବୁକ୍‌ଟା ଟିକେ ଡାଉନ୍‌ଲୋଡ୍ କରି ଦେ'।

-ଓକେ।

ମିନାକ୍ଷୀ ଧନୀ ଘରର ଝିଅ। ଡାଡି ମମିଙ୍କ ଅଲିଅଳ କନ୍ୟା ସେ। ପିଲାଟିଦିନୁ ଯେତେବେଳେ ଯାହା ଚାହିଁଛି, ତାହା ପାଇଛି। ଦେଖିବାକୁ ଅତ୍ୟାଧୁନିକା ଓ ସୁନ୍ଦରୀ। ଷ୍ଟାଣ୍ଡାର୍ଡ୍ ଟେନ୍‌ରେ ଫାଷ୍ଟ୍ କ୍ଲାସ୍ ପାଇ କଲେଜ୍‌ରେ ନୂଆ ପାଦ ଦେଇଛି। ସେ ନୂଆ ହୋଇ ଆସିବାକୁ, ନୂଆ କଲେଜ୍, ନୂଆ ସାଙ୍ଗସାଥୀ, ନୂଆ ଯାଗା, ହଷ୍ଟେଲ୍ ଇତ୍ୟାଦି ସବୁ ତାକୁ ଯେମିତି ନୂଆ ନୂଆ ଲାଗୁଛି। ଲିପ୍ସା ହେଉଛି ତା'ର ସୁବୁଠୁ ଭଲ ଫ୍ରେଣ୍ଡ୍। ତାକୁ ଘଡିଏ ନ ଦେଖିଲେ ସେ ରହିପାରେନି । ଖରାଦିନ ଛୁଟିରେ ଲିପ୍ସା ଗାଁ'କୁ ଗଲେ, ମିନାକ୍ଷୀ ତା ସହ ବୁଲିବାକୁ ଯାଏ । ଗାଁ'ର ଶାନ୍ତ ଶୀତଳ ପରିବେଶରେ ସେ ନିଜକୁ ବେଶୀ ଖୁସି ଅନୁଭବ କରେ। ସକାଳୁ ସକାଳୁ କାଉ କୋଇଲିମାନଙ୍କ ଶବ୍ଦ, ଦକ୍ଷିଣ ଦିଗରୁ ବହିଆସୁଥିବା ସୁଲୁସୁଲିଆ ମଧୁର ପବନ, ଗାଈଗୋରୁମାନଙ୍କ ହମ୍ବା ରଡି, ବୁଲା କୁକୁରଙ୍କ ଭୋ ଭୋ ଶବ୍ଦ, ଚଷାଭାଇ କ୍ଷେତରେ ହଳ କରୁଥିବା ଇତ୍ୟାଦି ଦୃଶ୍ୟ ଦେଖିଲେ ମିନାକ୍ଷୀର ଗାଁ'ରୁ ଫେରିବାକୁ ଇଚ୍ଛା ହୁଏନି। ସେ ମନେ ମନେ ଭାବେ ଆମର ଏମିତିକା ଗାଁ'ଟିଏ ଥାଆନ୍ତା କି ? ମିନାକ୍ଷୀର ଘର ରାଜଧାନୀ ଭୁବନେଶ୍ୱରରେ, ଫରେଷ୍ଟ ପାର୍କ ପାଖରେ। ତାଙ୍କର ଦୁଇ ଦୁଇଟା ବଡ ବଡ ଫ୍ଲାଟ୍। ତଳ ମହଲାରେ ସେମାନେ ରହୁଥିଲାବେଳେ, ଅବଶିଷ୍ଟ ଭଡାକୁ ଦିଆହେଇଛି। ସେ ପ୍ରତିଦିନ ସକାଳେ, ସଂଧ୍ୟାରେ ଓ ରାତି ୧୧ଟାରୁ ୨ଟା ପର୍ଯ୍ୟନ୍ତ ଚାଟିଙ୍ଗ୍ ନକଲେ ଯେମିତି ତା ଭାତ ହଜମ୍ ହୁଏନି । ଚାଟିଙ୍ଗ୍ କରିବା, ଭିଡିଓ କଲ୍ କରିବା ଇତ୍ୟାଦି ତାର ନିତିଦିନିଆ ହବି।

ମାନସ୍ ସହିତ ମିନାକ୍ଷୀର ଫେସ୍‌ବୁକ୍‌ରେ ଚାଟିଙ୍ଗ୍ ଏଇ କିଛି ଦିନ ହେବ ଆରମ୍ଭ ହେଇଛି । ମାନସ୍ ତା ଲାଇଫ୍‌ରେ ଅନେକ ଝିଅଙ୍କ ସହ ସମ୍ପର୍କ ରଖିଛି,ଏକଥା କେହି ଜାଣନ୍ତିନି। ପ୍ରଥମେ ସେ ଝିଅମାନଙ୍କ ସହ ଚାଟିଙ୍ଗ୍ କରୁ କରୁ , ପରେ କୌଶଳ କ୍ରମେ ସେମାନଙ୍କୁ ନିଜର ପ୍ରେମ ଜାଲରେ ଫସେଇ, ବିବାହର ପ୍ରଲୋଭନ ଦେଖାଇ, ନିଜକୁ ଧନୀ ଘରର ପୁଅ ଭାବେ ପରଚୟ ଦେଇ, ଶେଷରେ କୋମଳମତୀମାନଙ୍କୁ ହୋଟେଲ୍ ଡାକି, ସେମାନଙ୍କ ସହ ରାତି କଟାଇ, ଲାଇଫ୍‌ଟାକୁ ଫୁଲ୍ ଏନ୍‌ଜୟମେଣ୍ଟ କରିବା ତା'ର ଅଭ୍ୟାସ।

ମିନାକ୍ଷୀ ସେଦିନ ଚାଟିଙ୍ଗ୍ କରୁ କରୁ ମାନସ୍‌ର ପ୍ରେମ ଜାଲରେ ଫସି ଯାଏ । ମାନସ୍‌କୁ ସେ କେବେ ଫେସ୍ ଟୁ ଫେସ୍ ଦେଖିନି। ଯେତିକି ଭିଡିଓ କଲ୍ ମାଧ୍ୟମରେ ଦେଖିଛି ଓ ମନଭରି କଥା ହେଇଛି। ସମୟ କ୍ରମେ ମିନାକ୍ଷୀ ମାନସ୍‌ର ଚାଟିଙ୍ଗ୍ ଓ ଭିଡିଓ କଲ୍ ଯାଦୁରେ ମତୁଆଲା ହୋଇ ତାକୁ ଭଲ ପାଇଛି।

ଦିନେ ମାନସ୍, ମିନାକ୍ଷୀକୁ ପୁରୀର ଏକ ଫାଇଭ୍ ଷ୍ଟାର୍ ହୋଟେଲ୍‌କୁ ଆସିବାକୁ ଅନୁରୋଧ କରେ। ସେ ଅତି କଷ୍ଟରେ ଶେଷରେ ତା କଥାରେ ରାଜି ହୁଏ। ଏକ ନିର୍ଦ୍ଦିଷ୍ଟ ସମୟରେ ମିନାକ୍ଷୀ ହଷ୍ଟଲ୍‌ରେ ମିଛ କହି ପୁରୀରେ ପହଞ୍ଚେ। ମାନସ୍ ତାକୁ ଖୁସିରେ ରିସିଭ୍ କରି ହୋଟେଲ୍‌କୁ ନିଏ। ତିନି ଦିନ ଦୁହେଁ ଫୁଲ ଏନ୍‌ଜୟ କରିବା ପରେ, ମିନାକ୍ଷୀ ଆସି ହଷ୍ଟଲରେ ପହଞ୍ଚୁ ପହଞ୍ଚୁ ଲିପ୍ସା ତାକୁ ଦେଖି ଅଭିମାନରେ କହେ-

-ମୁଁ ସେତେବେଳୁ ଲକ୍ଷ୍ୟ କରୁଛି, ତୋ ଢଙ୍ଗରଙ୍ଗ ଯେମିତି ବଦଳିଲା ପରି ଲାଗୁଛି। ତୁ ତିନି ଦିନ ହେଲା କେଉଁଠି ଥିଲୁ ?

-ଘରକୁ ଯାଇଥିଲି।

-ମୋତେ କହିଲୁନି, ମୁଁ ତୋ ସହ ଯାଇଥା'ନ୍ତି ?

-ମୁଁ ଟିକେ ଟାୟାର୍ଡ୍ ଅଛି । ପରେ କଥା ହେବା।

-ଓକେ।

ମିନାକ୍ଷୀର ଗାଲ ଓ ବେକ ତଳେ ଦିଶୁଥିବା ଆଞ୍ଚୁଡା ଦାଗରୁ ତାକୁ ବୁଝିବାକୁ ଆଉ କିଛି ଅଛପା ନଥିଲା। ସେ ମନେ ମନେ ଦୁଃଖ କଲା, ହେଲେ ମୁହଁ ଖୋଲି କିଛି ପଚାରିପାରିଲାନି ସେଦିନ।

ଦିନ ପରେ ଦିନ ଗଡିଚାଲିଥାଏ । ଦିନେ ନିରୋଳାରେ ମିନାକ୍ଷୀ ଚାଟିଙ୍ଗ୍‌ରେ ବ୍ୟସ୍ତ ଥିଲାବେଳେ ଲିପ୍ସା କହିଲା।

-ମୋତେ କହିବୁନି, କାହା ସହ ଚାଟିଙ୍ଗ୍ କରୁଛୁ। ?

-ମାନସ୍ ସହ। ସେ ମୋ ବୟଫ୍ରେଣ୍ଡ୍। ଦେଖୁନୁ ?

-ନାଇଁ ଥାଉ। ଏବେ ନୁହେଁ। ମୁଁ ବାଥ୍‌ରୁମ୍ ଯାଉଛି।

ରବିବାର। ସକାଳୁ ସକାଳୁ ଲିପ୍ସା ଫେସ୍‌ବୁକ୍ ଖୋଲି ଦେଖେ ତ, ତା ପାଖକୁ ଗୋଟେ ଫ୍ରେଣ୍ଡ୍ ରିକ୍ୱେଷ୍ଟ ଆସିଛି। ମାନସ୍ ବୋଲି ଜଣେ କେହି ତା ପାଖକୁ ପଠାଇଛି। ସେ କନ୍‌ଫର୍ମ୍ କରିବାରୁ ସଙ୍ଗେ ସଙ୍ଗେ ସେ ଭିଡିଓ ଫଟୋ କିଛି ତା ପାଖକୁ ପଠାଇ ଚାଟିଙ୍ଗ୍ ଆରମ୍ଭ କରିଦିଏ। ଧିରେ ଧିରେ ଚାଟିଙ୍ଗ୍‌ରୁ ଆରମ୍ଭ ହୁଏ ଲିପ୍ସା ଓ ମାନସ୍ ମଧ୍ୟରେ ପ୍ରେମ।

ସମୟ କ୍ରମେ ମାନସ୍ ମିନାକ୍ଷୀ ସହ ସମ୍ପର୍କ ରଖିବା କମ୍ କରିଦିଏ। ବେଳେବେଳେ ତା ସହ ଚାଟିଙ୍ଗ୍ କରେନି ଆଭଏଡ୍ କରେ। ମିନାକ୍ଷୀ କିଛି ବୁଝି ପାରେନି। ମନେ ମନେ ମାନସ୍ ଉପରେ ଭିଷଣ ବିରକ୍ତ ହୁଏ। ତା ମନ କହେ ସେ ଆଉ କାହା ସହ ସମ୍ପର୍କ ରଖିନି ତ ? ବାରମ୍ବାର ଫୋନ୍ କଲେ ସେ ବିଜି ଅଛି କହି କାଟିଦିଏ। ବିଚାରୀ ମିନାକ୍ଷୀର ମାନସିକ ଅବସ୍ଥା ତଥା ତା ପ୍ରତି ସନ୍ଦେହ ଧିରେ ଧିରେ ବଢିଚାଲେ।

ସେଦିନ ଲିପ୍ସା ମାନସ୍ ସହ ଚାଟିଙ୍ଗ୍‌ରେ ଥିଲାବେଳେ ମିନାକ୍ଷୀ ତା ପାଖରେ ବସି କେଉଁ ସାଙ୍ଗ ସହ ଫୋନ୍‌ରେ କଥାହେଉଥାଏ। କଥାରେ ଅନ୍ୟମନସ୍କ ଥିବା ଭିତରେ ହଠାତ୍ ତା'ର ଦୃଷ୍ଟି ପଡେ ଲିପ୍ସାର ଚାଟିଙ୍ଗ୍ ଉପରେ। ସେ ଦେଖେ ତ ମାନସ୍ ଲିପ୍ସା ସହ ବି ବିଜି ରହୁଛି। ମିନାକ୍ଷୀ ନିଜକୁ ସମ୍ଭାଳି ନପାରି ରାଗରେ କହେ-

-ମୁଁ ଯାହାକୁ ଲଭ୍ କରୁଛି, ତୁ ତା ସହ ଚାଟିଙ୍ଗ୍‌ରେ ରହୁଛୁ ?

-ମାନେ ? ତୁ କ'ଣ ଏଇ ମାନସ୍‌କୁ .... ?

-ହଁ, ଏଇ।

-ସେ ମୋ ସହ ବି ...। ଦେଖ୍ , ମୋ ପାଖକୁ କେମିତି ମେସେଜ୍ କରିଛି ଏବେ।

-ମୁଁ ତାକୁ ତୋ ବିଷୟରେ କହିଥିଲି।

-ତା'ହେଲେ ସେ ଗୋଟେ ଠକ। ସେ ଆମ ଦୁହିଁଙ୍କୁ ବ୍ଲାକ୍‌ମେଲ୍ କରୁଛି।

-ତୁ ସେମିତି କହିବୁନି। ମୁଁ ତାକୁ ବେଶୀ ଭଲ ପାଏ।

ଏଇ କାରଣ ନେଇ ଦୁହିଁଙ୍କ ମଧ୍ୟରେ ଯୋର୍‌ସୋର୍‌ରେ ଝଗଡା ହୁଏ। ଲିପ୍ସା ତାକୁ ଯେତେ ବୁଝେଇବାକୁ ଚେଷ୍ଟା କଲେ ବି ସେ ବୁଝେନି। ଓଲଟି ଲିପ୍ସାକୁ ବେଶୀ କଟୁ କଥା କହେ। ଦୁଃଖରେ ଭାଙ୍ଗିପଡେ ଲିପ୍ସା। କ'ଣ କରିବ, କିଛି ମୁଣ୍ଡରେ ପଶେନି ତା'ର। କଲେଜ୍ ଛୁଟି ଥିବାରୁ ସେ ମିନାକ୍ଷୀ ଉପରେ ଭିଷଣ ରାଗ ତଥା ଅଭିମାନ କରି ଗାଁ'କୁ ଚାଲିଯାଏ।

ଲିପ୍ସା ଠାରୁ ସବୁ ଶୁଣି ମିନାକ୍ଷୀ ମୁଣ୍ଡକୁ ପିତ ଚଢିଯାଇଥିଲା। ସେ ମାନସ୍‌କୁ ଫୋନ୍‌ରେ ଅତି ଅସଭ୍ୟ ଭାଷାରେ ଗାଳିଗୁଲଚ୍ କରି, ଲିପ୍ସା ବିଷୟରେ ପଚାରିବାରୁ, ମାନସ୍ ଭୟ ମିଶ୍ରିତ ସ୍ୱରରେ କହିଲା।

-ଲିପ୍ସା କିଏ ମୁଁ ଜାଣିନି କି ଚିହ୍ନିନି ।

-ତମେ ମିଛ କହୁଛ। ତା ସହ ସବୁଦିନେ ଚାଟିଙ୍ଗ୍‌ରେ ରହୁଛ । ଅଥଚ ମୋତେ ...

-ନା ନା , ମୁଁ ଚାଟିଙ୍ଗ୍ କରିନି।


-ୟୁ ଆର୍ ଏ ଚିଟ୍ । ଷ୍ଟପ୍ ଇଟ୍।

ସଙ୍ଗେ ସଙ୍ଗେ ମିନାକ୍ଷୀ, ଲିପ୍ସାକୁ କହିଥିବା କଟୁ ମନ୍ତବ୍ୟ ପାଇଁ ନିଜେ ଅନୁତାପ କରିବା ସହ ତାକୁ ଫୋନ୍‌ରେ ଅନୁନୟ ବିନୟ ହୋଇ କହିଲା - ଆଇ ଆମ୍ ସରି ଲିପ୍ସା। ପ୍ଲିଜ୍ , କମ୍ ବ୍ୟାକ୍।

ଘାଗଡା, ରାହାମା, ଜଗତ୍‌ସିଂହପୁର
ଦୂରଭାଷ : ୯୯୩୭୪୧୨୫୧୫

---

# ବିଶେଷ କବିତା



## ପ୍ରିୟ ସନ୍ତାନ


ରମାକାନ୍ତ ଗୋଚ୍ଛାୟତ



ଏଇତ ସଫଳ ଜୀବନ
ଘର ତିଆରି ସରିଛି
ନୂଆ ଘରକୁ ସୌଖୀନ ଆସବାସ
ଯେତେ ପୁରୁଣା ବର୍ଯ୍ୟବସ୍ତୁ
ଫିଙ୍ଗା ସରିଛି କେବେଠୁ
ଏବେ ବାପା ବୋଉଙ୍କ ଚିନ୍ତା।

ଏ ଘର ପୁରୁଣା ଚଳନି ପାଇଁ ନୁହଁ
ମାର୍ବଲରେ ଖସିଯିବ ଗୋଡ
ହାତ ହଲେଇଲେ ଘର ଆଲୁଅ
ଚୁଟୁକି ମାରିଲେ ଘୁରିବ ପଙ୍ଖା
ଚାଲିଲେ ଆପେ ଖୋଲିବ କବାଟ
ତାଳି ମାରିଲେ ଗାଧୁଆ ଘରେ
ଟେପ୍‌ରୁ ଝରିବ ପାଣି
ଶୀତତାପ ନିୟନ୍ତ୍ରଣରେ
ସୁଖସ୍ୱାଚ୍ଛନ୍ଦ୍ୟର କୋଳାହଳ।

ବାପା, ବୋଉଙ୍କୁ ଜମା
ଆରୋଉ ନାହିଁ ଘର
ରାତିସାରା ବାପା ଟହଲୁଛନ୍ତି ବାଲକୋନିରେ
ବୋଉର ପାନଖିଆ ଅଭ୍ୟାସ
ବାରଥର ଉଠପଡ
କିଏ ତାଙ୍କୁ ଜଗିବ
କେତେବେଳେ କ'ଣ ଘଟିବ।



କ'ଣ ହେବ ପିଲାଙ୍କ ହିତଉପଦେଶ
କ'ଣ କାମରେ ଲାଗିବ ବେଦ, ଗୀତା
ତାଙ୍କର ସିବିଏସି କୋର୍ଷ
ଡାକ୍ତର, ଆଇଏଏସ, ବୈଜ୍ଞାନିକ
ତାଙ୍କର ଆଧୁନିକ ସ୍ୱପ୍ନ
ପିଲା ବିଗିଡିଯିବେ
ହେଇଟି ଶୁଣୁଛ
ବାପା, ବୋଉଙ୍କ ଦେହ ଏଠି
ଭଲ ରହୁନି
ତାଙ୍କର ସଦାବେଳେ ମନ ଗାଁରେ
ଦେଖୁନ ବାପାଙ୍କର କେତେ
ଖାତିର ଗାଁରେ ଦୁନିଆ ସାଙ୍ଗ, ସାଥୀ
ବୋଉ ବି କାହା ସହ କଥା ହେବ
ସୁଖଦୁଃଖ ହେବ
ଦୁନିଆ ଯାଗାବାଡି କିଏ ଦେଖିବ
ଚାଲ ଛାଡି ଆସିବା ଗାଁରେ
ବୁଢ଼ାକାଳେ ତାଙ୍କ ଶେଷ ଜୀବନ
କଟୁ ଖୁସିରେ, ଶାନ୍ତିରେ
ତାଙ୍କ ଇଚ୍ଛାରେ
ଗୋଟେ ଆଣ୍ଡରଏଡ୍ ଫୋନ୍
ଦେଇଦେବା
ନିତିଦିନ ଭଲମନ୍ଦ ବୁଝିବା
ସନ୍ତାନସନ୍ତତି କାହିଁକି
ତିଆରି ଥାଏ ମଣିଷ।

ଆଇଭି-୨/୩
ୟୁନିଟ୍-୧, ଭୁବନେଶ୍ୱର

---

## ନିଃଶ୍ୱାସର ଶେଷଦିନ



ଚିନ୍ମୟ ବାରିକ

କେତେଥର ପାପୁଲିର ଭାଗ୍ୟ ରେଖାରେ
ଆକାଶର ସମଗ୍ରତାକୁ ଆଙ୍କିବସିବି
ବିଶ୍ୱାସରେ ପ୍ରଜାପତି ଉଡାଇ,
ଧୂଆଁର ଶିଖରକୁ ଥରକୁ ଥର ହାତ ବଢ଼ାଇ
କାହା ମୁହଁର ଆସ୍ତରଣକୁ ପ୍ରତିଥର ଛୁଇଁବା ପାଇଁ।

ମୋ ଆତ୍ମାର ତାପରେ ମେଘକୁ ଖୋଜିବା
ହୁଏତ ମୋର ପିଲାଳିଆମି,
ପ୍ରାର୍ଥନା ଗୃହରେ କେମିତି ମୁଁ ମୁହୂର୍ତ୍ତକେ
ମାଗି ବସିବି ତୁମ ଦେବୀ ପଣକୁ
ମିଠା ରକ୍ତକୁ ଲୁଣିଝାଳ ସଜେଇ ଅସମୟରେ,
ଅପନ୍ତରା ମାରି ତୁମ ଆଖିର କଳାଜାଇରେ।

ଯେଉଁଠି ବାରମ୍ବାର ବ୍ୟତିଚ୍ୟୁତ ହୁଏ
ସଜଡା ଆୟୁଷ...
ଉଷ୍ମ ରକ୍ତର ଶିରାପ୍ରଶିରା...
ଅବା ପ୍ରାପ୍ତିର ମାର୍ଗ।

ଜହ୍ନକୁ ଭେଟି ଉଆଁସ ରାତ୍ରିରେ,
ମୋ ସମଗ୍ର ଏକ୍କା ପଣକୁ ତୋଳିଧରି
ନିଃଶ୍ୱାସର ଶିଖରରେ।



କିଛି ବୋଲି କିଛିତ ନଥାଏ,
ପବନରେ ଅବା ପାଣିରେ
ଦେଖଛି କେଉଁକାଳୁ ଦିକିଦିକି ହୋଇ
ଅହରହ ଜଳୁଛି ଦୀପଟିଏ।

ଶାଳ ପତ୍ରରୁ ଖସୁଥାଏ ବୁନ୍ଦାବୁନ୍ଦା କାକର ଠୋପା
ମୋ ଜିଇଁବାର ଆଶକ୍ତିରେ
କାହା ଶାଢ଼ୀରେ ଆସ୍ତରଣ...
ଅବା ଗୋଲାପର ବନ...

ଅନ୍ତରୀକ୍ଷର ଉର୍ଦ୍ଧ୍ୱରେ
କାହା ହାତରେ ମେହେନ୍ଦି,
ପାଦତଳେ ସରଳ ରେଖାର ଚିହ୍ନ
ବିଶ୍ୱାସରେ ବି ଲୋଡି ହୁଏନି
କାହା ନିଃଶ୍ୱାସର କାତରତାକୁ
ଦିଅଁକୁ ସାଖୀରଖି ପାପୁଲିର
ଆଙ୍କାମାଙ୍କା ଭାବ୍ୟରେଖା ଉପରେ।

ସବୁ ଅସାମର୍ଥ୍ୟ ତାର ନୀରବ ପଣକୁ
କେମିତି ମୁଁ ଗୃହିତ କରିବି
ତୁମ ଆଖିର ଔଜଲ୍ୟତା ପାଖରେ,
ପବନରେ ଧୂଳି ଉଡାଇ
ଏ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ
କାହା ନିଃଶ୍ୱାସରେ ଶେଷଦିନ ହେବାଯାଏ।


ତୁମେ ମାନ ବା ନମାନ,
କେତେଦିନ ଆତ୍ମାକୁ ପତଙ୍ଗ
ସଜେଇ ଅଣ୍ଡାଳୁଥିବା ତୁମ ନିଃଶ୍ୱାସର କାତରତାକୁ
ଲୁହକୁ ବାଲିବନ୍ଧ ଦେଇ।

ବ୍ରାହ୍ମଣଡିହି, ବାଲିକୁଦା, ଜଗତସିଂହପୁର
ଦୂରଭାଷ : ୬୩୭୦୦୩୫୨୦୮୪


---

## ଅଦେଖା ରାସ୍ତା

ଡ. ମନୋରଞ୍ଜନ ବିଷୋୟୀ



କେତେବେଳେ
ସମୟ ଯେ,
ଜୀବନକୁ ଟାଣିନେଲା
ଅଦେଖା ରାସ୍ତାରେ
ପୂରା ଅପରିଚିତ
ଦୁନିଆ ଭିତରକୁ।
ଯେଉଁ ଦୁନିଆରେ
ତାକୁ ସମର୍ପଣ
କରିବାକୁ ପଡିଛି
ସମସ୍ତ ଇଚ୍ଛା-ଅନିଚ୍ଛା
ଆଉ ରୁଚିବୋଧକୁ।
ତଥାପି ଇଚ୍ଛାହୁଏ
ନିର୍ଲଜ କେହି କହୁ ପଛେ
ପୁଣିଥରେ
ସାଉଁଟି ଆଣିପାରନ୍ତି କି



ତୁମ ସହ ବିତେଇଥିବା
ସବୁ ମୁହୂର୍ତ୍ତକୁ ?
ଆଉ ଫେରାଇ
ଆଣି ପାରନ୍ତି କି ତୁମକୁ
ଦୁହେଁ ଦେଖିଥିବା
ଅଧାଗଢ଼ା ସ୍ୱପ୍ନ
ପୁରା କରିବାକୁ ?


ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ଦୂରଭାଷ : ୮୮୯୫୧୪୧୭୨୭

---

## ଫଗୁଣ ଓ ଶ୍ରାବଣ

ପ୍ରିୟଦର୍ଶିନୀ ମହାନ୍ତି





ଚଗଲି ଫଗୁଣ ଚଞ୍ଚଳରେ ଆସି
ମାଖିଲା ରଙ୍ଗ ଅବିର,
ଦୁଷ୍ଟ ଶ୍ରାବଣଟା ଚୁପି ଚୁପି ଆସି
ଧୋଇ ନେଇଗଲା ସତ୍ୱର ।

ଜଣେ ଭରିଦେଲା ଖିଆଲି ମନରେ
ଇଚ୍ଛା ଯେତେ ଅସୁମାରୀ
ଆଉ ଜଣେ ସବୁ ଛଡେଇଣ ନେଲା
ବିରହର ସ୍ୱର ଭରି ।
ଜଣେ ରଙ୍ଗେଇଲା କୁଆଁରୀ ମନକୁ
ମାରି ରଙ୍ଗ ପିଚକାରୀ,
ଆର ଜଣେ ଦେଲା ପ୍ରେମ ଅରଣ୍ୟକୁ
ଧୋଇ ଛାରଖାର କରି ।
ଫଗୁଣ ଆଣିଲା ଫଗୁର ପସରା
ବୁଣିଦେଲା ସାରା ବାଟ,
ଅସରାଏ ବର୍ଷା ଶ୍ରାବଣ ଆଣିଲା
ଧୋଇଦେଲା ଫଗୁ ହାଟ ॥

ପାଣ୍ଡବ ନଗର, ଭୁବନେଶ୍ୱର

---

## ପିଲାଙ୍କ ଦୁନିଆ









କଳ୍ପନା ବାରିକ
ଷ୍ଟାଣ୍ଡାର୍ଡ- ୮
ରାମଚନ୍ଦ୍ର ନୋଡାଲ ସ୍କୁଲ
କୁରଞ୍ଜପୁର, ବାଲିପାଟଣା, ଖୋର୍ଦ୍ଧା





ମନ୍‌ଜିତ କୁମାର ସାସମଲ
ଷ୍ଟାଣ୍ଡାର୍ଡ-୪
କେନ୍ଦ୍ରୀୟ ବିଦ୍ୟାଳୟ-୩
ମଞ୍ଚେଶ୍ୱର, ଭୁବନେଶ୍ୱର




# ଏଣିକି ଅନ୍‌ଲାଇନ୍‌ରେ ହୋଲ୍ଡିଂ ଟ୍ୟାକ୍ସ ପୈଠ

**ଭୁବନେଶ୍ୱର :** ଅନ୍‌ଲାଇନ୍ ପ୍ରପର୍ଟି ଟାକ୍ସ ମଡ୍ୟୁଲ ଓ ମ୍ୟୁନିସିପାଲ ଲିଗ୍ ଆରମ୍ଭ ହୋଇଛି। ଅର୍ଥାତ ଏବେ ଅନ୍‌ଲାଇନ୍ ମାଧ୍ୟମରେ ହୋଲ୍ଡିଂ ଟ୍ୟାକ୍ସ ପୈଠ କରାଯିବ। ଏହି ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନ ପରିସରରେ ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱର ମ୍ୟୁନିସିପାଲ ଅଞ୍ଚଳର ଲୋକମାନେ 'ଭୁବନେଶ୍ୱର ଡଟ୍ ମି'ରେ ଟ୍ୟାକ୍ସ ଦେଇପାରିବେ। ସେହିପରି ପୌରାଞ୍ଚଳ ଲୋକମାନେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ମାଧ୍ୟମରେ ଟ୍ୟାକ୍ସ ଦାଖଲ କରିପାରିବେ। ଏହାସହିତ କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ, ନେଟ୍ ବ୍ୟାଙ୍କିଂ, ଇ-ୱାଲେଟରେ ମଧ୍ୟ ଟ୍ୟାକ୍ସ ଦାଖଲ କରିବାନେଇ ବ୍ୟବସ୍ଥା କରାଯାଇଛି। ପ୍ରତିଯୋଗିତାମୂଳକ ଉପାୟରେ ଟ୍ୟାକ୍ସ ସଂଗ୍ରହ ବୃଦ୍ଧି ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଟ୍ୟାକ୍ସ ସଂଗ୍ରହ ନେଇ ରାଜ୍ୟର ୯ଟି ସହର ମଧ୍ୟରେ ପ୍ରତିଯୋଗିତାର ଆୟୋଜନ କରାଯିବ। ସହରାଞ୍ଚଳର ପ୍ରଶାସନରେ ଅଧିକ ସ୍ୱଚ୍ଛତା ଆଣିବା ଓ ପ୍ରଶାସନକୁ ପ୍ରଭାବୀ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍‌ଲାଇନ ପ୍ରପର୍ଟି ଟ୍ୟାକ୍ସ ମଡ୍ୟୁଲର ଶୁଭାରମ୍ଭ କରିଛନ୍ତି। ଏହା ଦ୍ୱାରା କୌଣସି ସମୟରେ କୌଣସି ଠାରେ ଟ୍ୟାକ୍ସ ପ୍ରଦାନ କରାଯାଇ ପାରିବ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମ୍ୟୁନିସିପାଲ ପ୍ରିମିୟର ଲିଗର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଲୋକସେବା ଭବନର କନଭେନସନ ସେଣ୍ଟରରେ ମୁଖ୍ୟମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଏହି ଦୁଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ୫-ଟି ଲକ୍ଷ୍ୟ ମଧ୍ୟରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟକୁ ଆକାର ଦେଉଥିବାରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ଅଭିନନ୍ଦନ ଜଣାଇଥିଲେ। ଟେକ୍ନୋଲଜିର ବ୍ୟବହାର ଦ୍ୱାରା ବିଭିନ୍ନ ସେବା କିପରି ଲୋକମାନେ ସହଜରେ ପାଇପାରିବେ ସେ ନେଇ ରାଜ୍ୟ ସରକାର କାମ କରୁଛନ୍ତି। ଶୁଭାରମ୍ଭ କରା ଯାଇଥିବା ଅନ୍‌ଲାଇନ ପ୍ରପର୍ଟି ଟ୍ୟାକ୍ସ ମଡ୍ୟୁଲ ଦ୍ୱାରା ଲୋକ ମାନେ ସେମାନଙ୍କର ଟ୍ୟାକ୍ସକୁ ସହଜରେ କେତେବେଳେ ଓ କେଉଁଠାରୁ ହେଲେ ବି ଦେଇ ପାରିବେ। ଏହା ଲୋକଙ୍କ ପାଇଁ ଲାଭଦାୟକ ହେବ। ଏହା ଅତ୍ୟନ୍ତ ଭଲ ଉଦ୍ୟମ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ କୌଣସି ସହରାଞ୍ଚଳର ବିକାଶ ପାଇଁ ରାଜସ୍ୱ ବଢ଼ାଇବାର ଆବଶ୍ୟକତା ରହିଛି। ଅଧିକ ରାଜସ୍ୱ ବଢ଼ିଲେ ଅଧିକ ନିବେଶ ହୋଇ ପାରିବ ଓ ଲୋକମାନେ ଭଲ ସେବା ପାଇ ପାରିବେ। ଏହା ଦ୍ୱାରା ସେମାନଙ୍କର ଜୀବନ ଧାରଣର ମାନ ମଧ୍ୟ ବଢ଼ିବ ବୋଲି ସେ କହିଛନ୍ତି। ସେହିପରି ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ପ୍ରଥମ ଥର ପାଇଁ ଏପରି ବ୍ୟବସ୍ଥା ହୋଇଛି। ଏହା ମାଧ୍ୟମରେ ଲୋକମାନେ ସହଜରେ ପୈଠ କରିପାରିବେ। ରାଜ୍ୟରେ ୧୧୪ଟି ଅର୍ବାନ ଲୋକାଲ ବଡିଜ୍‌ର ପ୍ରାୟ ୭୦ଲକ୍ଷ ଜନସାଧାରଣ ହୋଲ୍ଡିଂ ଟ୍ୟାକ୍ସ ଦେବାକୁ ଆଉ କୌଣସି କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡିବନି। ଏହାସହିତ ଏକ ପ୍ରିମିୟର ଲିଗ୍‌ର ବ୍ୟବସ୍ଥା ହୋଇଛି। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ରହିଛି ଯେପରି ଅଧିକରୁ ଅଧିକ ଟ୍ୟାକ୍ସ ସଂଗ୍ରହ କରାଯାଇପାରିବ। ଯେଉଁ ସହରରୁ ଅଧିକରୁ ଅଧିକ ଟ୍ୟାକ୍ସ ସଂଗ୍ରହ କରାଯିବ ସମ୍ପୃକ୍ତ ସହର ବିକାଶ ଲାଗି ମଧ୍ୟ ଆଦାୟ କରାଯାଇଥିବା ଟାକ୍ସ ଅର୍ଥରୁ ବ୍ୟୟ କରାଯିବ। ତେବେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୯ଟି ଅର୍ବାନ୍ ଲୋକାଲ ବଡିଜ୍‌କୁ ସେଥିରେ ସାମିଲ କରାଯାଇଛି। ସେଥିରେ ୫ଟି ମହାନଗର ନିଗମ ହେଉଛି, ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ସମ୍ବଲପୁର ଓ ଅବଶିଷ୍ଟ ୪ଟି ମ୍ୟୁନିସିପାଲିଟି ଅଞ୍ଚଳ ମଧ୍ୟରୁ ପୁରୀ, ବାଲେଶ୍ୱର, ଭଦ୍ରକ ଓ ବାରିପଦାରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି। ଏହାବ୍ୟତୀତ ଏହି ଅଞ୍ଚଳରେ ଥିବା ଟିକସ ଅଦାକାରୀଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ଅର୍ଥାତ ସେମାନେ ଯେପରି ଅଧିକ ଟିକସ ସଂଗ୍ରହ କରିବାରେ ସକ୍ଷମ ହେବେ ସେଥିଲାଗି ସେମାନଙ୍କୁ ମଧ୍ୟ ପ୍ରୋତ୍ସାହନ ସ୍ୱରୂପ ପୁରସ୍କାର ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି। ଏହି ଅବସରରେ ଅନଲାଇନ ପ୍ରପର୍ଟି ଟ୍ୟାକ୍ସ ମଡ୍ୟୁଲ ଓ ମ୍ୟୁନିସିପାଲ ପ୍ରିମିୟର ଲିଗ ସମ୍ପର୍କରେ ଦୁଇଟି ଭିଡିଓ ଡକ୍ୟୁମେଣ୍ଟାରୀ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ ପାଣ୍ଡିଆନ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ବିଭାଗୀୟ ସଚିବ ଜି ମାଥିଭାଥନନ, ମଧ୍ୟ ଉପସ୍ଥିତ ଥିଲେ।

# ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ

## ବନ୍ଦର ପ୍ରଶାସନ ପକ୍ଷରୁ ଦୃଢ଼ଭାବରେ ଖଣ୍ଡନ

**ପାରାଦୀପ :** ଓଡିଶାର ପ୍ରଗତିର ମୁଖଶାଳା ପାଲଟିଥିବା ପାରାଦୀପ ବନ୍ଦର ଦିନକୁ ଦିନ ନୂଆ ନୂଆ କିର୍ତ୍ତୀ ଅର୍ଜନ କରୁଥିବା ବେଳେ ଯୁବକ୍ରାନ୍ତି ଅଭିଯାନ ସଂଗଠନ ତରଫରୁ ବନ୍ଦର ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଦୁର୍ନିତି ଅଭିଯୋଗ ଆଣିବା ଏକ ଦୁର୍ଭାଗ୍ୟଜନକ ଘଟଣା ଏବଂ ବନ୍ଦର ପ୍ରଶାସନ ଏହି ଅଭିଯୋଗକୁ ଖଣ୍ଡନ କରିବା ସହିତ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଲାଗିଥିବା ସମସ୍ତ ଅଭିଯୋଗକୁ ସବୁ ପ୍ରକାର ତଦନ୍ତ ପାଇଁ ବନ୍ଦର ପ୍ରଶାସନ ପ୍ରସ୍ତୁତ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ବନ୍ଦରାଞ୍ଚଳରେ ବିଭିନ୍ନ ଠିକାଦାରୀ କାର୍ଯ୍ୟ, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ, ସହରର ସୌନ୍ଦର୍ଯ୍ୟକରଣ ବିଭିନ୍ନ ବର୍ଥକୁ ଘରୋଇ କରଣ ପ୍ରଭୃତି କାର୍ଯ୍ୟର ଦୁର୍ନିତିରେ ଅଧ୍ୟକ୍ଷଙ୍କ ହାତ ରହିଥିବା କଥା ସଂଗଠନ ଅଭିଯୋଗ କରି ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ଙ୍କ ନିକଟକୁ ପତ୍ର ପଠାଇବାର ୪୮ ଘଣ୍ଟା ନପୁରୁଣୁ ବନ୍ଦର ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରେସ୍ ବିଜ୍ଞପ୍ତିରେ ବନ୍ଦର ପ୍ରଶାସନ ସବୁ ପ୍ରକାର ତଦନ୍ତ ପାଇଁ ପ୍ରସ୍ତୁତି ବୋଲି ବିଜ୍ଞପ୍ତି ରେ ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି ଯେ ୨୦୧୪-୧୫ ଆର୍ଥିକ ବର୍ଷରେ ବନ୍ଦରର ପଣ୍ୟ କାରବାର କ୍ଷମତା ୭୧ ନିୟୁତ ମେଟ୍ରିକ ଟନ ଥିଲା ୨୦୧୮-୧୯ ରେ ତାହା ୧୧୦ ନିୟୁତ ମେଟ୍ରିକ ଟନ ପହଁଞ୍ଚିଛି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି କାରବାର ୧୧୫ ନିୟୁତ ମେଟ୍ରିକ ଟନ୍ ହେବ। ଆହୁରି ମଧ୍ୟ ପଣ୍ୟ ଖଳାସ ଓ ବୋଝେଇ ଖର୍ଚ୍ଚ ହ୍ରାସ ପାଇଛି। ସବୁଠାରୁ ଆଚମ୍ବିତ କଥା ହେଲା ପାରାଦ୍ୱୀପ ଭାରତର ଏକ ମାତ୍ର ବନ୍ଦର ଯେଉଁଠି ଗତ ୫ ବର୍ଷ ହେଲା ଖର୍ଚ୍ଚ ହାର ସ୍ଥିର ରହିଛି। ଦକ୍ଷତା ଓ ମାନଦଣ୍ଡରେ ମଧ୍ୟ ସୁଧାର ଆସିଛି। ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ସବୁ ଟେଣ୍ଡର, ପେମେଣ୍ଟ, ବର୍ଥ ଓ ପ୍ଲଟ ଆବଣ୍ଟନ ପ୍ରକ୍ରିୟାକୁ ଅନ୍‌ଲାଇନ 'ଇ' ବ୍ୟବସ୍ଥା କରାଯାଇଛି। ମାଛଧରା ବନ୍ଦରରେ ଥିବା ୫୦ ହଜାର ମତ୍ସ୍ୟଜୀବିଙ୍କ ପାଇଁ ମହାନଦୀ ମୁହାଣ ଖନନ କରାଯିବା ସହିତ ସଂଯୋଗ ରାସ୍ତାକୁ ଆଲୋକୀକରଣ ଓ କଂକ୍ରିଟ କରାଯାଇଛି। ସ୍ଥାନୀୟ ପରିବେଶରେ ସୁଧାର ଆଣିବା ଲାଗି ବନ୍ଦର ପକ୍ଷରୁ ଯଥେଷ୍ଟ ଉଦ୍ୟମ କରାଯାଉଛି। ଯେପରିକି କୋଇଲା ପ୍ଲାଣ୍ଟରେ ଶୁଷ୍କ କୁହୁଡି ଧୂଳି ନିୟନ୍ତ୍ରଣ ପ୍ରଣାଳୀ, ତରଳ ବର୍ଜ୍ୟବସ୍ତୁ ପ୍ରକ୍ରିୟା କରଣ, ବନ୍ଦର ଚିକିତ୍ସାଳୟରେ ଆଧୁନିକ ପ୍ରଦୂଷିତ ଜଳ ଉପଚାର ସ୍ୱ ଚାଳିତ ଯନ୍ତ୍ର। ଏ ସମସ୍ତ ପଦକ୍ଷେପ ପାରାଦ୍ୱୀପ ବନ୍ଦର ଏବଂ ଏହାର ପାରିପାର୍ଶ୍ୱିକ ପରିବେଶର ଅଭିବୃଦ୍ଧିକୁ ଅଧିକ ଋଦ୍ଧିମନ୍ତ କରିଛି। ଯାହାକି କିଛି ବ୍ୟକ୍ତି ବିଶେଷ ଓ ଗୋଷ୍ଠୀଙ୍କ ନ୍ୟସ୍ତ ସ୍ୱାର୍ଥର ପରିପନ୍ଥୀ ପାଲଟିଛି ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜନୀତିକୁ ...

ଜଷ୍ଟିସ ଏସ୍ ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଦେଶର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜନୀତିର ଅପରାଧିକରଣକୁ ରୋକିବାକୁ ହେଲେ କି କି ପଦକ୍ଷେପ ଜରୁରୀ, ସେ ସମ୍ପର୍କରେ ଏକ ଫ୍ରେମ୍‌ୱାର୍କ ପ୍ରସ୍ତୁତ କରି ଆଗାମୀ ସପ୍ତାହକ ମଧ୍ୟରେ ସୁପ୍ରିମ୍‌କୋର୍ଟଙ୍କୁ ପ୍ରଦାନ କରିବା ପାଇଁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୮ ଅକ୍ଟୋବର ୧୦ରେ ଭାରତୀୟ ଜନତା ପାର୍ଟି ନେତା ତଥା ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ନିର୍ବାଚନୀ ସଂସ୍କାର ନିମନ୍ତେ ସୁପ୍ରିମ୍‌କୋର୍ଟରେ ଏକ ପିଟିଶନ ଦାୟର କରିଥିଲେ। ସେପ୍ଟେମ୍ବରରେ ଏକ ୫ଜଣିଆ ସାମ୍ବିଧାନିକ ପୀଠ ଏହାର ଶୁଣାଣି କରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପୂର୍ବରୁ ପ୍ରାର୍ଥୀମାନଙ୍କୁ ନିଜ ନିଜ ବିରୋଧରେ ବିଚାରାଧୀନ ଥିବା ଅପରାଧିକ ମାମଲା ଗୁଡିକ ସମ୍ପର୍କରେ ଘୋଷଣା କରିବାକୁ ପଡିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରାର୍ଥୀମାନଙ୍କ ସମ୍ପର୍କରେ ରାଜନୈତିକ ଦଳମାନେ ନିଜ ନିଜର ୱେବ୍‌ସାଇଟ୍‌ରେ ସୂଚନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ରାଜନୈତିକ ଦଳ ଓ ପ୍ରାର୍ଥୀ ଏକ ଘୋଷଣାନାମା ଜାରି କରିବା ସହିତ ସେ ସମ୍ପର୍କିତ ତଥ୍ୟ ଗୁଡିକୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ବହୁଳ ପ୍ରକାଶନ ପ୍ରସାର କରିବେ ବୋଲି ମଧ୍ୟ ନିର୍ଦ୍ଦେଶ ରହିଛି। ଶୀର୍ଷ ଅଦାଲତଙ୍କ ଏହି ତାଗିଦ୍ ସତ୍ତ୍ୱେ ରାଜନୀତିରେ ଅପରାଧୀକରଣ ଚାଲିଛି। ଏଥିପାଇଁ ଏକ ବିକଳ୍ପ ବ୍ୟବସ୍ଥା ବାହାର କରିବାକୁ ପଡିବ ବୋଲି ନିର୍ବାଚନ କମିଶନର ସୁପ୍ରିମ୍‌କୋର୍ଟଙ୍କୁ ଅବଗତ କରାଇଛନ୍ତି। ଏଥିସହିତ ନିର୍ବାଚନ କମିଶନର ଆହୁରି ମଧ୍ୟ କହିଛନ୍ତି ଯେ, ଯେଉଁ ପ୍ରାର୍ଥୀମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ସେମାନେ ନିଜ ଅପରାଧୀକ ପୃଷ୍ଠଭୂମି ସମ୍ପର୍କରେ ସତ୍ୟପାଠରେ ଘୋଷଣା କରିବା ବିଶେଷ ସହାୟକ ହୋଇପାରିନାହିଁ। ତେଣୁ ରାଜନୈତିକ ଦଳ ଗୁଡିକୁ ଦାଗୀ ନେତାଙ୍କୁ ଟିକଟ ନଦେବା ପାଇଁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ। ତେଣୁ ଦାଗୀ ନେତାଙ୍କୁ ଟିକଟ ନଦେବା ଲାଗି ରାଜନୈତିକ ଦଳ ଗୁଡିକୁ ଉତ୍ତରଦାୟୀ କରାଯାଉ। ଭାଜପା ନେତା ଉପାଧ୍ୟାୟଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କର ନାରାୟଣ ଅଦାଲତଙ୍କୁ କହିଲେ, ବର୍ତ୍ତମାନ ସଂସଦରେ ଏଭଳି ୪୬% ସଦସ୍ୟ ଅଛନ୍ତି, ଯାହାଙ୍କ ନାମରେ ଅପରାଧିକ ମାମଲା ଗଡୁଛି। ଏଭଳି ସ୍ଥିତିରେ ସଂସଦରେ ଏ ସଂକ୍ରାନ୍ତ ଆଇନ ଗୃହୀତ ହେବା ସମ୍ଭବପର ବୋଲି ମନେ ହେଉନାହିଁ। ତେଣୁ ସୁପ୍ରିମ୍‌କୋର୍ଟ ନିଜେ ଏହା ଉପରେ ନିର୍ଦ୍ଦେଶନାମା ଜାରି କରନ୍ତୁ।

### ଏଥିପାଇଁ ...

ଯେଉଁଥିପାଇଁ ଏଭଳି କଳଙ୍କିତ ଅଧ୍ୟାୟ ସୃଷ୍ଟି ହେଉଛି। ଗୋଟିଏ ଅଘଟଣ ଘଟିବା ପରେ ଏଠାରେ ସରକାର ସାମୟିକ ଭାବେ ଚେତି ଉଠୁଥିଲା ବେଳେ ଏହାର ସ୍ଥାୟୀ ସମାଧାନ ନିମନ୍ତେ ପଦକ୍ଷେପ ନେଉନାହାନ୍ତି ବୋଲି ଏଭଳି ଘଟଣା ଘଟି ଚାଲୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। କେତେବେଳେ ନିମ୍ନମାନର କାର୍ଯ୍ୟକୁ ନେଇ ତ ଆଉ କେତେବେଳେ ସୁରକ୍ଷା ଅଭାବରୁ ଏଭଳି ଘଟୁଥିବା ଜଣାପଡୁଛି। ଅତ୍ୟନ୍ତ ବ୍ୟୟବହୁଳ ନିର୍ମାଣ କାର୍ଯ୍ୟର ତଦାରଖ କରିବାକୁ ଯେଉଁଭଳି ଦକ୍ଷ ଯନ୍ତ୍ରୀ ଓ କର୍ମଚାରୀ କାର୍ଯ୍ୟ କରିବା କଥା ତାହା ମଧ୍ୟ ହେଉନାହିଁ ବୋଲି ଅଭିଯୋଗ ହୁଏ। ତେବେ କାହିଁକି ଏଭଳି ?

ପୂର୍ବାପେକ୍ଷା ବୈଷୟିକ ଜ୍ଞାନକୌଶଳ ଓ ନିର୍ମାଣର ଢାଞ୍ଚାଗତ ନକ୍ସା ଅନେକ ଉନ୍ନତ ଥିଲା ବେଳେ ଜାତୀୟ ରାଜପଥ ହେଉ କିମ୍ବା ରାଜ୍ୟ ଭିତରେ ନିର୍ମାଣ ହେଉଥିବା ସରକାରୀ କାର୍ଯ୍ୟରେ ଏଭଳି ବିଡମ୍ବନା ଦେଖିବାକୁ ମିଳୁଛି। ଉଲ୍ଲେଖଯୋଗ୍ୟ, ୨୦୧୧ ସେପ୍ଟେମ୍ବର ୨୩ରେ ଜୟଦେବ ବିହାର ଫ୍ଲାଏ ଓଭର ଉପରୁ ତିନିଫୁଟ୍ ଓସାରର ସ୍ଲାବ ଖସି ପଡିଥିଲା। ଯଦିଓ ଏଥିରେ କେହି ମୃତାହତ ହୋଇ ନଥିଲେ। ସେହିଭଳି ୨୦୧୩ ଜୁଲାଇ ୩୧ରେ ଫାୟାର ଷ୍ଟେସନ ଛକ ଫ୍ଲାଏଓଭର ଆଇରନ୍ ପ୍ଲେଟ୍ ଫଲ୍ସ ଖସି ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ୨୦୧୪ ସେପ୍ଟେମ୍ବର ୩ ରସୁଲଗଡ ଛକ ଫ୍ଲାଏଓଭର ସ୍ଲାବ୍ ଖସି ଜଣେ ଶ୍ରମିକଙ୍କର ମୃତ୍ୟୁ ହୋଇଥିଲା। ପୋଲ ଭୁଶୁଡିବାକୁ ନେଇ ସବୁଠୁ ଅଧିକ ଚର୍ଚ୍ଚାରେ ଥିଲା ବମିଖାଲ ଫ୍ଲାଏଓଭର। ଦୀର୍ଘବର୍ଷ ଧରି ଚାଲିଥିବା ଏହି କାର୍ଯ୍ୟ ବିଳମ୍ବରେ ସମ୍ପୂର୍ଣ୍ଣ ହୋଇଥିଲା ବେଳେ ୨୦୧୭ ସେପ୍ଟେମ୍ବର ୧୦ରେ ଏହି ନିର୍ମାଣଧୀନ ଫ୍ଲାଏଓଭରରୁ ୧୦ ମିଟରର ଏକ ସ୍ଲାବ୍ ଖସିବା ଦ୍ୱାରା ଜଣେ ପଥଚାରୀଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ପ୍ରଶାସନିକ ତତ୍ପରତା ଦେଖାଦେବା ସହିତ ସାଧାରଣ ଲୋକ ଏହାକୁ ନେଇ ରାସ୍ତାକୁ ଓହ୍ଲାଇଥିଲେ। ସେହିଭଳି ବମିଖାଲ ଫ୍ଲାଏଓଭର ନିର୍ମାଣ ବେଳେ ପୁଣିଏକ ଅଘଟଣ ଘଟିଲା। ୨୦୧୮ରେ ଏହି ପୋଲର ବ୍ରିଜ୍ ୱାଲ ଭୁଶୁଡି ଜଣଙ୍କର ମୃତ୍ୟୁ ମଧ୍ୟ ହୋଇଥିଲା। ତେବେ କଥା ଉଠୁଛି ଅତ୍ୟନ୍ତ ବ୍ୟୟବହୁଳ ଏହିସବୁ ନିର୍ମାଣ କାର୍ଯ୍ୟରେ ବାରମ୍ବାର ଅଘଟଣ ଘଟିବା ଦ୍ୱାରା ଧନଜୀବନ ହାନୀ ହେବା ସହିତ ରାଜକୋଷର ବ୍ୟାପକ ଅର୍ଥ ମଧ୍ୟ ନଷ୍ଟ ହେଉଛି। ଆରମ୍ଭରୁ କଠୋର ମନୋଭାବ ରଖି ନିର୍ମାଣ କାର୍ଯ୍ୟକୁ ଠିକ୍ ରୂପେ ଅନୁଧ୍ୟାନ କରାଯାଉଥିଲେ ହୁଏତ ଏଭଳି ଦୁର୍ଘଟଣା ଘଟନ୍ତା ନାହିଁ। ତେଣୁ ପ୍ରଶାସନ ନଚେତିବା ପର୍ଯ୍ୟନ୍ତ ଅଘଟଣର ଶେଷ ନାହିଁ।

### ଖୋର୍ଦ୍ଧା-ବଲାଙ୍ଗିର ...

ଓଡିଶାର ସାମଗ୍ରିକ ବିକାଶ ପାଇଁ ଏହି ପ୍ରକଳ୍ପକୁ ପୂରା କରିବେ ଏହା ପ୍ରଧାନମନ୍ତ୍ରୀଙ୍କର ଅପେକ୍ଷା ରହିଛି। ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ପରିକଳ୍ପନା ବହୁତ ପୁରୁଣା। କିନ୍ତୁ ଏହି ପ୍ରକଳ୍ପକୁ ପୂର୍ବରୁ ଦିଲ୍ଲୀ ସରକାରରେ ଦାୟିତ୍ୱରେ ଥିବା ସରକାର ଏବଂ ରାଜ୍ୟ ସରକାର ଯେତେମାତ୍ରାରେ ପ୍ରାଥମିକତା ଦେବା କଥା ଦେଇନଥିଲେ। ଏହି କାରଣରୁ ପ୍ରକଳ୍ପଟି ସ୍ଥଗିତ ରହିଥିଲା। ମାତ୍ର ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ୧୯୯୫ ମସିହାରୁ ସ୍ଥଗିତ ଥିବା ଏହି ପ୍ରକଳ୍ପ ଗତିଶୀଳ ହେଲା। ମୋଦି ସରକାର ଓଡିଶା ସରକାରଙ୍କ ସହ ମିଶି ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ପ୍ରତିବଦ୍ଧ। ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନ ସମ୍ପୂର୍ଣ୍ଣ ହେଲେ ଏହା ଅଂଚଳିକ କ୍ଷେତ୍ରରେ ଅର୍ଥନୀତିକୁ ବଳ ଦେବ। ଓଡିଶାର କଲ୍ୟାଣ ଓ ବିକାଶ ନରେନ୍ଦ୍ର ମୋଦିଙ୍କ ପ୍ରାଥମିକତା ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଉଲ୍ଲେଖନୀୟ ଯେ, ଖୋର୍ଦ୍ଧା-ବଲାଙ୍ଗିର ପ୍ରକଳ୍ପ ଗତ ୨୫ ବର୍ଷ ତଥା ୧୯୯୫ ମସିହାରୁ ଅଟକି ରହିଥିଲା। ବିଶେଷ ଭାବରେ ମୋଦିଙ୍କ ପୂର୍ବରୁ ଦିଲ୍ଲୀରେ ଦାୟିତ୍ୱରେ ଥିବା ସରକାର ଓ ରାଜ୍ୟ ସରକାରଙ୍କ ଅସହଯୋଗ ତଥା ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ କାରଣରୁ ଏହି ପ୍ରକଳ୍ପ ସ୍ଥଗିତ ରହିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ପ୍ରଗତି ବୈଠକରେ ଓଡିଶା ରେଳବାଇର ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ ଉପରେ ସମୀକ୍ଷା କରିଥିଲେ। ଏହି ରିପୋର୍ଟରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପର ଷ୍ଟାଟସ ରିପୋର୍ଟରେ ସେ ବେଶ ପ୍ରଭାବିତ ହୋଇଥିଲେ। ୨୦୧୫ ମସିହାରେ ନରେନ୍ଦ୍ର ମୋଦି ଦାୟିତ୍ୱ ନେବା ପରେ ଏହି ପ୍ରକଳ୍ପ ଉପରେ ତାଙ୍କର ଦୃଷ୍ଟି ପଡିଥିଲା। ସେହି ସମୟରେ ମୋଦି ପିଏମଓର ଅଧିକାରୀ ମାନଙ୍କୁ କହିଥିଲେ ଯେ ଏହି ଅଂଚଳ ତଥା କେବିକେ ଅଞ୍ଚଳର ଲୋକମାନଙ୍କୁ ସରକାରୀ ସୁବିଧାର ଆବଶ୍ୟକତା ରହିଛି। ଏହା ଅନ୍ୟ ଅଂଚଳ ଅପେକ୍ଷା ବେଶ୍ ପଛୁଆ ରହିଛି। ଏହି ଅଂଚଳର ଲୋକଙ୍କୁ ରେଳ ସୁବିଧାର ନିତାନ୍ତ ଆବଶ୍ୟକତା ରହିଛି। ତେଣୁ ପ୍ରଧାନମନ୍ତ୍ରୀ ଏହି ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପକୁ ପ୍ରାଥମିକତା ଦେଇଥିଲେ। ଯଦି ୧୯୯୫-୨୦୦୦ ମସିହାରେ ଏହି ପ୍ରକଳ୍ପର କାମ ଶେଷ ହୋଇଥାନ୍ତା ତେବେ ଏଥିପାଇଁ ହେଉଥିବା ଖର୍ଚ୍ଚ ମଧ୍ୟ କମ୍ ହୋଇଥାନ୍ତା। ପୂର୍ବ ଭାରତର ଅର୍ଥନୀତି ବଢିବା ସହ ଲୋକଙ୍କୁ ମଧ୍ୟ ଏହାର ସୁବିଧା ମିଳିଥାନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ବର୍ତ୍ତମାନ ରେଳ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ଦର୍ଶାଯାଇଛି ଯେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପରେ ରେଳ ଟ୍ରାକର ନିର୍ମାଣ କାର୍ଯ୍ୟ ଠିକ୍ ଗତିରେ ଚାଲୁଅଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାର କାର୍ଯ୍ୟ ସଂପୂର୍ଣ୍ଣ ହେବ। ଏହି ରେଳ ପ୍ରକଳ୍ପର ଷ୍ଟାଟସରେ ଥିବା ଅନ୍ୟ କାର୍ଯ୍ୟ ସୂଚାରୁରୂପେ ସମ୍ପାଦିତ ହେଉଅଛି। ଅପରପକ୍ଷରେ ଆଗାମୀ ୬ ମାସ ମଧ୍ୟରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହେବ ବୋଲି ରାଜ୍ୟ ସରକାରଙ୍କ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ପରିବେଶ ମଞ୍ଜୁରି ସମେତ ଅନ୍ୟ ସବୁ ପ୍ରକ୍ରିୟା ପୂରଣ ହେଲେ ୨୦୨୩ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବା ନେଇ ସମ୍ଭାବନା ରହିଛି। ସେହିପରି ଏହି ପ୍ରକଳ୍ପରେ ଜମି ଅଧିଗ୍ରହଣ ସମସ୍ୟାରେ ରାଜ୍ୟ ସରକାରଙ୍କ ସୂତ୍ରରୁ ଜଣାପଡିଛି ଯେ ବୌଦ୍ଧ ଏବଂ ସୋନପୁର ଜିଲ୍ଲାରେ ଜମି ଅଧିଗ୍ରହଣ ନେଇ ସମସ୍ୟା ଦେଖାଯାଇଛି। ଏହି ପ୍ରକଳ୍ପ ପାଇଁ ଉପରୋକ୍ତ ୨ଟି ଜିଲ୍ଲାରେ ରାଜ୍ୟ ସରକାର ଜମି ଅଧିଗ୍ରହଣ ପାଇଁ ଧ୍ୟାନ ଦେଉଥିବା ବେଳେ ଜଙ୍ଗଲ ଏବଂ ପରିବେଶ ମଞ୍ଜୁରି ପ୍ରତି ସରକାରଙ୍କୁ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ପ୍ରକଳ୍ପର ସମୀକ୍ଷା ପରେ ପରିବେଶ ଏବଂ ଜଙ୍ଗଲ ମଞ୍ଜୁରି ବିବାଦର ଶୀଘ୍ର ସମାଧାନ ହେବ ବୋଲି ଆଶା କରାଯାଉଛି।

### ଏପ୍ରିଲ ୧ରୁ ...

ନିଜସ୍ୱ ଜମି ନାହିଁ। ତେଣୁ ଜମି ପାଇଁ ଆବେଦନ କରିବାପାଇଁ ସମ୍ପୃକ୍ତ କଲେଜମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ତେବେ ଉପରୋକ୍ତ ନିୟମ କାର୍ଯ୍ୟକାରୀ ହେବା ପୂର୍ବରୁ ସାଧାରଣ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ମୋବାଇଲ ଆପ୍ଲିକେସନ ପ୍ରଚଳନ ହୋଇସାରିଛି। ଯାହା ପାଉତି ଆପ୍ ନାମରେ ପରିଚିତ। ଏହି ଆପ୍ ଜରିଆରେ ଲୋକେ ଆଉ ଖଜଣା ଦେବାକୁ କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ଏହି ଆପ୍ ସହାୟତାରେ ଲୋକମାନେ ନିଜ ଘରେ ବସି ମୋବାଇଲ ଜରିଆରେ ପାଉତି କାଟିପାରିବେ। ସେହିପରି ଏହି ଆପ୍ ଜରିଆରେ ଅନ୍‌ଲାଇନ ମାଧ୍ୟମରେ ବିଭିନ୍ନ ପ୍ରମାଣପତ୍ର ମିଳିପାରିବ। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଇ-ସାର୍ଟିଫିକେଟ ସେବାକୁ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁଭାରମ୍ଭ କରାଯାଇଛି। **edistrict.odisha.gov.in** ନାମକ ଏହି ୱେବସାଇଟ୍ ଜରିଆରେ ଜଣେ ବ୍ୟକ୍ତି ଯେକୌଣସି ସ୍ଥାନରେ ଥାଇ ନିଜର ସ୍ଥାୟୀ ବାସିନ୍ଦା ଓ ଆୟ ପ୍ରମାଣପତ୍ର ଅତି ସହଜରେ ପାଇପାରିବେ। ଏଥି ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ତେବେ କେବଳ ଜାତିଗତ ପ୍ରମାଣପତ୍ର ଏହି ପ୍ରଣାଳୀରେ ଉପଲବ୍ଧ ହେବ ନାହିଁ। ଜାତିଗତ ପ୍ରମାଣପତ୍ର ପାଇଁ ପୂର୍ବରୁ ଯେଉଁ ବ୍ୟବସ୍ଥା ରହିଥିଲା ସେହି ବ୍ୟବସ୍ଥାରେ ହିଁ ଜଣକୁ ଜାତିଗତ ପ୍ରମାଣପତ୍ର ମିଳିପାରିବ। ରାଜସ୍ୱ ସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ସରକାର ଉପରୋକ୍ତ ପଦକ୍ଷେପମାନ ଗ୍ରହଣ କରୁଥିବା ଶ୍ରୀ ମହାପାତ୍ର କହିଛନ୍ତି।

### ଖୁବ୍‌ଶୀଘ୍ର ...

ପ୍ରୟାଗରାଜ-ଭୁବନେଶ୍ୱର ଏବଂ ଭୁବନେଶ୍ୱରରୁ ବ୍ୟାଙ୍କକ, ସିଙ୍ଗାପୁର ଓ ଆବୁଧାବିକୁ ବିମାନ ଚଳାଚଳ ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହୋଇଥିବା ମୁଖ୍ୟ ଶାସନ ସଚିବ କହିଛନ୍ତି। ବୈଠକରେ ଉତ୍ତର ପୂର୍ବାଞ୍ଚଳ ବିମାନ ଯୋଗାଯୋଗ ନଥିବା ଅଞ୍ଚଳ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏସବୁ ଅଞ୍ଚଳକୁ ଘରୋଇ ବିମାନ ଉଡ଼ାଣ ପାଇଁ ପ୍ରସ୍ତାବ ରହିଛି। ଘରୋଇ ଉଡ଼ାଣ ପାଇଁ ୧ ପ୍ରତିଶତ ଭାଟ୍‌ରେ ଇନ୍ଧନ ଯୋଗାଇ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେପଟେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସଚିବ କହିଛନ୍ତି, ଗତ ୫ ବର୍ଷରେ ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା ହାରାହାରି ୧୭ ପ୍ରତିଶତ ବଢ଼ିଥିବା ବେଳେ, ଭୁବନେଶ୍ୱରରେ ୨୯ ପ୍ରତିଶତ ବଢ଼ିଛି। ଏପଟେ ଆସନ୍ତା ୨୪ରୁ କୋଲକତା-ଝାରସୁଗୁଡାକୁ ଏବଂ ୩୧ରୁ ଭୁବନେଶ୍ୱରରୁ ବାରାଣାଶୀକୁ ବିମାନ ଉଡ଼ିବ। ଶୀତଋତୁ ପରେ ଝାରସୁଗୁଡାରୁ ମୁମ୍ବାଇକୁ ସ୍ପାଇସ୍ ଜେଟ ବିମାନ ଉଡ଼ିବ। ଦିଲ୍ଲୀ-ଭୁବନେଶ୍ୱର ଏୟାର ଏସିଆ ବିମାନ ଗ୍ରୀଷ୍ମ ଋତୁରେ ଚଳାଚଳ କରିବ। ମେ' ମାସରେ ଭୁବନେଶ୍ୱର-ରାଉରକେଲା ଆଲିଏନ୍ସ ଏୟାର ବିମାନ ଉଡ଼ିପାରେ। ଓଡ଼ିଶାରୁ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଓ ଅନ୍ୟ ଯେଉଁଠି ବିମାନ ଚଳାଚଳ କରୁନାହିଁ ସେହି ସ୍ଥାନକୁ ବିମାନ ଚଳାଚଳ କରିବା ନେଇ ଅଧିକ ଗୁରୁତ୍ୱ ଦିଆଯିବ। ଏହି ସବୁ ଅଞ୍ଚଳରେ ଘରୋଇ ବିମାନ ଉଡାଣ ପାଇଁ ପ୍ରସ୍ତାବ ଦିଆଯାଇଛି ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କହିଛନ୍ତି। ଏହି ଉଚ୍ଚସ୍ତରୀୟ ବୈଠକରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ପ୍ରାୟ ୨୫ଟି ଏୟାରଲାଇନ୍ସର ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ସଚିବ ପ୍ରଦୀପ ସିଂ ଖୋରଲା, ଯୁଗ୍ମ ସଚିବ ଉଷା ପାଢ଼ୀ, ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଅରବିନ୍ଦ ସିଂହ ପ୍ରମୁଖ ଯୋଗ ଦେଇଥିଲେ।

### ଭାଜପାର ...

କୁଚିଣ୍ଡା ବିଧାନସଭାରେ କିନ୍ତୁ ବିଜେପିର ତିନିଥର ବିଧାୟକ ଥିବା ରବି ନାୟକ ନବାଗତ ବିଜେଡି ପ୍ରାର୍ଥୀ ତଥା ନବ ଦାସଙ୍କ ସମର୍ଥକ କୁହାଯାଉଥିବା କିଶୋର ନାୟକଙ୍କ ଠାରୁ ପରାସ୍ତ ହୋଇଥିଲେ। ସେହିଭଳି ସମ୍ବଲପୁର ଲୋକସଭା ଆସନରେ ସରକାରୀ ଚାକିରିରୁ ରାଜନୀତିକୁ ଲମ୍ଫ ପ୍ରଦାନ କରିଥିବା ଇଂ. ନଳିନୀକାନ୍ତ ପ୍ରଧାନ ଛେଣ୍ଡିପଦା ଓ ଆଠମଲ୍ଲିକ ବିଧାନସଭା ଆସନକୁ ଛାଡିଦେଲେ ଅନ୍ୟ ବିଧାନସଭା କ୍ଷେତ୍ରରେ ବହୁ କମ୍ ସଂଖ୍ୟକ ଭୋଟ ପାଇଥିଲେ।


ବିଡମ୍ବନା ଯେ, ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳର ସଂଗଠନର ଅବସ୍ଥା ଯାହାଥିଲା, ଏବେ ତା'ଠୁ ବେଶୀ ବିପର୍ଯ୍ୟୟ ଅବସ୍ଥାରେ ରହିଛି। ତଥାକଥିତ ପୁରୁଖା ନେତାମାନେ ବିଭିନ୍ନ ନିଗମର ଅଧ୍ୟକ୍ଷ ତଥା ଅନ୍ୟାନ୍ୟ ଆକର୍ଷଣୀୟ ପଦରେ ଥଇଥାନ ପାଇଁ ଲବିରେ ବ୍ୟସ୍ତ ଥିବା ବେଳେ ସଭାପତି ଶୂନ୍ୟ ଦଳ ସଂଗଠନ ପାଇଁ କେହି ଗୁରୁତ୍ୱ ଦେଉ ନଥିବାର ଦେଖାଯାଉଛି। ଅପର ପକ୍ଷରେ ବିଜେପି ତା'ର ସଂଗଠନକୁ ଅଧିକ ମଜବୁତ୍ କରିବାରେ ସଫଳ ହୋଇଛି। ସୂଚନାଯୋଗ୍ୟ ଯେ, ସମ୍ବଲପୁର ମହାନଗର ନିଗମ ନିର୍ବାଚନ କୌଣସି ସମୟରେ ହେବାର ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ବିଜେଡି ଏହି ନିର୍ବାଚନକୁ କିଭଳି ମୁକାବିଲା କରିବ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପୋଲିସ୍ ମହାନିର୍ଦ୍ଦେଶଙ୍କ ଦ୍ୱାରା ୨୫ଟି ପିସିଆର୍ ଭ୍ୟାନ ଲୋକାର୍ପିତ



**ରାଉରକେଲା :** ରାଉରକେଲା ପୋଲିସ୍ ଜିଲ୍ଲା ପାଇଁ ସୁନ୍ଦରଗଡ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣଙ୍କ ଅନୁମୋଦନକ୍ରମେ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ରୁ ୪ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ପ୍ରଦତ୍ତ ୨୫ ଗୋଟି ପିସିଆର୍ ଭ୍ୟାନ୍ ବ୍ୟବସ୍ଥାକୁ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ, ଓଡିଶା ଶ୍ରୀ ଅଭୟ ସ୍ଥାନୀୟ ଉଦିତନଗର ଖେଳ ପଡିଆ ଠାରେ ଲୋକାର୍ପିତ କରିଛନ୍ତି। ଏହା ପୂର୍ବରୁ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ, ଓଡିଶା ରାଉରକେଲା ପୋଲିସ୍ ମୁଖ୍ୟାଳୟ ଠାରେ ନବନିର୍ମିତ ମଡେଲ ପୋଲିସ୍ କଣ୍ଟ୍ରୋଲ ରୁମ୍‌କୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟିତ ଏହି ପିସିଆର୍ ଭ୍ୟାନ ସୁବିଧା ରାଉରକେଲା ପୋଲିସ୍ ଜିଲ୍ଲାର ବିଭିନ୍ନ ହାଇୱେ ତଥା ଆଭ୍ୟନ୍ତରୀଣ ଖଣି ଅଂଚଳ ଗୁଡିକରେ ସଡକ ଦୁର୍ଘଟଣା ନିୟନ୍ତ୍ରଣ, ଭାରୀଯାନ ନିୟନ୍ତ୍ରଣ ତଥା ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ନିୟନ୍ତ୍ରଣ ଦିଗରେ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ବିଭିନ୍ନ ସମୟରେ ସଡ଼କ ଦୁର୍ଘଟଣା ଓ ଅସାମାଜିକ କାର୍ଯ୍ୟ ଲୋକଙ୍କ କାରଣରୁ ଅସୁବିଧାରେ ପଡିଥିବା ଲୋକମାନଙ୍କୁ ତୁରନ୍ତ ସେବା ପ୍ରଦାନ କରାଯିବା ଉପରେ ରୋକ ଲଗାଯାଇଯାଇ ପାରିବ ବୋଲି ମତ ଦେଇଛନ୍ତି। ପିସିଆର୍ ସିଷ୍ଟମ ଉଦ୍‌ଘାଟନ ପରେ ନିୟୋଜିତ ୨୫ଟି ଗାଡି ସହର ପରିକ୍ରମା କରିଥିଲା। ଏହି ବ୍ୟବସ୍ଥା ଉଦ୍‌ଘାଟନ ଅବସରରେ ପଶ୍ଚିମାଞ୍ଚଳ ଡିଆଇଜି ସୁଶ୍ରୀ କବିତା ଜଲାନ, ରାଉରକେଲା ଆରକ୍ଷୀ ଅଧିକ୍ଷକ କେ.ଶିବା ସୁବ୍ରମଣି, ପାନପୋଷ ଉପଜିଲ୍ଲାପାଳ ବିଶ୍ୱଜିତ ମହାପାତ୍ର, ଅତିରିକ୍ତ ଏସ୍‌ପି ସୁରେଶ ଚନ୍ଦ୍ର ପାଠୀ, ଡିଏମ୍‌ଏଫ୍ ସିଇଓ ରସାଇ ଲାଗୁରୀ, ଏଲ୍‌ଏଓ, ଡିଏମ୍‌ଏଫ୍ ଗହଦୁ ମିର୍ଦ୍ଧା, ଡିଏମ୍‌ଏଫ୍‌ର ବରିଷ୍ଠ ଯାନ୍ତ୍ରିକ ପରିଚାଳକ ଦୀପୁ ସାମଲ, ଯାନ୍ତ୍ରିକ ପରିଚାଳକ ବିଜୟ କୁମାର ପାତ୍ର ପ୍ରମୁଖଙ୍କ ସହ ଜିଲ୍ଲା ପୋଲିସ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ବିଭିନ୍ନ ପଦାଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହା ସହିତ ରାଉରକେଲା ପୁଲିସ ମୁଖ୍ୟାଳୟରେ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ୩ଟି ପୁଲିସ ଜିଲ୍ଲା ରାଉରକେଲା, ସୁନ୍ଦରଗଡ଼ ଓ କେନ୍ଦୁଝରର ଆଇନଶୃଙ୍ଖଳା ଓ ଅପରାଧ ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ କରିଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଡ଼ିଜି(ଇଣ୍ଟେଲିଜେନ୍ସ) ରାଧାକୃଷ୍ଣ ଶର୍ମା, ପଶ୍ଚିମାଞ୍ଚଳ ଡ଼ିଆଇଜି କବିତା ଜଲାନଙ୍କ ସମେତ ରାଉରକେଲା ଏସ.ପି କେ. ଶିବା ସୁବ୍ରମଣି, ସୁନ୍ଦରଗଡ଼ ଏସ.ପି ସୌମ୍ୟା ମିଶ୍ର ଓ କେନ୍ଦୁଝର ଏସ.ପି ମିତ୍ରଭାନୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆରଏସ୍‌ପିର ଉଦ୍ୟାନକୃଷି ପ୍ରଦର୍ଶନୀ ଉଦ୍‌ଯାପିତ



**ରାଉରକେଲା :** ସେଲ ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନକୃଷି ବିଭାଗ ଦ୍ୱାରା ଆୟୋଜିତ ୫୪ତମ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀକୁ ଗତ ଶନିବାର ୧୮ ତାରିଖରେ ରାଉରକେଲା ଇସ୍ପାତ କାରଖାନାର ସିଇଓ ଦୀପକ ଚଟ୍ଟରାଜ ଉଦଘାଟନ କରିଥିଲେ। ମନୋରମ ଜୁବୁଲିପାର୍କ, ସେକ୍ଟର -୮ଠାରେ ଆୟୋଜିତ ଏହି ପ୍ରଦର୍ଶନୀରେ ବହୁ ସଂଖ୍ୟକ ପରିଦର୍ଶକଙ୍କ ସମାଗମ ପରିଲକ୍ଷିତ ହୋଇଥିଲା। ପ୍ରଦର୍ଶନୀରେ ପ୍ରଦର୍ଶିତ ରଙ୍ଗ ଓ ପ୍ରଭେଦର ଫୁଲ, ଫଳ ଓ ପନିପରିବାର ଆନନ୍ଦ ନେବା ପାଇଁ ବହୁସଂଖ୍ୟକ ଦର୍ଶକଙ୍କର ଆଗମନରେ ସବୁଜ ଘାସଗାଲିଚା ଆଚ୍ଛାଦିତ ଉଦ୍ୟାନଭରା ସୌନ୍ଦର୍ଯ୍ୟମୟ ଜୁବୁଲିପାର୍କ ଚଳଚଞ୍ଚଳ ହୋଇଉଠିଥିଲା। ପ୍ରଦର୍ଶକମାନେ ପ୍ରଦଶିତ ଆକର୍ଷଣୀୟ ଫଳପୁଷ୍ପର ପ୍ରଶଂସାରେ ଶତମୁଖର ହେଉଥିବା ପରିଲକ୍ଷିତ ହୋଇଥିଲା। ଶ୍ରୀ ଚଟ୍ଟରାଜ ଏହି ମନୋରମ ପ୍ରଦର୍ଶନୀକୁ କାର୍ମିକ ଓ ପ୍ରଶାସନ ବିଭାଗର ର୍ନିର୍ବାହୀ ନିର୍ଦ୍ଦେଶକ ରାଜବୀର ସିଂହ, ସାମଗ୍ରୀ ପରିଚାଳନା ବିଭାଗର ଇଡ଼ି. ଦିଲ୍ଲୀପ କୁମାର ମହାପାତ୍ର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ କୁମାର, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ଶ୍ରୀମତୀ ସୁମନ ଲତା, ମୀନାକ୍ଷୀ ମହାପାତ୍ର ଓ ଶ୍ରୀମତୀ କିରଣ ସିହ୍ନା, ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ ଡକ୍ଟର ଏସ.ଏସ.ପତି, ସହର ପ୍ରଶାସନ ଓ ସିଏସଆର ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଅଜୟ କୁମାର ନାୟକଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଓ ଦୀପିକା ମହିଳା ସଂଘତିର ପରିଚାଳନା ପରିଷଦର ସଦସ୍ୟାଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ସିଇଓ ଅନ୍ୟ ଅତିଥିମାନଙ୍କ ଗହଣରେ ପ୍ରଦର୍ଶନୀ ପରିଦର୍ଶନ କରିବା ସହ ପ୍ରଦର୍ଶିତ ଫଳପୁଷ୍ପର ଭୂୟସୀ ପ୍ରଶଂସା କରିଥିଲେ। ଏହି ପ୍ରଦର୍ଶନୀ ଗତ ରବିବାର ୧୯ ତାରିଖରେ ଉଦଯାପିତ ହୋଇଥିଲା। ଉଦଯାପନ ଅବସରରେ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ବିଭିନ୍ନ ବର୍ଗର ପ୍ରତିଯୋଗିମାନଙ୍କୁ ଏହି ଉତ୍ସବରେ ପୁରସ୍କାର ଆକାରରେ ନଗଦରାଶି, ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଇସ୍ପାତ ସହରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା।

# ଶ୍ରୀ ରାମକୃଷ୍ଣ ପରମହଂସ



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ଶ୍ରୀ ରାମକୃଷ୍ଣ ହୁଗୁଳୀ ଜିଲ୍ଲାର କାମରପୁକୁର ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ୧୮୩୬ ଖ୍ରୀଷ୍ଟାବ୍ଦ ଫେବୃଆରୀ ମାସ ୧୮ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ କ୍ଷୁଦିରାମ ଚଟ୍ଟୋପାଧ୍ୟାୟ ଓ ମାତାଙ୍କ ନାମ ଚନ୍ଦ୍ରମଣି ଦେବୀ। ପିତାଙ୍କ ପୂର୍ବ ବାସସ୍ଥାନ କାମାରପୁକୁର ଠାରୁ ତିନି ମାଇଲ ଦୂରରେ ଜେରେ ଗ୍ରାମରେ ଥିଲା। ଜମିଦାରଙ୍କ ପକ୍ଷରେ ମିଥ୍ୟା ସାକ୍ଷ୍ୟ ନଦେବା ଫଳରେ ସେ ଜମିଦାରଙ୍କ ଦ୍ୱାରା ଗ୍ରାମରୁ ବିତାଡ଼ିତ ହୋଇ ପରିବାର ସହ କାମାରପୁକୁର ଆସି ଜଣେ ବନ୍ଧୁଙ୍କ ଦାନ ସ୍ୱରୂପ ଏକ କୁଟୀରରେ ଆଶ୍ରୟ ନେଲେ ଓ ଚାଷବାସ କରି ପରିବାର ଚଳାଇଲେ। ଥରେ ପିତୃପୁରୁଷଙ୍କୁ ପିଣ୍ଡଦାନ ଦେବାଲାଗି କ୍ଷୁଦିରାମ ଗୟା ତୀର୍ଥକୁ ଯାଇଥିଲେ। ସେଠାରେ ରାତିରେ ସ୍ୱପ୍ନ ଦେଖିଲେ ଯେ ନିଜେ ଗଦାଧର ବିଷ୍ଣୁ ତାଙ୍କୁ କହୁଛନ୍ତି ତୁମ ଭକ୍ତିରେ ମୁଁ ସନ୍ତୁଷ୍ଟ, ତୁମର ସେବା ଗ୍ରହଣ କରିବା ପାଇଁ ମୁଁ ତୁମର ପୁତ୍ର ରୂପେ ଜନ୍ମ ନେବି। ଠିକ ସେହି ସମୟରେ ଚନ୍ଦ୍ରମଣି ଦେବୀଙ୍କର ଦିବ୍ୟ ଅନୁଭୂତି ହେଲା। ସେ ଅନୁଭବ କଲେ ଯେ ଏକ ପ୍ରକାଣ୍ଡ ଜ୍ୟୋତି ଯେମିତି ତାଙ୍କ ଉଦରରେ ପ୍ରବେଶ କରିଛି। ଯଥା ସମୟରେ ଏକ ପୁତ୍ରଜାତ ହେଲା। ସ୍ୱପ୍ନକଥା ମନେ ପକାଇ କ୍ଷୁଦିରାମ ନବଜାତକର ନାମ ରଖିଲେ ଗଦାଧର। ଗଦାଧରଙ୍କର ବିଦ୍ୟାଳୟ ଶିକ୍ଷା ପ୍ରତି ଆଦୌ ଆଗ୍ରହ ନଥିଲା। ସାତବର୍ଷ ବୟସରେ ପିତାଙ୍କୁ ହରାଇ ମାତାଙ୍କୁ ଗୃହକାର୍ଯ୍ୟ ଓ ପୂଜା ପାଠରେ ସାହାଯ୍ୟ କଲେ। ଏଗାର ବର୍ଷ ବୟସରେ ଉପନୟନ ପରେ ଗୃହଦବତା ରଘୁବୀରଙ୍କ ପୂଜାର ଭାର ଗ୍ରହଣ କଲେ। ରାମକୃଷ୍ଣ ପିଲାଦିନେ ଗଦାଇ ନାମରେ ପରିଚିତ ଥିଲେ। ଗଦାଇ ସୁମଧୁର କଣ୍ଠରେ ଗୀତ ଗାଇ ପାରୁଥିଲେ। ତାଙ୍କର ସ୍ମୃତିଶକ୍ତି ପ୍ରବଳ ଥିଲା। ତେଣୁ ଯାତ୍ରା ଓ ପାଲାରେ ସେ ନିଖୁଣ ଭାବରେ ଅଭିନୟ କରିପାରୁଥିଲେ।

ଘର ନିକଟରେ ଜମିଦାର ଲାହାବାବୁଙ୍କ ଅତିଥି ଶାଳାରେ ବହୁ ସାଧୁ ସଜ୍ଜନଙ୍କ ସମାଗମ ହେଉଥିଲା। ଗଦାଇ ସେଠାରେ ସାଧୁ ମାନଙ୍କର ସେବା ଯତ୍ନ କରୁଥିଲେ। ସେମାନଙ୍କ ମୁହଁରୁ ଧର୍ମକଥା ସବୁ ଶୁଣି କଣ୍ଠସ୍ଥ କରି ପକାଉଥିଲେ। ରାମାୟଣ, ମହାଭାରତ ଓ ଶ୍ରୀମଦ୍ ଭାଗବତରେ କଥାସବୁ ସେ ମନେରଖି ବ୍ୟାଖ୍ୟା କରିପାରୁଥିଲେ। ଘରେ ପାଠ ନପଢ଼ିବାରୁ ତାଙ୍କୁ ବଡ଼ଭାଇ ରାମକୁମାର କଲିକତା ଝାମାପୁକୁରସ୍ଥିତ ତାଙ୍କ ଟୋଲକୁ ପଢ଼ିବ ପାଇଁ ନେଇଗଲେ। ସେଠାରେ ମଧ୍ୟ ତାଙ୍କର ପାଠପ୍ରତି ଉଦାସୀନ ଭାଇଙ୍କୁ ଚିନ୍ତିତ କଲା। ଭାଇଙ୍କ ପ୍ରଶ୍ନରେ ରାମକୃଷ୍ଣ ଉତ୍ତର ଦେଲେ 'ଏ ଚାଉଳ-କଦଳୀ ବନ୍ଧା ବିଦ୍ୟା ମୁଁ ଶିଖିବି ନାହିଁ, ମୁଁ ଏପରି ବିଦ୍ୟା ଅର୍ଜନ କରିବାକୁ ଚାହେଁ, ଯେଉଁଥିରେ ଯଥାର୍ଥ ଜ୍ଞାନ ଲାଭ କରି ମାନବଜୀବନ ସାର୍ଥକ ହେବ।' ରାଣୀ ରାସମଣି ୧୮୫୫ ଖ୍ରୀଷ୍ଟାବ୍ଦରେ ଗଙ୍ଗାକୂଳବର୍ତ୍ତୀ ଦକ୍ଷିଣେଶ୍ୱରରେ ମା'କାଳୀ ଓ ରାଧାଗୋବିନ୍ଦଙ୍କର ମନ୍ଦିର ନିର୍ମାଣ କଲେ। ପଣ୍ଡିତ ରାମକୁମାର କାଳୀ ମନ୍ଦିରର ପ୍ରଥମ ପୂଜକ ହେଲେ। ତାଙ୍କ ମୃତ୍ୟୁପରେ ରାମକୃଷ୍ଣ ମା'କାଳୀଙ୍କର ମନ୍ଦିରର ପୂଜା ଦାୟିତ୍ୱ ବହନ କଲେ। କେତେ ଦିନ ପୂଜା କଲାପରେ ତାଙ୍କ ମନରେ ପ୍ରଶ୍ନ ଉଠିଲା, ମା'ପାଷଣମୟୀ ନା ଚିନ୍ମୟୀ? ଯଦି ଚିନ୍ମୟୀ ଦେଖା ଦେଉନାହାନ୍ତି କାହିଁକି? ମା'ଙ୍କ ଦର୍ଶନ ପାଇବା ପାଇଁ ସେ ବ୍ୟାକୁଳ ହୋଇ ଉଠିଲେ। ଆହାର ନିଦ୍ରା ତ୍ୟାଗ କରି ମା'ଙ୍କ ସମ୍ମୁଖରେ କ୍ରନ୍ଦନ କରିବାରେ ଲାଗିଲେ। ଦିନେ ସେ ମନ୍ଦିର କାନ୍ଥରୁ ମା'ଙ୍କ ଖଣ୍ଡାଟି ଆଣି ଜୀବନ ବଳି ଦେବାକୁ ଉଦ୍ୟତ ହେବାବେଳେ ମା'କାଳୀ ଜ୍ୟୋତିର୍ମୟୀ ମୂର୍ତ୍ତିରେ ତାଙ୍କୁ ଦର୍ଶନ




ଦେଲେ। ରାମକୃଷ୍ଣ ଆନନ୍ଦରେ ଆତ୍ମହରା ହୋଇ ତିନିଦିନ ସଂଜ୍ଞାହୀନ ହୋଇ ରହିଲେ। ତାପରେ ସେ ବାରମ୍ବାର ଚିନ୍ମୟୀ ମା'ଙ୍କ ସଙ୍ଗେ କଥା କହୁଥିଲେ, ହସୁଥିଲେ ଓ ଖୁଆଇ ଦେଉଥିଲେ। ତାଙ୍କର ଏ ଅସ୍ୱାଭାବିକ ଆଚରଣରେ ବ୍ୟଥିତ ହୋଇ ତାଙ୍କ ମାତା ଚନ୍ଦ୍ରମଣି ଚିକିତ୍ସା ପାଇଁ କାମରପୁକୁର ଡକାଇ ଆଣିଲେ। ଚିକିତ୍ସା ଦ୍ୱାରା କିଛି ଫଳ ନ ମିଳିବାରୁ ଆତ୍ମୀୟ ସ୍ୱଜନଙ୍କ ପରାମର୍ଶରେ ବିବାହର ଚେଷ୍ଟା ଚାଲିଲା।



ଶେଷରେ ରାମକୃଷ୍ଣ ନିଜେ ପାତ୍ରୀର ସନ୍ଧାନ ଦେଲେ। ଜୟରାମବାଟୀରେ ରାମଚନ୍ଦ୍ର ମୁଖୋପାଧ୍ୟାୟଙ୍କ କନ୍ୟା ଶାରଦା ମଣିଙ୍କ ସହ ବିବାହ ସ୍ଥିର ହେଲା। ସେତେବେଳେ ରାମକୃଷ୍ଣଙ୍କୁ ତେଇଶ ବର୍ଷ ଓ ଶାରଦାମଣି ମାତ୍ର ପାଞ୍ଚବର୍ଷର ବାଳିକା। ବିବାହର କିଛି ଦିନ ପରେ ରାମକୃଷ୍ଣ ଦକ୍ଷିଣେଶ୍ୱର ଫେରି ଆସିଲା ପରେ ପୁଣି ସେହି ଦିବ୍ୟଉନ୍ମାଦ ଅବସ୍ଥା। ଥରେ ରାଣୀ ରାସମଣିଙ୍କ ଜାମାତା ମଥୁର ବାବୁଙ୍କର ଏକ ଅଲୌକିକ ଦର୍ଶନ ହେଲା। ସେ ଶ୍ରୀରାମକୃଷ୍ଣଙ୍କ ଭିତରେ ମା'କାଳୀ ଓ ମହାଦେବଙ୍କର ଦର୍ଶନ ପାଇଲେ। ସେହି ଦିନରୁ ସେ ଶ୍ରୀରାମକୃଷ୍ଣଙ୍କୁ ନରଦେହଧାରୀ ଦେବତା ଜ୍ଞାନ କରି ସେବା ଓ ଭକ୍ତି କଲେ। ଏହାପରେ ଅନ୍ୟ ବ୍ରାହ୍ମଣଙ୍କ ଦ୍ୱାରା ମା'କାଳୀଙ୍କ ନିତ୍ୟ ପୂଜାର ବ୍ୟବସ୍ଥା କଲେ। ଏହି ସମୟରେ ରାମକୃଷ୍ଣ ବିଭିନ୍ନ ସାଧନାରେ ରତ ରହିଲେ। ସେ ଶ୍ରୀରାଧା, ଶ୍ରୀକୃଷ୍ଣ, ହନୁମାନ, ଶ୍ରୀରାମ ଓ ଶ୍ରୀଗୌରାଙ୍ଗଙ୍କ ଦର୍ଶନ ଲାଭ କଲେ। ଏପରିକି ଭାବଚକ୍ଷୁରେ ଶ୍ରୀଗୌରାଙ୍ଗଙ୍କ ମହାସଂକୀର୍ତ୍ତନ ଦଳକୁ ମଧ୍ୟ ଦର୍ଶନ କଲେ। ଶେଷରେ ପୁରୀ ସଂପ୍ରଦାୟର ବ୍ରହ୍ମଦର୍ଶୀ ନାଗା ସନ୍ନ୍ୟାସୀ ତୋତାପୁରୀ ଦକ୍ଷିଣେଶ୍ୱର ଆସିଥିବା ବେଳେ ତାଙ୍କ ଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କଲେ ଓ ବେଦାନ୍ତ ସାଧନର ଉପଦେଶ ଗ୍ରହଣ କଲେ। ସେ ଏକଦା ନିର୍ବିକଳ୍ପ ସମାଧିରେ ଛଅମାସ କାଳ ମଗ୍ନ ରହିଲେ। ଏହିଭଳି ଭାବରେ ଦୀର୍ଘ ବାର ବର୍ଷ ନିରନ୍ତର ସାଧନା କରି ହିନ୍ଦୁଧର୍ମର ସକଳ ପ୍ରକାର ବିଦ୍ୟାସାଧନାରେ ସିଦ୍ଧିଲାଭ କରି ସେ 'ପରମହଂସ' ଉପାଧି ପ୍ରାପ୍ତ ହେଲେ। ଜଗନ୍ମାତା ଶ୍ରୀରାମକୃଷ୍ଣଙ୍କୁ କହିଲେ 'ତୁ ଆଉ ମୁଁ ଏକ। ଜୀବ ମଙ୍ଗଳ ପାଇଁ ତୋ ନିକଟକୁ ବହୁ ଭକ୍ତ ଆସିବେ। ତୁ ସେମାନଙ୍କର କଲ୍ୟାଣ କର।' ୧୮୬୮ ଖ୍ରୀଷ୍ଟାବ୍ଦରେ ସେ ତୀର୍ଥ ଦର୍ଶନ ପାଇଁ ବୈଦ୍ୟନାଥ, ମାତେ ସବୁ ଧର୍ମ ଥରଟିଏ ଗ୍ରହଣ କରିବାକୁ ପଡ଼ିଥିଲା। ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ବୌଦ୍ଧ, ବୈଷ୍ଣବ, ବେଦାନ୍ତ, ସବୁଠି ସେହି ଏକ ଈଶ୍ୱରଙ୍କୁ ଦେଖିଲି। ତାଙ୍କ ପାଖକୁ ସମସ୍ତେ ଆସୁଛନ୍ତି ଭିନ୍ନ ଭିନ୍ନ ପଥ ଧରି।

ଲୌକିକ ଦୃଷ୍ଟିରେ ଶ୍ରୀ ରାମକୃଷ୍ଣ ବିବାହ କରିଥିଲେ ମଧ୍ୟ ସ୍ତ୍ରୀଙ୍କ ସହିତ ତାଙ୍କର କୌଣସି ଦୈହିକ ସମ୍ପର୍କ ନଥିଲା। କିନ୍ତୁ ସେ ସ୍ତ୍ରୀଙ୍କୁ ବହୁତ ଭଲ ପାଉଥିଲେ। ସ୍ତ୍ରୀକୁ ଶାରଦା, ସରସ୍ୱତୀ ଜ୍ଞାନ କହି ବହୁ ସୁନାର ଗହଣା ତାଙ୍କ ପାଇଁ ଗଢ଼ାଇ ଦେଇଥିଲେ। ଅଠରବର୍ଷ ବୟସରେ ଯେତେବେଳେ ଶାରଦା ଦେବୀ ଦକ୍ଷିଣେଶ୍ୱର ଆସିଲେ ରାମକୃଷ୍ଣ ତାଙ୍କୁ ଦେବୀ ତ୍ରିପୁରସୁନ୍ଦରୀ ଜ୍ଞାନ କରି ପୂଜା କରିଥିଲେ ଓ ଅତି ଯତ୍ନରେ ନିଜ ପାଖରେ ରଖିଲେ। ଦେହ ତ୍ୟାଗ ପୂର୍ବରୁ ସେ ଶାରଦା ଦେବୀଙ୍କ ଉପରେ ଜୀବ କଲ୍ୟାଣ କାର୍ଯ୍ୟର ସମ୍ପୂର୍ଣ୍ଣ ଭାର ଅର୍ପଣ କରିଥିଲେ। ସେ ମଧ୍ୟ ଆଦେଶ ମନେକରି ସମସ୍ତ



ଦାୟିତ୍ୱ ଆନ୍ତରିକତାର ସହ ପୂର୍ଣ୍ଣ କରିଥିଲେ। ରାମକୃଷ୍ଣ ତାଙ୍କର ଦେହତ୍ୟାଗ ସମୟ ଜାଣିପାରି ପ୍ରମୁଖ ଶିଷ୍ୟଗଣଙ୍କୁ ପାଖକୁ ଡାକି ବିଶେଷ ଆଶୀର୍ବାଦ ଓ ଦାୟିତ୍ୱ ପ୍ରଦାନ କଲେ। ସେହି ତ୍ୟାଗୀ ଯୁବକମାନଙ୍କ ନେତା କଲେ ତାଙ୍କ ପ୍ରିୟ ଶିଷ୍ୟ ନରେନ୍ଦ୍ର ନାଥଙ୍କୁ। ପରବର୍ତ୍ତୀ କାଳରେ ଯିଏ ସ୍ୱାମୀ ବିବେକାନନ୍ଦ ନାମରେ ସମଗ୍ର ବିଶ୍ୱରେ ଶ୍ରୀରାମକୃଷ୍ଣଙ୍କର ବିଶ୍ୱଧର୍ମର ବାଣୀ ପ୍ରଚାର କରିଥିଲେ। ଶେଷ ଅବସ୍ଥାରେ ଶ୍ରୀରାମକୃଷ୍ଣଙ୍କ ଶରୀରରେ କିଛି ରୋଗ ସଞ୍ଚାର ହୋଇ ଗଳା ଭିତରେ ଫୁଲିଯାଇ ଘାଆ ହୋଇଗଲା। କଥା କହିବା କଷ୍ଟ ହେଲା। ସେ ଉପଦେଶ ଦେବାରେ ବିରତ ହେଉ ନଥାନ୍ତି। ଜୀବର ପାପଭାର ନିଜେ ବହନ କରି ତାଙ୍କ ନିଷ୍ପାପ ଶରୀରରେ ଏହି କଠିନରୋଗ ହୋଇଥିଲା ବୋଲି ସେ କହିଥିଲେ। ଶେଷରେ ୧୮୮୬ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୧୬ ତାରିଖ ଦିନ ଶ୍ରୀରାମକୃଷ୍ଣ ମହାସମାଧିରେ ଲୀନ ହୋଇଗଲେ।

*ପ୍ଲଟ ନଂ : ୧୦୮୨/ଡ଼ି, ସେକ୍ଟର-୬, ସିଡ଼ିଏ, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*

# ନେତାଜୀଙ୍କର ଉଦାରତା



ଦେବସ୍ମିତା ବେହେରା

ଦେଶର ମହାନ ସ୍ୱତନ୍ତ୍ରତା ସେନାନୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଜୀବନ ସହିତ ଅନେକ ଘଟଣା ଜଡିତ । ସେ ସବୁ ଘଟଣା ଆଜି ମଧ୍ୟ ରହି ଯାଇଛି ଅବିସ୍ମରଣୀୟ ହୋଇ । ଏମିତି ଗୋଟିଏ ଘଟଣା ନେତାଜୀ ମଞ୍ଚ ଉପରେ ଭାଷଣ ଦେବା ସମୟରେ ଘଟିଥିଲା । ଯେଉଁଥିରୁ ଜଣା ପଡେ କି ସେ ଅନ୍ୟ ମାନଙ୍କର ଭାବନାକୁ କେତେ ଭଲ ଭାବରେ ବୁଝୁ ଥିଲେ ।

ଘଟଣାଟି ଥିଲା ଏମିତିଆ । ସୁଭାଷ ଚନ୍ଦ୍ର ବୋଷ ଯେତେବେଳେ ସାଧାରଣ ଲୋକମାନଙ୍କୁ ମଞ୍ଚରେ ସମ୍ବୋଧିତ କରୁଥିଲେ ସେତେବେଳେ ହଠାତ୍ ଜଣେ ସ୍ତ୍ରୀଲୋକ ମଞ୍ଚ ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ । ନେତାଜୀଙ୍କର ଦୃଷ୍ଟି ପଡିଗଲା ସେହି ସ୍ତ୍ରୀଲୋକ ଉପରେ । ସେହି ସ୍ତ୍ରୀ ଲୋକ ଜଣକ ଅତ୍ୟନ୍ତ ଗରୀବ ଥିଲେ ଆଉ ଚିରାଫଟା ଲୁଗା ପିନ୍ଧିଥିଲେ । ମଞ୍ଚ ପାଖରେ ଆଜାଦ ହିନ୍ଦ ଫୌଜର ଅନେକ ଅଧିକାରୀ ଛିଡା ହୋଇଥିଲେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ କି ଏହି ସ୍ତ୍ରୀଲୋକ ଜଣକ ପ୍ରକୃତରେ କ'ଣ ଚାହାନ୍ତି ନେତାଜୀଙ୍କଠୁ ?

ହଠାତ୍ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇ ସେହି ସ୍ତ୍ରୀଲୋକ ଜଣକ ନିଜର ମଇଳା ଚିରା ଲୁଗା କାନିରୁ ବନ୍ଧା ହୋଇଥିବା ତିନି ଟଙ୍କା କାଢି ନେତାଜୀଙ୍କ ପାଦ ତଳେ ରଖି ଦେଲେ । ନେତାଜୀ ଆଶ୍ଚର୍ଯ୍ୟ ଚକିତ ହୋଇ ଦେଖୁଥିଲେ ସେହି ସ୍ତ୍ରୀଲୋକ ଜଣଙ୍କୁ । ଠିକ୍ ସେତିକି ବେଳେ ସ୍ତ୍ରୀଲୋକ ଜଣକ ହାତ ଯୋଡି କହିଲେ,'ନେତାଜୀ ମୋର ଏହି ଧନ ରାଶିକୁ ଦାନ ଭାବରେ ସ୍ୱୀକାର କରିନିଅନ୍ତୁ । ରାଷ୍ଟ୍ର ଦେବତାଙ୍କ ପାଇଁ ନିଜର ସର୍ବସ୍ୱ ଦାନ କରିବା ପାଇଁ ଆପଣ ଅପିଲ୍ କରିଥିଲେ । ମୋର ସର୍ବସ୍ୱ ହେଉଛି ଏଇ ତିନି ଟଙ୍କା । ଏହା ଛଡା ମୋ ପାଖରେ ଆଉ କିଛି ନାହିଁ ।'

ସଭାରେ ଉପସ୍ଥିତ ଥିବା ଜନ ସମୁଦାୟ ସେହି ସ୍ତ୍ରୀଲୋକଙ୍କର କୃତ୍ୟକୁ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଥିଲେ । ନେତାଜୀ କିଛି କ୍ଷଣ ପାଇଁ ମୌନ ହୋଇଗଲେ । ନେତାଜୀଙ୍କୁ ମୌନ ରହିବା ଦେଖି ନିରାଶ ହୋଇ ସେହି ସ୍ତ୍ରୀଲୋକ ଜଣକ କହିଲେ,'କ'ଣ ଆପଣ ମୋ ଭଳି ଗରିବ ସ୍ତ୍ରୀଲୋକ ହାତରୁ ଏହି ତୁଚ୍ଛ ଦାନକୁ ସ୍ୱୀକାର କରିବେନି ? କ'ଣ ଭାରତ ମା'ର ସେବା କରିବାର ଅଧିକାର ଆମ ଭଳି ଗରୀବଙ୍କ ପାଖରେ ନାହିଁ ?' ଏହା କହି କାନ୍ଦି କାନ୍ଦି ନେତାଜୀଙ୍କ ପାଦ ତଳେ ଲୋଟି ଗଲେ ସ୍ତ୍ରୀଲୋକ ଜଣକ । ଏହି ଦୃଶ୍ୟ ଦେଖି ନୋତଜୀଙ୍କ



ଆଖିରୁ ଲୁହ ମଧ୍ୟ ଝରିବାକୁ ଲାଗିଲା । ସେ ଚୁପ୍‌ଚାପ୍ ଉଠେଇନେଲେ ଟଙ୍କାକୁ । ଏହା ଦେଖି ଖୁସିରେ ଅଧୀର ହୋଇ ଉଠିଲେ ସ୍ତ୍ରୀଲୋକ ଜଣକ । ସେ ଉଠି ପଡି,ହାତକୁ ଯୋଡି ନେତାଜୀଙ୍କୁ ଅଭିବାଦନ ଜଣାଇ ମଞ୍ଚରୁ ତଳକୁ ଚାଲିଗଲେ । ତାଙ୍କର ଯିବା ପରେ ପାଖରେ ଛିଡା ହୋଇଥିବା

ଜଣେ ଅଧିକାରୀ ନେତାଜୀଙ୍କୁ ପଚାରିଲେ,'ନେତାଜୀ,ସେହି ଗରୀବ ସ୍ତ୍ରୀଲୋକଠୁ ତିନି ଟଙ୍କା ଗ୍ରହଣ କଲା ବେଳେ ଆପଣ କାହିଁକି କାନ୍ଦି ପକେଇଲେ ?'

ଏହା ଶୁଣି ନେତାଜୀ କହିଲେ,'ମୁଁ ପ୍ରକୃତରେ ଦ୍ୱନ୍ଦରେ ପଡି ଯାଇଥିଲି କି ସେହି ତିନି ଟଙ୍କା ଦେବା ପରେ ମହିଳା ଜଣଙ୍କ ପାଖରେ ଆଉ କିଛି ରହିବନି। ଯଦି ମୁଁ ସେହି ତିନି ଟଙ୍କାକୁ ଗ୍ରହଣ କରୁଛି ତେବେ ସେହି ମହିଳା ଜଣକ ନିଜର ସର୍ବସ୍ୱ ହରେଇ ଦେବେ ଆଉ ଯଦି ଗ୍ରହଣ ନକରିବି ତେବେ ତାଙ୍କ ଭାବନା ଆହାତ ହେଇଯିବ। ସେ ଦେଶର ସ୍ୱାଧୀନତା ପାଇଁ ନିଜର ସର୍ବସ୍ୱ ଦାନ କରିବାକୁ ଆସିଥିଲେ। ଯଦି ମୁଁ ସେ ଟଙ୍କା ନେବାକୁ ମନା କରି ଦେଇଥାନ୍ତି ତେବେ ସେ କ'ଣ କ'ଣ ଭାବି ନଥାନ୍ତେ ଆଉ ନିଜ ଜୀବନକୁ ମୂଲ୍ୟହୀନ ବୋଲି ଭାବିଥାନ୍ତେ'।

ଏମିତି ବି ହୋଇଥାନ୍ତା କି ସେ ଏହା ଶୁଣି ଭାବିଥାନ୍ତେ କି ମୁଁ କେବଳ ଧନୀ ଲୋକଙ୍କର ଦାନ ଆଉ ସହଯୋଗକୁ ସ୍ୱୀକାର କରୁଛି ଗରୀବଙ୍କର ନୁହେଁ। ତେଣୁ ମୁଁ ତାଙ୍କର ମହାଦାନକୁ ସ୍ୱୀକାର କରିନେଲି। ନେତାଜୀଙ୍କର ଉଦାରତା ଦେଖି ଆଉ ତାଙ୍କର ମନର ଭାବନା ବିଷୟରେ ଶୁଣି ସମସ୍ତେ ତାଳି ମାରିବାକୁ ଲାଗିଲେ । ସତରେ କେତେ ମହାନ୍ ଥିଲେ ଆମର ମହାନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ।

*୨୧୭,ୟୁନିଟ-୯(ଫ୍ଲାଟ)*
*ବାୟାବାବା ମଠ ଲେନ*
*ଭୁବନେଶ୍ୱର-୨୨*
*ଦୂରଭାଷ: ୯୯୩୮୩୯୫୫୩୭*

### ବଦଳିବ ଆଞ୍ଚଳିକ ପାସପୋର୍ଟ କାର୍ଯ୍ୟାଳୟର ନାମ

# ହେବ 'ବିଦେଶ ଭବନ'

**ଭୁବନେଶ୍ୱର :** ବଦଳିବ ଆଞ୍ଚଳିକ ପାସ୍‌ପୋର୍ଟ କାର୍ଯ୍ୟାଳୟ ନାମ। ହେବ 'ବିଦେଶ ଭବନ'। ଏହି ବିଦେଶ ଭବନରେ ପାସପୋର୍ଟ କାର୍ଯ୍ୟାଳୟ ସମେତ ଇମିଗ୍ରେସନ ଏବଂ ଆଇସିସିଆର୍ କାର୍ଯ୍ୟାଳୟ ମଧ୍ୟ ରହିବ। ତେବେ ରାଜ୍ୟରେ ସବୁ ବର୍ଗର ବ୍ୟକ୍ତି ଯେପରି ସହଜ ଏବଂ ସରଳ ଭାବେ ପାସପୋର୍ଟ ପାଇପାରିବେ ସେଥିପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ତେବେ ୨୦୧୯ରେ ରାଜ୍ୟରେ ମୋଟ୍ ୧ଲକ୍ଷ ୨୫ହଜାର ଲୋକ ପାସପୋର୍ଟ ଲାଗି ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧ଲକ୍ଷ ୧୯ହଜାର ୭୦୦ ଆବେଦନକାରୀଙ୍କୁ ପାସପୋର୍ଟ ପ୍ରଦାନ କରାଯାଇଛି ବୋଲି ଆଞ୍ଚଳିକ ପାସପୋର୍ଟ ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ଶ୍ରୀ ମିଶ୍ରଙ୍କ କହିବା ଅନୁଯାୟୀ, ଲୋକଙ୍କୁ ସହଜରେ ସେବା ଯୋଗାଇବା ସହ ପାସପୋର୍ଟ ସମ୍ପର୍କରେ ସଚେତନା ସୃଷ୍ଟି କରିବା ଲାଗି ଉଦ୍ୟମ ହେଉଛି। ବ୍ୟବସ୍ଥାକୁ ଅଧିକ ସରଳ କରାଯାଇଥିବା ବେଳେ ଲୋକମାନେ ଯେପରି ଠକାମୀର ଶିକାର ନହୁଅନ୍ତି ସେଥିପ୍ରତି ମଧ୍ୟ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ କଲେଜ, ବିଶ୍ୱବିଦ୍ୟାଳୟ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ରଛାତ୍ରୀଙ୍କୁ ପାସପୋର୍ଟ ସେବା ସହଜରେ ଯୋଗାଇଦେବା ସହ ସଚେତନ କରିବା ଲାଗି ପାସପୋର୍ଟ ମେଳାର ଆୟୋଜନ କରାଯାଉଛି। ଦଲାଲଙ୍କ ଶିକାରରୁ ରକ୍ଷା ଲାଗି ଅନ୍‌ଲାଇନ୍ ବ୍ୟବସ୍ଥାକୁ ଅଧିକରୁ ଅଧିକ ସହଜ କରାଯାଇଛି। ରାଜ୍ୟର ବିଭିନ୍ନ ସହରରୁ ଲୋକମାନେ ବିଦେଶ ଯାଉଥିବାରୁ ସେମାନଙ୍କ ସୁବିଧା ଲାଗି ୨୦ଟି ପାସପୋର୍ଟ ସେବା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଜିଲ୍ଲାର ୨୦ଟି ସହରରେ ଥିବା ପୋଷ୍ଟଅଫିସ୍‌ରେ ଏହି ସେବା ଯୋଗାଇ ଦିଆଯାଉଛି। ସେଠାରେ ଅନ୍‌ଲାଇନ୍‌ରେ ଆବେଦନ ସାଙ୍ଗକୁ ସମ୍ପୃକ୍ତ ଆବେଦନକାରୀ ଯେପରି ଠକାମୀର ଶିକାର ନହୁଅନ୍ତି ସେ ଦିଗରେ ମଧ୍ୟ ପାସପୋର୍ଟ ସେବା କେନ୍ଦ୍ରଗୁଡିକରେ ଗୁରୁତ୍ୱ ଦିଆଯାଇଥାଏ। ଅନେକ ସମୟରେ ପାସପୋର୍ଟ ଆବେଦନ କରିବା ପରେ ପାସପୋର୍ଟ ମିଳିବାରେ ବିଳମ୍ବ ହେଉଥିଲା। ପୁଲିସ୍ ଯାଞ୍ଚ ସାଙ୍ଗକୁ ଅନ୍ୟାନ୍ୟ ଅନୁଧ୍ୟାନ ବ୍ୟବସ୍ଥାକୁ ମଧ୍ୟ ସରଳୀକରଣ କରାଯାଇଛି। ପୁଲିସ ଯାଞ୍ଚ ବ୍ୟବସ୍ଥାରେ ସୁଧାର ଅଣାଯାଇଛି। ପୂର୍ବରୁ ପୁଲିସ ଭେରିଫ୍‌କେସନ୍ ପ୍ରକ୍ରିୟାରେ କିଛି ବିଳମ୍ବ ଘଟୁଥିବାରୁ ସେଥିରେ ଯେଉଁ ସବୁ ତଥ୍ୟର ଯାଞ୍ଚ କରାଯାଉଥିଲା ସେଥିରେ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ପୁଲିସ ଭେରିଫକେସନ୍‌ରେ କେବଳ ୨ଟି ତଥ୍ୟର ଯାଞ୍ଚ କରାଯାଉଛି। ଆବେଦନକାରୀଙ୍କ ବିରୋଧରେ କୌଣସି ଅପରାଧ ରେକର୍ଡ ରହିଛି କି ନାହିଁ ଏବଂ ୨ଟି ନାଗରିକତା। ସେହିପରି ତତ୍‌କାଳ ପାସପୋର୍ଟ ବ୍ୟବସ୍ଥାରେ ମଧ୍ୟ କିଛି ପରିବର୍ତ୍ତନ କରାଯାଇଛି। ପୂର୍ବରୁ ତତ୍‌କାଳ ପାସପୋର୍ଟ ଆବେଦନକାରୀଙ୍କ ଲାଗି ଫର୍ମ-ଇ ପୂରଣ ବାଧ୍ୟତାମୂଳକ ଥିବା ବେଳେ ବର୍ତ୍ତମାନ ଏହି ଫର୍ମ ପୂରଣର ଆବଶ୍ୟକତା ନାହିଁ। ଯାହାଦ୍ୱାରା ଆବେଦନକାରୀମାନେ ପୂର୍ବାପେକ୍ଷା ଖୁବଶୀଘ୍ର ପାସପୋର୍ଟ ପାଇପାରୁଛନ୍ତି। ବର୍ତ୍ତମାନ ସାଧାରଣ ବ୍ୟବସ୍ଥାରେ ଜଣେ ଆବେଦନକାରୀଙ୍କୁ ୧୫ରୁ ୨୦ଦିନ ମଧ୍ୟରେ ପାସପୋର୍ଟ ଦିଆଯାଉଛି। ଆବେଦନକାରୀମାନେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବା ସହ ସେହି ସମୟରେ ଆବଶ୍ୟକ ଫି' ଅନ୍‌ଲାଇନ୍‌ରେ ପୈଠ କରିଥାନ୍ତି। ପରେ କେଉଁ ଦିନ ସେମାନଙ୍କର ସାର୍ଟିଫଇକେଟ୍ ଯାଞ୍ଚ ଏବଂ ବାୟୋମେଟ୍ରିକ ହେବ ତାହାର ତାରିଖ ଏବଂ ସମୟ ପ୍ରଦାନ କରାଯାଇଥାଏ। ସେହି ଦିନ ଆବେଦନକାରୀଙ୍କୁ ଏଠାକୁ ଆସିବାକୁ ପଡିଥାଏ। ବିଶେଷକରି ଗୋଟିଏ ପାସପୋର୍ଟ ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା କରିବାକୁ କାର୍ଯ୍ୟାଳୟରେ ସର୍ବାଧିକ ୪୫ମିନିଟରୁ ଏକ ଘଣ୍ଟା ସମୟ ଲାଗିଥାଏ। ଅବଶିଷ୍ଟ ଆବେଦନକାରୀଙ୍କ ପୁଲିସ ଯାଞ୍ଚ, ପାସପୋର୍ଟ ପ୍ରସ୍ତୁତି ଲାଗି ସମୟ ଲାଗିଥାଏ। ତଥାପି ଆହୁରି କମ୍ ସମୟ ମଧ୍ୟରେ ଯେପରି ଲୋକଙ୍କୁ ପାସପୋର୍ଟ ସେବା ଯୋଗାଇ ଦିଆଯାଇପାରିବ ସେଥିପାଇଁ ଅନୁଧ୍ୟାନ ଚାଲିଛି। ସେହିପରି କିଛି ଫେକ୍ ଅନ୍‌ଲାଇନ୍ ଥିବାରୁ ଅନେକ ସମୟରେ ଲୋକମାନେ ଠକାମୀର ଶିକାର ହେଉଛନ୍ତି। ତେଣୁ ଅନ୍‌ଲାଇନ୍‌ରେ ଆବେଦନ କରିବା ପୂର୍ବରୁ ଆବେଦନକାରୀ ସମ୍ପୃକ୍ତ ସଂସ୍ଥା ସମ୍ପର୍କରେ ଅବଗତ ହେବା ଉଚିତ୍। ଜାଲ ୱେବସାଇଟ୍‌ରେ କୌଣସି ତଥ୍ୟ ନଦେବା ସହ ଦେୟ ନଦେବାକୁ ମଧ୍ୟ କୁହାଯାଉଛି। ପାସପୋର୍ଟ ସେବା ପାଇବା ପାଇଁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ନିଜସ୍ୱ ୱେବସାଇଟ୍ ବ୍ୟବହାର କରିବାକୁ ସେ କହିଛନ୍ତି। ଏହାବ୍ୟତୀତ ଯଦି କୌଣସି ଲୋକଙ୍କର କିଛି ସମସ୍ୟା ରହିଥାଏ କିମ୍ବା କିଛି ଅସୁବିଧା ହୁଏ ତେବେ ସେମାନେ ସିଧାସଳଖ ଆଞ୍ଚଳିକ ପାସପୋର୍ଟ କାର୍ଯ୍ୟାଳୟରେ ଜଣାଇବା ଉଚିତ୍ ବୋଲି କହିଛନ୍ତି। ସେହିପରି ପୂର୍ବାପେକ୍ଷା ବର୍ତ୍ତମାନ ପାସପୋର୍ଟ ସେବାରେ ବହୁତ ପରିବର୍ତ୍ତନ ଆସିଥିବା ବେଳେ ଆଞ୍ଚଳିକ ପାସପୋର୍ଟ ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରଚେଷ୍ଟାରୁ ଲୋକଙ୍କୁ ସହଜରେ ସେବା ମିଳୁଛି ବୋଲି ଅନେକ ଆବେଦନକାରୀ କହିଛନ୍ତି।



### ମାର୍ଚ୍ଚ ୫ ସୁଦ୍ଧା ସବୁ ବିଭାଗରେ 'ମୋ ସରକାର' ଲାଗୁ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

# ଡିସେମ୍ବର ଶେଷସୁଦ୍ଧା ରାଜସ୍ୱ ସଂଗ୍ରହରେ ୮ % ଅଭିବୃଦ୍ଧି

**ଭୁବନେଶ୍ୱର :** ଚଳିତ ଆର୍ଥିକ ବର୍ଷ ଡ଼ିସେମ୍ବର ଶେଷସୁଦ୍ଧା ଓଡ଼ିଶାର ରାଜସ୍ୱ ସଂଗ୍ରହରେ ୮.୩୯ % ଅବିବୃଦ୍ଧି ଘଟିଛି। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକର ଆଲୋଚନାରୁ ଏହା ଜଣାପଡିଛି। ବିଭିନ୍ନ ବିଭାଗର ଆର୍ଥିକ ପରିଚାଳନା କାର୍ଯ୍ୟ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ବଜେଟ୍ ବିନିଯୋଗକୁ ତ୍ୱରାନ୍ୱିତ କରିବା ସହ ଆସନ୍ତା ମାର୍ଚ୍ଚ ୫ ତାରିଖ ସୁଦ୍ଧା ପ୍ରତି ବିଭାଗରେ ମୋ ସରକାର ମାନକ ପ୍ରୟୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କହିଥିଲେ ଯେ ବର୍ତ୍ତମାନ ବିଭିନ୍ନ ଆନ୍ତର୍ଜାତିକ ସଂସ୍ଥାମାନେ ଓଡ଼ିଶାକୁ ଏକ ପ୍ରଗତିଶୀଳ ଓ କର୍ମଚଞ୍ଚଳ ରାଜ୍ୟଭାବେ ପ୍ରଶଂସା କରୁଥିବାରୁ ଏହାକୁ ଏକ ଉତମ ମାନର ଅନୁଶାସିତ ରାଜ୍ୟରେ ପରିଣତ କରିବା ପାଇଁ ସରକାରୀ ବିଭାଗମାନେ ଆଗଭର ହୁଅନ୍ତୁ। ତ୍ୱରିତ ଓ ସଠିକ୍ ସେବା ଯୋଗାଣ ମାଧ୍ୟମରେ ଏହା ସମ୍ଭବ ହେବ। ଅଧିକରୁ ଅଧିକ ସରକାରଙ୍କଠାରୁ ନାଗରିକ ଓ ବ୍ୟବସାୟ ସଂସ୍ଥା ମାନଙ୍କୁ ଯୋଗାଯାଉଥିବା ସେବାକୁ ଅନ୍‌ଲାଇନ୍ କରିବା, ସହ ସେବା ଯୋଗାଣ ବିଷୟରେ ଲୋକମାନଙ୍କ ସନ୍ତୋଷ ଓ ମତାମତକୁ ଅଗ୍ରାଧିକାର ଦେବା ପାଇଁ ଶ୍ରୀ ତ୍ରିପାଠୀ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବ୍ୟାଙ୍କ୍ ବା କର୍ପୋରେସନରେ ପାଣ୍ଠି ଜମାନରଖି ସାଧାରଣ ଟ୍ରେଜରୀ ପୋର୍ଟାଲ୍ ମାଧ୍ୟମରେ ପ୍ରକୃତ ବିନିଯୋଗ କରିବା ନିମନ୍ତେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ବିଭାଗମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ଲୋକସେବା ଭବନ ସଭାଗୃହଠାରେ ଅନୁଷ୍ଠିତ ଏହି ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା ଡ଼ିସେମ୍ବର ମାସ ଶେଷସୁଦ୍ଧା ରାଜସ୍ୱ ସଂଗ୍ରହ ଓ ବଜେଟ୍ ବିନିଯୋଗ ସମ୍ବନ୍ଧିତ ବିଷୟବସ୍ତୁ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ। ଶ୍ରୀ ମୀନା ଜଣାଇଥିଲେ ଯେ ଚଳିତ ଆର୍ଥିକବର୍ଷ ଡ଼ିସେମ୍ବର ଶେଷସୁଦ୍ଧା ପ୍ରାୟ ୯,୪୯୮ କୋଟି ଟଙ୍କା ଅଣ-ଟିକସ ରାଜସ୍ୱ ବାବଦରେ ସଂଗ୍ରହ ହୋଇ ଏ କ୍ଷେତ୍ରରେ ୯ % ଅବିବୃଦ୍ଧି କରାଯାଇଛି। ସେହିପରି ନିଜସ୍ୱ -ଟିକସ୍ କ୍ଷେତ୍ରରେ ମଧ୍ୟ ୮.୧୩ % ବୃଦ୍ଧି ଘଟିଛି। ଗତ ଆର୍ଥିକ ବର୍ଷ ଡ଼ିସେମ୍ବର ଶେଷସୁଦ୍ଧା ନିଜସ୍ୱ-ଟିକସ୍ ବାବଦରେ ୨୦,୮୯୮ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ଡ଼ିସେମ୍ବର ଶେଷସୁଦ୍ଧା ୨୨,୫୯୯ କୋଟି ଟଙ୍କା ଆଦାୟ ହୋଇଛି। ସମତାଳରେ ବଜେଟ୍ ବିନିଯୋଗରେ ମଧ୍ୟ ପ୍ରାୟ ୧୫ % ଅଭିବୃଦ୍ଧି ଘଟିଛି। ଗତ ଆର୍ଥିକବର୍ଷ ଅକ୍ଟୋବର ମାସ ଶେଷସୁଦ୍ଧା ବିଭିନ୍ନ ବିଭାଗମାନେ ୭୧,୬୦୨ କୋଟି ଟଙ୍କା ବିନିଯୋଗ କରିଥିବାବେଳେ ଚଳିତ ବର୍ଷ ଏହି ବିନିଯୋଗ ୮୨,୨୦୦ କୋଟି ଟଙ୍କା ଅତିକ୍ରମ କରିଛି। କୃଷି କ୍ଷେତ୍ରରେ ବିନିଯୋଗ ପରିମାଣ ୧୧୨୫୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ସାମାଜିକ ଓ ଭିତିଭୂମି କ୍ଷେତ୍ରରେ ଏହା ଯଥାକ୍ରମେ ୩୪,୪୦୦ ଏବଂ ୯,୧୯୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଏବଂ ସ୍ୱତନ୍ତ୍ର ଶାସନ ସଚିବମାନେ ବୈଠକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରାଷ୍ଟ୍ରୀୟ ବାଲ ପୁରସ୍କାର ବିଜେତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଭାବବିନିମୟ



**ନୂଆଦିଲ୍ଲୀ,(ପିଆଇବି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରୀୟ ବାଲ ପୁରସ୍କାର ବିଜେତାମାନଙ୍କ ସହିତ ଭାବ ବିନିମୟ କରିଛନ୍ତି। ୨୨ ଜାନୁଆରୀ, ୨୦୨୦ରେ ରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିଜେତାମାନେ ଗଣତନ୍ତ୍ର ଦିବସ ପରେଡରେ ମଧ୍ୟ ଅଂଶଗ୍ରହଣ କରିବେ। ଭାରତର ବିଭିନ୍ନ ରାଜ୍ୟର ୪୯ଜଣ ଶିଶୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ଜମ୍ମୁ-କଶ୍ମୀର, ମଣିପୁର ଓ ଅରୁଣାଚଳ ପ୍ରଦେଶର ଜଣେ ଲେଖାଏଁ ପୁରସ୍କାର ବିଜେତା ଅଛନ୍ତି। ଏହି ଶିଶୁମାନଙ୍କୁ କଳା ଓ ସଂସ୍କୃତି, ନବୋନ୍ମେଷ, ଶିକ୍ଷା, ସମାଜସେବା, କ୍ରୀଡ଼ା ଓ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ପୁରସ୍କୃତ କରାଯାଇଛି। ଭାରତ ସରକାର ଶିଶୁମାନଙ୍କୁ ରାଷ୍ଟ୍ର ନିର୍ମାଣରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବେ ଗ୍ରହଣ କରିଛନ୍ତି। ଏହି ଉଦ୍ଦେଶ୍ୟ ଲାଗି କେନ୍ଦ୍ର ସରକାର ନବୋନ୍ମେଷ, ଶିକ୍ଷା କ୍ଷେତ୍ରରେ ଉପଲବ୍ଧି, ସମାଜସେବା, କଳା ଓ ସଂସ୍କୃତି, କ୍ରୀଡ଼ା ଓ ସାହସିକତା କ୍ଷେତ୍ରରେ ଅସାଧାରଣ ଉପଲବ୍ଧି ପାଇଁ ପ୍ରତିବର୍ଷ ଶିଶୁମାନଙ୍କ ଏହି ପୁରସ୍କାର ପ୍ରଦାନ କରିଥାନ୍ତି। ଏହି ଶିଶୁମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଉପଲବ୍ଧି ପାଇଁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହ ଏତେ କମ ବୟସରେ ସେମାନଙ୍କ କାର୍ଯ୍ୟକୁ ଅଦ୍ଭୁତ ବୋଲି କହିଥିଲେ। ସେ କହିଥିଲେ ଯେ, ଆପଣମାନେ ଯେପରି ଭାବେ ସମାଜ ଓ ରାଷ୍ଟ୍ର ପ୍ରତି ନିଜର କର୍ତବ୍ୟକୁ ପୂରଣ କରୁଛନ୍ତି ତାହା ଦେଖି ମୁଁ ଗର୍ବିତ। ଯେତେବେଳେ ମୁଁ ଯୁବ ସାଥୀମାନଙ୍କ ସାହସ ଓ ଉପଲବ୍ଧିର କାହାଣୀ ଶୁଣୁଛି ସେଥିରୁ ମୋତେ ଅତିରିକ୍ତ ଉତ୍ସାହ ଓ କଠିନ ପରିଶ୍ରମ କରିବାର ପ୍ରେରଣା ମଧ୍ୟ ମିଳୁଛି। ପ୍ରଧାନମନ୍ତ୍ରୀ ପୁରସ୍କାର ବିଜେତା ଶିଶୁମାନଙ୍କୁ ତୃଣମୂଳସ୍ତରର ବାସ୍ତବିକତା ସହ ଦୃଢ଼ ଭାବେ ଯୋଡ଼ି ହୋଇ କଠିନ ପରିଶ୍ରମ କରିବାକୁ କହିଥିଲେ। ସେ କହିଥିଲେ, "ଏହି ପରିଚୟ ଆହୁରି ଅଧିକ ସଫଳତା ଅର୍ଜନ କରିବା ଦିଗରେ ପ୍ରେରଣା ସାଜିବା ଉଚିତ। ଆପଣମାନେ ଏହା ଅନୁଭବ କରିବା ଆବଶ୍ୟକ ଯେ ଏହା ଏକ ଅନ୍ତ ନୁହେଁ। ଏପରି ପୁରସ୍କାର ଆପଣଙ୍କ ସାଥୀ ଓ ଅନ୍ୟ ଶିଶୁମାନଙ୍କୁ ସଫଳତା ହାସଲ କରିବା ଲାଗି ପ୍ରେରଣା ଯୋଗାଇବ।"

# ପ୍ରଦୂଷଣରେ ନମ୍ବର-୧ ପାରାଦୀପ ବନ୍ଦର

### ଗ୍ରୀନ ପିସ୍ ରିପୋର୍ଟ



**ପାରାଦୀପ :** ଗ୍ରୀନ ପିସ୍ ରିପୋର୍ଟ ଅନୁସାରେ ଦେଶର ୧୦୦ଟି ପ୍ରଦୂଷିତ ସହର ତାଲିକାରେ ଓଡିଶାର ୫ଟି ସହର ନାମ ପ୍ରକାଶ ପାଇଛି । ସେଥି ମଧ୍ୟରୁ ପାରାଦୀପ ବନ୍ଦର ୧ ନମ୍ବର ସ୍ଥାନରେ ଅଛି । ବିଗତ ଦିନ ମାନଙ୍କରେ ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ଖବରରେ ପାରାଦୀପରେ ବାୟୁ ପ୍ରଦୂଷଣ ସ୍ଥିତି ନିୟନ୍ତ୍ରଣ ବାହାରେ ଯାହାକୁ କି ପାରାଦୀପରେ ଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ସର୍ବଦା ଅଗ୍ରାହ୍ୟ କରିବା ସହିତ ପାରାଦୀପର ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ରେ ରହିଛି ବୋଲି କହିବା ଗ୍ରୀନପିସ୍‌ର ସର୍ଭେ ରିପୋର୍ଟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି। ପାରାଦୀପ ବନ୍ଦରରେ ମାତ୍ରାଧିକ ପରିବେଶ ପ୍ରଦୂଷଣ ହେଉଥିବା ଯୋଗୁଁ ଏ ଅଞ୍ଚଳରେ ହୃଦ୍‌ଘାତ ଜନିତ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। ସେହିପରି ବନ୍ଦର ନଗରୀ ରେ ଅଧିକ ମାତ୍ରାରେ ଗାଡି ଚଳାଚଳ ମଧ୍ୟ ପ୍ରଦୂଷଣର ମାତ୍ରାକୁ ଦ୍ୱିଗୁଣିତ କରିଛି। ପାରାଦୀପର ବୃହତ୍ ବନ୍ଦର ଏକାଧିକ ଶିଳ୍ପାନୁଷ୍ଠାନରେ ଧୂଆଁ, ବିଷାକ୍ତ ଗ୍ୟାସ୍ ଏକ ବିଷର ବଳୟ ସୃଷ୍ଟି କରିଛି। ଏହାକୁ ନିୟନ୍ତ୍ରଣ କରାନଗଲେ ଅବସ୍ଥା ସାଂଘାତିକ ହେବ। ଏଠାରେ ସୂଚନା ଯୋଗ୍ୟ ଯେ ଗତବର୍ଷ ସେପ୍ଟେମ୍ବର ୧୯ ତାରିଖ ଦିନ ପାରାଦୀପ ଏବେ ବହୁଧା ଭାବେ ପ୍ରଦୂଷିତ ବୋଲି କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଥିଲା ଏବଂ ସେତେବେଳେର ପରିବେଶ ମନ୍ତ୍ରଣାଳୟର ସଚିବ ମୋନା ଶର୍ମା ଜଗତସିଂପୁରର ଜିଲ୍ଲାପାଳଙ୍କୁ ପତ୍ର ଲେଖି ଘୋର ଉଦ୍‌ବେଗ ପ୍ରକାଶ କରିବା ସହିତ ଶିଘ୍ର ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଯାହାର ଫଳ ସ୍ୱରୂପ ପାରାଦ୍ୱୀପର ୧୧ ବର୍ଗ କିଲୋମିଟର ଭିତରେ ଥିବା ସମସ୍ତ ଛୋଟ ବଡ ଶିଳ୍ପସଂସ୍ଥା ଗୁଡିକ ଉପରେ ପ୍ରଦୂଷଣ ଛାଟ ବାଜିବା ଏକ ପ୍ରକାର ନିଶ୍ଚିତ ହୋଇଛି। ପାରାଦୀପରେ ଥିବା ପ୍ରାୟତ ଅଧିକାଂଶ ସଂସ୍ଥା ପ୍ରଦୂଷଣ ନିୟମକୁ ଉଲଂଘନ କରିଥିବା ଜଣା ପଡିଥିବା ବେଳେ ବଡବଡ ହୋଟେଲ ମଧ୍ୟ ଏଥିରୁ ବାଦ୍ ପଡିବେ ନାହିଁ। ପ୍ରଦୂଷଣକୁ ନେଇ ବିଭିନ୍ନ ସଂସ୍ଥାଦ୍ୱାରା କରାଯାଉଥିବା ସର୍ଭେରେ ପାରାଦ୍ୱୀପ ସବୁବେଳେ ଟପ୍‌ରେ ରହିଛି। ତେଣୁ ପ୍ରଦୂଷଣ ବିଭାଗ ପକ୍ଷରୁ ପାରାଦୀପ ବନ୍ଦର ଓ ତାର ଆଖ ପାଖରେ ଗଢିଉଠିଥିବା ଶିଳ୍ପ ସଂସ୍ଥା ଗୁଡିକ ଉପରେ ଆହୁରି କଡା ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ନନ୍ଦନକାନନକୁ ଆସିବ ଆଫ୍ରିକୀୟ ଧଳା ଗଣ୍ଡା



**ଭୁବନେଶ୍ୱର :** ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଆସିବ ବିଦେଶ ଚିଡିଆଖାନାରୁ ଜନ୍ତୁ। ଶ୍ରୀଲଙ୍କାରୁ ଆଫ୍ରିକୀୟ ସିଂହ ଓ ସିଙ୍ଗାପୁର ଚିଡିଆଖାନାରୁ ବିଭିନ୍ନ ଜନ୍ତୁ ତଥା ଧଳା ଗଣ୍ଡା ଆସିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ବସିଥିବା ୨୭ତମ ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା ହୋଇଥିବା ନନ୍ଦନକାନନ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେହିଭଳି ନନ୍ଦନକାନନରେ ବିକାଶ ପାଇଁ କରାଯାଇଥିବା ବିଭିନ୍ନ ଯୋଜନାକୁ କିଭଳି ରୂପରେଖ ଦିଆଯିବ ସେ ସଂକ୍ରାନ୍ତରେ ଆଜିର ବୈଠକରେ ଆଲୋଚନା ହୋଇଛି। ରୋପ ୱେ କାମ ବର୍ତ୍ତମାନ ଆରମ୍ଭ ହୋଇଛି। ତେବେ ଟଏ ଟ୍ରେନ୍ ଧାରଣାକୁ ପାରି ହୋଇ ଲୋକେ ରୋପ ୱେ ନିକଟକୁ ଯାଉଥିବାରୁ ଅସୁବିଧା ହେଉଛି। ଅସୁବିଧା ଦୂର ପାଇଁ ଟଏ ଟ୍ରେନ୍ ଧାରଣାକୁ ପାରି ପାଇଁ ଏକ ଓଭରପାସ୍ ନିର୍ମାଣ କରାଯିବ। ଭୁବନେଶ୍ୱର ଖାରବେଳ ଭବନରେ ଆୟୋଜିତ ଏହି ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ମୋନା ଶର୍ମା, ରାଜ୍ୟ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ହରିଶଙ୍କର ଉପାଧ୍ୟାୟ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ ନିର୍ଦ୍ଦେଶକ ଶଶୀ ପଲ ପ୍ରମୁଖ ଉପସ୍ଥିତ ଥିଲେ।

### ଇଣ୍ଡିଆନ୍ ଅଏଲ ଏବଂ ଘାନାର ଏନ୍‌ପିଏ ମଧ୍ୟରେ ଏମ୍‌ଓୟୁ

# ଏଲ୍‌ପିଜି କ୍ଷେତ୍ରକୁ ମଜବୁତ୍ କରିବା ଏମଓୟୁର ଉଦ୍ଦେଶ୍ୟ : ଧର୍ମେନ୍ଦ୍ର



**ଭୁବନେଶ୍ୱର, (ପିଆଇବି):** ଭାରତ ଏବଂ ଘାନା ମଧ୍ୟରେ ଥିବା ସମ୍ପର୍କକୁ ଅହୁରି ମଜବୁତ୍ କରିବା ପାଇଁ ନୂଆଦିଲ୍ଲୀ ଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଇଣ୍ଡିଆନ୍ ଅଏଲ ଏବଂ ଘାନାର ଜାତୀୟ ପେଟ୍ରୋଲିୟମ ପ୍ରାଧିକରଣ(ଏନ୍‌ପିଏ) ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଇଣ୍ଡିଆନ୍ ଅଏଲର ଏଲପିଜି ପରିଚାଳନାର ମୁଖ୍ୟ ଅଧିକାରୀ ଏଲ୍‌କେଏସ ଚୌହ୍ୱାନ ଏବଂ ଘାନା ଏନପିଏର କାର୍ଯ୍ୟକାରୀ ମୁଖ୍ୟ ସୁଲେମାନା ତାମପୁଲିଙ୍କ ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି। ପେଟ୍ରୋଲିୟମ ବିଶେଷଭାବରେ ଏଲପିଜି କ୍ଷେତ୍ରକୁ ମଜବୁତ୍ କରିବା ଏହି ଏମଓୟୁର ଉଦ୍ଦେଶ୍ୟ ଥିଲା। ଭାରତ ସରକାର ଦେଶରେ ଏଲପିଜି ନେଟ୍‌ୱାର୍କର ସଂପ୍ରସାରଣ କରି ଦେଶର ନାଗରିକଙ୍କୁ ସ୍ୱଚ୍ଛ ଉର୍ଜା ପ୍ରଦାନ କରୁଛନ୍ତି। ଏହି କ୍ଷେତ୍ରରେ ଘାନା ନିଜ ଉପାୟରେ ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପରେ ସୁରକ୍ଷିତ, ସ୍ୱଚ୍ଛ ଏବଂ ପରିବେଶ ସହଯୋଗୀ ଏଲପିଜିର ବ୍ୟବହାର କରି ଏହାର ଚାହିଦାକୁ ବଢାଇବା ପାଇଁ ଭାରତକୁ ସହାୟତା କରିବା ନିମନ୍ତେ ଇଚ୍ଛାପ୍ରକାଶ କରିଥିଲା। ଏହି ବୁଝାମଣା ପତ୍ର ଫଳରେ ଭାରତ ଘାନାର ରାଷ୍ଟ୍ରୀୟ ଏଲପିଜି ପ୍ରମୋସୋନ ପଲିସିର କାର୍ଯ୍ୟନ୍ୱୟନ କ୍ଷେତ୍ରରେ ସାହାଯ୍ୟ କରିବ। ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଦ୍ୱାରା ଇଣ୍ଡିଆନ୍ ଅଏଲ ବିଭିନ୍ନ ଉପାୟରେ ଯଥା ଏଲପିଜି ବଟଲିଂ ପ୍ଲାଂଟ, ମୂଲ୍ୟ ନିର୍ଦ୍ଧାରଣ, ଲାଇସେନ୍ସ, ଭାଷା ରଣନୈତିକ ଆଧାରରେ ଘାନାରେ ସ୍ୱାସ୍ଥ୍ୟର ବିକାଶ ଏବଂ ପରିବେଶକୁ ସୁରକ୍ଷା ରଖିବାରେ ସହଯୋଗ କରିବ। ଏହାସହ ନୂଆ ଏଲପିଜି ମୂଲ୍ୟ ଶୃଙ୍ଖଳାରେ ଘାନାର ଭିତିଭୂମି କ୍ଷେତ୍ରରେ ମଧ୍ୟ ସହାଯ୍ୟ କରିବ। ଏହାବ୍ୟତିତ ଘାନାର ଡାଉନଷ୍ଟ୍ରିମ ପେଟ୍ରୋଲିୟମ କ୍ଷେତ୍ରରେ ଏକ ବାଣିଜ୍ୟିକ ସହଯୋଗୀ ଭାବରେ ଭାଗ ନେଲେ ଏହି ଏମଓୟୁ ଇଣ୍ଡିଆନ ଅଏଲକୁ ପ୍ରଶାସନିକ ସହାୟତା ମଧ୍ୟ ପ୍ରଦାନ କରିବ। ଇଣ୍ଡିଆନ ଅଏଲ ଏବଂ ଅନ୍ୟ ତୈଳ ବିପଣନ କମ୍ପାନୀ ମାନଙ୍କ ସହଯୋଗରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ ଦ୍ୱାରା ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା ସଫଳତା ହାସଲ କରିପାରିଛି। ଦୁଇ ଦେଶ ମଧ୍ୟରେ ହୋଇଥିବା ଏହି ଏମଓୟୁ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ଲକ୍ଷ ଲକ୍ଷ ଭାରତୀୟଙ୍କୁ ସ୍ୱଚ୍ଛ ଉର୍ଜା ପ୍ରଦାନ କରିବା ଦିଗରେ ଏକ ସଙ୍କେତକୁ ସୂଚାଉଛି।

# ପୁନେରେ ନିର୍ମାଣ ହେବ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର




**ପୁନେ :** ପୁନେର ଭେଷରୀରେ ରହୁଥିବା ଓଡ଼ିଆ ମାନଙ୍କ ସଂଗଠନ ଶ୍ରୀକ୍ଷେତ୍ର ମିତ୍ର ମଣ୍ଡଳ ତରଫରୁ ପ୍ରଥମଥର ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯିବ। ଏଥିପାଇଁ ବିଧି ଅନୁସାରେ ଭୂମିପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଛି। ଓଡ଼ିଶା ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଶ୍ରୀକ୍ଷେତ୍ର ମିତ୍ର ମଣ୍ଡଳ ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଆସୁଛି। ଅଷ୍ଟମ ପ୍ରହରୀ ନାମଯଜ୍ଞ ଭଳି ଅନେକ ଆଧାତ୍ମିକ କାର୍ଯ୍ୟ କରି ଏହି ସଂଗଠନ ପୁନେବାସୀଙ୍କ ମନରେ ଓଡ଼ିଆ ସଂସ୍କୃତିର ଜାଗରଣ ସୃଷ୍ଟି କରିଛି। ଆଗାମୀ ୧ବର୍ଷ ମଧ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ଶେଷ କରିବାକୁ କମିଟି ପକ୍ଷରୁ ସ୍ଥିର କରାଯାଇଛି। ଏହି ମନ୍ଦିରର ଉଚ୍ଚତା ୪୦ଫୁଟ୍ ରହିବ ଏବଂ ଶ୍ରୀକ୍ଷେତ୍ର ଭଳି ଏଠାରେ ସବୁ ପ୍ରକାର ନୀତିକାନ୍ତି ହେବ ବୋଲି ଅନୁଷ୍ଠାନର ସଭାପତି ପ୍ରଦୀପ ସ୍ୱାଇଁ କହିଛନ୍ତି। ଭୂମିପୂଜନ କାର୍ଯ୍ୟକ୍ରମରେ ହଜାର ହଜାର ଓଡ଼ିଆ ଶ୍ରଦ୍ଧାଳୁଙ୍କ ସହିତ ଭେଷରୀବାସୀ ମଧ୍ୟ ସାମିଲ ହୋଇଥିଲେ।

PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286


PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455


MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455


ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି